ବର୍ଷ-୨୬, ସଂଖ୍ୟା-୨୨୩
ଭୁବନେଶ୍ୱର
ଅଗଷ୍ଟ ୧୯, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 223
Bhubaneswar
August, 19 2026, Wednesday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଟେଷ୍ଟରେ ପନ୍ତଙ୍କ ରେକର୍ଡ



# ୧୦୦୦ କୋଟିର ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୮(ମହାଭାରତ): ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ କରି କ୍ଷୟକ୍ଷତିର ଅନୁଧ୍ୟାନ କରିବା ପରେ ଆଜି ରାଜ୍ୟର ବନ୍ୟା ପ୍ରଭାବିତଙ୍କ ପାଇଁ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ୟାକେଜ୍ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଘୋଷଣା କରାଯାଇଛି । ଚୂଡାନ୍ତ ଆକଳନ ପରେ ଏହି ସହାୟତା ପରିମାଣ ବୃଦ୍ଧି କରାଯାଇପାରେ ।

ଆଜି ସକାଳେ ମୁଖ୍ୟମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ବନ୍ୟା ପରିସ୍ଥିତି ଓ ରିଲିଫ୍ ସହାୟତା ସମ୍ପର୍କରେ ଆଲୋଚନା କରିବା ପରେ ଲୋକସେବା ଭବନ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଆମ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଅଛନ୍ତି । ଅର୍ଥ ଏ ଦିଗରେ ପ୍ରତିବନ୍ଧକ ହେବ ନାହିଁ, ଯାହା ଆବଶ୍ୟକ ଯୋଗାଇ ଦିଆଯିବ।

ବନ୍ୟାର କାରଣ ସମ୍ପର୍କରେ ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷ ବର୍ଷା ପରିସ୍ଥିତି ଅତ୍ୟନ୍ତ ଅସ୍ୱାଭାବିକ ରହିଛି। ଜୁନ, ଜୁଲାଇ, ଅଗଷ୍ଟ- ଗତ ତିନି ମାସ ମଧ୍ୟରେ ୧୧୦୦ ମିଲିମିଟର'ରୁ ଅଧିକ ବର୍ଷା ହୋଇଛି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପରିମାଣ ସ୍ୱାଭାବିକ ବର୍ଷା ପରିମାଣରୁ ୩୪ ପ୍ରତିଶତ ଅଧିକ । ଗତ ୨୫ ବର୍ଷ ମଧ୍ୟରେ ଏଭଳି ସ୍ଥିତି କେବେ ବି ହୋଇ ନଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ କାଲି ସେ ସଡକ ମାର୍ଗରେ ଯାଇ ପ୍ରଭାବିତ ଅଞ୍ଚଳରେ ବୋଟ୍ ଯୋଗେ ଓ ପାଦରେ ଚାଲି ଚାଲି ଗାଁ ଗାଁ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହିତ କ୍ଷତିଗ୍ରସ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ । ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର କସପା ଓ ତରପଦା ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମ ଓ ଭଦ୍ରକ ଜିଲ୍ଲା ତିହିଡି ବ୍ଲକ୍ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକମାନଙ୍କୁ ଭେଟି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଯାଜପୁର ଜିଲ୍ଲା ରାମଚନ୍ଦ୍ରପୁର ସ୍କୁଲରେ ପ୍ରସ୍ତୁତ ହେଉଥିବା ରନ୍ଧା ଖାଦ୍ୟର ମାନ ଯାଞ୍ଚ



କରିଥିଲେ। ଏହା ସହିତ ଭଦ୍ରକ ଜିଲ୍ଲାର ଦପାନାଆକାଣି ସ୍କୁଲ ସ୍ଥିତ ଆଶ୍ରୟସ୍ଥଳ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସୁବିଧା ଅସୁବିଧା, ବିଶେଷକରି ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଗଣମାଧ୍ୟମକୁ ଏହି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାରଙ୍କ ରିଲିଫ୍ ଓ ଅନ୍ୟାନ୍ୟ ସହାୟତା ବାବଦରେ ଜନସାଧାରଣ ସନ୍ତୁଷ୍ଟ ଅଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର। ଯେକୌଣସି ବିପର୍ଯ୍ୟୟ ଆସୁନା କାହିଁକି, ଆମେ ଲୋକଙ୍କ ସୁଖ ଦୁଃଖରେ ଅଛୁ ଓ ରହିବୁ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭଦ୍ରକ ଓ ଯାଜପୁର ସହିତ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ କେନ୍ଦ୍ରାପଡା ଜିଲ୍ଲାରେ ମଧ୍ୟ ବନ୍ୟାସ୍ଥିତି ଉପୁଜିଛି । ଏହି ୬ ଟି ଜିଲ୍ଲାର ସ୍ଥିତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଜିଲ୍ଲା ଗୁଡିକର ୭୪ଟି ବ୍ଲକର ୧୩୮୧ଟି ଗାଁ'ର ୯.୪୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩.୭୦ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି । ୫୫୦ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇ ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ୬ ଟି ଜିଲ୍ଲାରେ ସମୁଦାୟ ୪୫ଟି ଓଡ୍ରାଫ, ୮ଟି ଏନଡିଆରଏଫ ଏବଂ ୬୫ଟି ଅଗ୍ନିଶମ ସେବା ଦଳ ନିୟୋଜିତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା ହୋଇଥିବା ୧୦୦୦ କୋଟି ଟଙ୍କାର ପ୍ୟାକେଜ୍ ମଧ୍ୟରେ ବନ୍ୟା ପ୍ରଭାବିତ ଚାଷୀମାନଙ୍କ ପାଇଁ କୃଷି ଇନପୁଟ୍ ସବସିଡି ସହିତ ବିଭିନ୍ନ ପ୍ରକାରର ସହାୟତା ବ୍ୟବସ୍ଥା କରାଯାଇଛି । ଏହା ହେଲା-୧ - ବନ୍ୟା ପ୍ରଭାବିତ ଚାଷୀମାନଙ୍କୁ କୃଷି ଇନପୁଟ୍ ସବ୍‌ସିଡି ବାବଦକୁ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯିବ । ଏଥିରେ ୩୩ ପ୍ରତିଶତ ଓ ତାହାଠାରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦, ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୭,୦୦୦ ଏବଂ ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ କୃଷି ଇନପୁଟ୍ ସବସିଡି ପ୍ରଦାନ କରାଯିବ। ୨- କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବିଭିନ୍ନ ପ୍ରଜାତିର ଧାନ ଓ ଅଣଧାନ (ଯଥା- ବିରି) ବିହନ କିଣିବା ନିମନ୍ତେ ଆର୍ଥିକ ସହାୟତା ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ । ସରକାରଙ୍କ ତରଫରୁ ସରକାରୀ ଓ ଘରୋଇ ବ୍ୟବସ୍ଥା ମାଧ୍ୟମରେ ଆବଶ୍ୟକୀୟ ବିହନ ଚାଷୀମାନଙ୍କୁ କିଣିବା ପାଇଁ ଉପଲବ୍ଧ କରାଯିବ । ୩- କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମାଗଣାରେ ପନିପରିବା ମିନିକିଟ୍ ପ୍ରଦାନ କରାଯିବ । ବନ୍ୟା ପରବର୍ତ୍ତୀ ରୋଗ ପୋକ ପରିଚାଳନା ପାଇଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୭୫% ସବ୍‌ସିଡି ପ୍ରଦାନ କରାଯିବ ।୪- କ୍ଷତିଗ୍ରସ୍ତ ଉଠା ଜଳସେଚନ ପଏଣ୍ଟ ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ୫- ପ୍ରାଣିସମ୍ପଦ କ୍ଷତିର ଭରଣା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହାବ୍ୟତୀତ ନଷ୍ଟ ହୋଇଯାଇଥିବା ଡଙ୍ଗା, ଜାଲ, ପୋଖରୀ ଇତ୍ୟାଦି ପାଇଁ ଆର୍ଥିକ ସହାୟତା ଦିଆଯିବ ।୬- ଇଚ୍ଛୁକ ଚାଷୀଙ୍କ ସ୍ୱଳ୍ପ ମିଆଦୀ ଖରିଫ୍ କୃଷି ଋଣକୁ ମଧ୍ୟମ ଅବଧି କୃଷି ଋଣରେ ପରିଣତ କରାଯିବ । ୭- ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ କ୍ଷତିଗ୍ରସ୍ତ ଉପକରଣ/ଯନ୍ତ୍ରପାତି କିଣିବା ପାଇଁ ୫ ହଜାର ଟଙ୍କା ଏବଂ କଞ୍ଚାମାଲ/ପ୍ରସ୍ତୁତ ସାମଗ୍ରୀ କ୍ଷତି ପାଇଁ ୫ ହଜାର ଟଙ୍କା ସହାୟତା ଦିଆଯିବ ।୮- ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, କେନାଲବନ୍ଧର ସାମୟିକ ମରାମତି ଯୁଦ୍ଧକାଳୀନ ଭିତ୍ତିରେ କରାଯିବ। ସମସ୍ତ କ୍ଷତିଗ୍ରସ୍ତ ଭିତ୍ତିଭୂମି କ୍ଷତିର ଆକଳନ ପରେ ସ୍ଥାୟୀ ମରାମତି ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ୯- ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ/ଶୁଖିଲା ଖାଦ୍ୟ ଯୋଗାଣ ଜାରି ରହିବ। ଏହା ସହିତ ଅତିରିକ୍ତ ଭାବରେ ଆବଶ୍ୟକୀୟ ରିଲିଫ୍ ଚାଉଳ ଯୋଗାଇ ଦିଆଯିବ ।୧୦- ବନ୍ୟା ପ୍ରଭାବିତ ବ୍ୟକ୍ତି ବିଶେଷଙ୍କୁ ବାସନ-କୁସନ ଓ ବସ୍ତ୍ର ନିମନ୍ତେ ଆବଶ୍ୟକୀୟ ଅର୍ଥ ପ୍ରଦାନ କରାଯିବ। ଗଣମାଧ୍ୟମକୁ ବିବୃତ୍ତି ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କ ସହିତ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ଉପସ୍ଥିତ ଥିଲେ ।

- ପ୍ରଭାବିତ ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ କୃଷି ଇନପୁଟ୍ ସବସିଡି ସହାୟତା ପ୍ରଦାନ
- କ୍ଷତିଗ୍ରସ୍ତ ଚାଷୀଙ୍କୁ ଧାନ ଓ ଅଣଧାନ ବିହନ କ୍ରୟ ପାଇଁ ଡିବିଟି ମାଧ୍ୟମରେ ସହାୟତା ପ୍ରଦାନ
- କ୍ଷତିଗ୍ରସ୍ତ ରାସ୍ତାଘାଟ, କେନାଲ ବନ୍ଧକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବ
- ଚଳିତ ବର୍ଷ ସ୍ୱାଭାବିକ ଠାରୁ ୩୪ ପ୍ରତିଶତ ଅଧିକ ବର୍ଷା, ଗତ ୨୫ ବର୍ଷରେ ସର୍ବାଧିକ
- ଯେକୌଣସି ବିପର୍ଯ୍ୟୟ ଆସୁନା କାହିଁକି, ଆମେ ଲୋକଙ୍କ ସୁଖ ଦୁଃଖରେ ଅଛୁ ଓ ରହିବୁ
- କ୍ଷତିଗ୍ରସ୍ତ ଅଞ୍ଚଳରେ ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଅର୍ଥ କେବେ ପ୍ରତିବନ୍ଧକ ହେବ ନାହିଁ- ମୁଖ୍ୟମନ୍ତ୍ରୀ

## ଏକତରଫା ପ୍ରେମରୁ ଗୋଡାଇ ଗୋଡାଇ ହାଣିଲେ

ଭୁବନେଶ୍ୱର,୧୮।୮: ଔପଦା ଥାନା ପାଟଣା ଗ୍ରାମର ଏକ ତରଫା ପ୍ରେମରୁ କରୁଣ ପରିସ୍ଥିତିର ଚିତ୍ର ସାମ୍ନାକୁ ଆସିଛି। ଜଣେ ଶିକ୍ଷକଙ୍କ ଭୁଜାଲି ଚୋଟରେ ଶିକ୍ଷୟିତ୍ରୀଙ୍କ ପରିବାରର ୫ ଜଣ ସଦସ୍ୟ ଗୁରୁତର ଆହତ ହୋଇ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ ଔପଦା ହାଇସ୍କୁଲରେ ପୃଥ୍ୱୀରାଜ କର ନାମକ ଜଣେ ଶିକ୍ଷକ ସେହି ସ୍କୁଲର ଶିକ୍ଷୟତ୍ରୀଙ୍କୁ ଏକ ତରଫା ପ୍ରେମ କରୁଥିଲେ। ଶିକ୍ଷୟିତ୍ରୀଙ୍କ ପରିବାର ଲୋକେ ଏଥିରେ ରାଜି ନହେବାରୁ କିଛିଦିନ ହେବ ବିବାଦ ଲାଗିରହିଥିଲା। ଆଜି ଅପରାହ୍ଣରେ ସ୍କୁଲ ଛୁଟି ହେବା ପରେ ଶିକ୍ଷକ ଜଣଙ୍କ ଶିକ୍ଷୟିତ୍ରୀଙ୍କ ଘରେ ପହଂଚି ଏକ ଭୁଜାଲିରେ ଶିକ୍ଷୟିତ୍ରୀ ସୁଚିସ୍ମିତା ସେଠୀଙ୍କ ସମେତ ତାଙ୍କ ବାପା କୃଷ୍ଣଚନ୍ଦ୍ର ସେଠୀ ,ମା ପ୍ରଭାସିନୀ ସେଠୀ, ଜେଜେବାପା ବାବାଜୀ ସେଠୀ ଓ ଭାଇ ଜ୍ୟୋତିର୍ମୟ ସେଠୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସମସ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ଔପଦା ପୁଲିସ ସମସ୍ତଙ୍କୁ ଉଦ୍ଧାର କରି ଖଇରା ,ଔପଦା ଓ ସୋର ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ। ଖବର ପାଇ ଔପଦା ପୁଲିସ ଉନ୍ମୁକ୍ତ କାଣ୍ଡ ଭିଆଇ ଥିବା ଶିକ୍ଷକଙ୍କୁ ଥାନାରେ ଅଟକ ରଖିବା ସହିତ ତାଙ୍କ ନିକଟରୁ ଭୁଜାଲି ଜବତ କରିଛି।

### ସୁପ୍ରିମକୋର୍ଟରେ ଓଡିଶା ଡିଜିପି ନିଯୁକ୍ତି ବିବାଦ

## ସେପ୍ଟେମ୍ବର ୨ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ,୧୮।୮(ମହାଭାରତ):ଓଡିଶା ପୁଲିସର ପରବର୍ତ୍ତୀ ମୁଖିଆ(ଡିଜିପି) ଚୟନକୁ ନେଇ ଆଇନଗତ ନିର୍ଯ୍ୟାସ ବାହାରି ପାରିନାହିଁ। ସୁପ୍ରିମକୋର୍ଟରେ ଆଜି ପୁଣିଥରେ ଶୁଣାଣି ସମ୍ଭବପର ହୋଇପାରିନାହିଁ । ଡିଜିପି ପ୍ୟାନେଲରେ କନିଷ୍ଠ ତଥା ଅଯୋଗ୍ୟ ଅଫିସରଙ୍କୁ ସାମିଲ କରିବା ଅଭିଯୋଗ ନେଇ ଦାଏର ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାରଙ୍କ ଜବାବ କୋର୍ଟଙ୍କ ରେକର୍ଡଭୁକ୍ତ ହୋଇନଥିବାରୁ ସୁପ୍ରିମକୋର୍ଟ ଆଜିର ଶୁଣାଣିକୁ ଘୁଂଚାଇ ଦେଇଛନ୍ତି। ଓଡିଶା ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ଓକିଲ ତୁଷାର ମେହେଟ୍ଟା ଆଜି ଶୁଣାଣି ନକରି ଆସନ୍ତାକାଲି ପାଇଁ ତାରିଖ ଧାର୍ଯ୍ୟ ନିମନ୍ତେ ଅନୁରୋଧ କରିଥିଲେ ମଧ୍ୟ ଖଣ୍ଡପୀଠ ଅନ୍ୟ କାର୍ଯ୍ୟ ଥିବାରୁ ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨ତାରିଖକୁ ଧାର୍ଯ୍ୟ କରିଛନ୍ତି।



ଆଜି ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି. ମୋହନାଙ୍କ ଖଣ୍ଡପୀଠରେ ଶୁଣାଣିବେଳେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ରାଜ୍ୟ ସରକାରଙ୍କ ପକ୍ଷ ରଖିଥିଲେ। ସେ କହିଥିଲେ ଯେ, ଗତକାଲିଠୁ ରାଜ୍ୟ ସରକାରଙ୍କ ଜବାବ ଦାଖଲ ହୋଇସାରିଛି। ସେଥିରେ ସବୁକିଛି ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି । ସେହି ଜବାବକୁ ଅନୁଧ୍ୟାନ କରିବା ନିମନ୍ତେ ଖଣ୍ଡପୀଠଙ୍କୁ ଶ୍ରୀ ମେହେଟ୍ଟା ଅନୁରାଧ କରିଥିଲେ। ଏଥିସହ ମାମଲା ସହ ଜଡିତ ପକ୍ଷମାନେ ରଖୁଥିବା ତଥ୍ୟ ସବୁ ସତ୍ୟ ନୁହେଁ ବୋଲି ଖଣ୍ଡପୀଠଙ୍କୁ ଶ୍ରୀ ମେହେଟ୍ଟା ଅବଗତ କରାଇଥିଲେ। ରାଜ୍ୟ ସରକାର ଦେଇଥିବା ଜବାବକୁ ଖଣ୍ଡପୀଠ ତର୍ଜମା କରିବେ ବୋଲି କହିବା ସହ ପରବର୍ତ୍ତୀ ତାରିଖରେ ସବୁ ପକ୍ଷଙ୍କ ମତାମତ ଶୁଣିବେ ବୋଲି କହିଛନ୍ତି। ସେହିପରି ଆମିକସ୍ କ୍ୟୁରି ରାଜୁ ରାମଚନ୍ଦ୍ରନ ଉଭୟ ରାଜ୍ୟ ସରକାର ଓ ୟୁପିଏସସିଙ୍କ ଲିଖିତ ଜବାବ ପାଇଥିବା ଖଣ୍ଡପୀଠଙ୍କୁ ଅବଗତ କରିଥିଲେ। ଅନ୍ୟପକ୍ଷରେ ଆବେଦନକାରୀଙ୍କ ଓକିଲ ପି.ଚିଦାମ୍ବରମ ରାଜ୍ୟର ଜବାବ ଉପରେ ୩-୪ଟି ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ପ୍ରତିଜବାବ ଦାଖଲ କରିବାକୁ ଖଣ୍ଡପୀଠଙ୍କ ଅନୁମତି ଲୋଡିଥିଲେ। କୋର୍ଟ ତାଙ୍କୁ ଏକ ସପ୍ତାହ ମଧ୍ୟରେ ନିଜର ପ୍ରତିଜବାବ ରଖିବାକୁ ସମୟ ଦେଇଛନ୍ତି ।ଉଲ୍ଲେଖଯୋଗ୍ୟ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ନଆସିବା ପର୍ଯ୍ୟନ୍ତ କୌଣସି ଚୂଡାନ୍ତ ନିଷ୍ପତ୍ତି ନିଆଯିବ ନାହିଁ ବୋଲି ୟୁପିଏସସି ମଧ୍ୟ ଖଣ୍ଡପୀଠଙ୍କୁ ଲିଖିତ ଭାବେ ଅବଗତ କରାଇଛି। ଯଦି ପୁଲିସ ଡିଜି ଚୟନ ପ୍ରକ୍ରିୟାବେଳେ ସୁପ୍ରିମକୋର୍ଟଙ୍କ ଗାଇଡଲାଇନକୁ କୌଣସି ରାଜ୍ୟ ସରକାର ପାଳନ କରୁନାହାନ୍ତି, ତାଙ୍କ ବିରୁଦ୍ଧରେ ଅଦାଲତ ଅବମାନନା କେସ୍ ଦାଏର କରିବାକୁ ୟୁପିଏସସିକୁ ଖଣ୍ଡପୀଠ ମଧ୍ୟ କହିଛନ୍ତି।

## ୩ ରାଜ୍ୟ ପାଇଁ ବିଜେପିର ପ୍ରଭାରୀ ନିଯୁକ୍ତି

ନୂଆଦିଲ୍ଲୀ,୧୮।୦୮(ମହାଭରତ): ଭାରତୀୟ ଜନତା ପାର୍ଟିର ବଡ଼ ପ୍ରସ୍ତୁତି । ୩ ରାଜ୍ୟ ପାଇଁ ବିଜେପି ପ୍ରଭାରୀ ଓ ସହପ୍ରଭାରୀ ନିଯୁକ୍ତ କରିଛି । ନୂଆ ନିଯୁକ୍ତି ଦେଇଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ । ଉତ୍ତରପ୍ରଦେଶ, ପଞ୍ଜାବ ଓ ଗୁଜରାଟ ପାଇଁ ପ୍ରଭାରୀ ଓ ସହପ୍ରଭାରୀ ନିଯୁକ୍ତି ହୋଇଛି । ବିନୋଦ ତାୱଡ଼ ? ଉତ୍ତରପ୍ରଦେଶରେ ପ୍ରଭାରୀ ନିଯୁକ୍ତ ହୋଇଛନ୍ତି । ୟୁପି ସହପ୍ରଭାରୀ ଭାବେ ଜଗଦୀଶ ଇଶ୍ୱରଭାଇ ପଟେଲଙ୍କୁ ନିଯୁକ୍ତ କରାଯାଇଛି । ସେହିପରି ପଞ୍ଜାବରେ ପ୍ରଭାରୀ ଭାବେ ସତୀଶ ପୁନିଆଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଗୁଜରାଟରେ ପ୍ରଭାରୀ ଭାବେ ତରୁଣ ଚୁଗଙ୍କୁ ଦାୟିତ୍ୱ ମିଳିଛି । ଭାରତୀୟ ଜନତା ପାର୍ଟି ବଡ଼ ନିଷ୍ପତ୍ତି ନେଇ ବିନୋଦ ତାୱଡେଙ୍କୁ ଉତ୍ତରପ୍ରଦେଶ ପ୍ରଭାରୀ କରିଛି । ବିନୋଦ ତାୱଡେ ଗତ କିଛି ମାସ ଧରି ୟୁପିରେ କ୍ରମାଗତ ଭାବରେ ସକ୍ରିୟ ଅଛନ୍ତି । ତାଙ୍କ ସହିତ ଜଗଦୀଶ ଇଶ୍ୱରଭାଇ ପଟେଙ୍କୁ କୋ-ଇନଚାର୍ଜ ଦାୟିତ୍ୱ ଦେଇଛି । ସେହିପରି ତରୁଣ ଚୁଗଙ୍କୁ ଗୁଜରାଟ ଏବଂ ସତୀଶ ପୁନିଆଙ୍କୁ ପଞ୍ଜାବ ପ୍ରଭାରୀ କରିଛି ଦଳ ।

### ସିଜେପି ଆନ୍ଦୋଳନରେ ସୁପ୍ରିମକୋର୍ଟଙ୍କ ବଡ ନିଷ୍ପତ୍ତି

## ମାତ୍ରାଧିକ କାର୍ଯ୍ୟାନୁଷ୍ଠାନର ତଦନ୍ତ କରିବ ସ୍ୱତନ୍ତ୍ର କମିଟି

**ନୂଆଦିଲ୍ଲୀ,୧୮।୮(ମହାଭାରତ):** କକ୍ରୋଚ ଜନତା ପାର୍ଟି(ସିଜେପି)ର ଜୁଲାଇ ୨୦ ତାରିଖ ବିକ୍ଷୋଭ ବେଳେ ଘଟିଥିବା ଘଟଣାରେ ସୁପ୍ରିମକୋର୍ଟଙ୍କ ବଡ ନିଷ୍ପତ୍ତି। ସିଜେପି ଆନ୍ଦୋଳନ ବେଳେ ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଓ ହିଂସାକାଣ୍ଡର ତଦନ୍ତ କରିବାକୁ ରାଜି ହୋଇଛନ୍ତି ସର୍ବୋଚ୍ଚ ଅଦାଲତ। ଏଥିପାଇଁ ସୁପ୍ରିମକୋର୍ଟ ଗଠନ କରିଛନ୍ତି ଉଚ୍ଚ କ୍ଷମତା ସମ୍ପନ୍ନ କମିଟି।



ଏହି କମିଟିର ନେତୃତ୍ୱ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ନେବେ। ଏହାବାଦ କମିଟିରେ ହାଇକୋର୍ଟର ଜଣେ ପୂର୍ବତନ ମୁଖ୍ୟ ବିଚାରପତି, ଜଣେ ପୂର୍ବତନ ଡିଜିପି ଓ ସିବିଆଇର ପୂର୍ବତନ ନିର୍ଦ୍ଦେଶକ ରହିପାରନ୍ତି। ଘଟଣା ସହ ଜଡିତ ନଥିବା ରାଜ୍ୟର ଜଣେ ପୂର୍ବତନ ଡିଜିପି ଓ ପୂର୍ବତନ ସିବିଆଇ ନିର୍ଦ୍ଦେଶକ କମିଟିରେ ସାମିଲ ହେବାକୁ ସହମତ ପ୍ରକାଶ କରିଥିବା ସୁପ୍ରିମକୋର୍ଟ ସୂଚନା ଦେଇଛନ୍ତି। ସେହିପରି କମିଟିର ଗଠନ ଓ କାର୍ଯ୍ୟକାରିତା ସମ୍ପର୍କିତ ସମସ୍ତ ଦିଗକୁ ବିଚାର କରିବା ପରେ ବୁଧବାର ଏନେଇ ବିଧିବଦ୍ଧ ନିର୍ଦ୍ଦେଶ ଜାରି କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହି କମିଟି ସିଜେପି ଆନ୍‌ଦୋଳନ ବେଳେ ଘଟିଥିବା ସମସ୍ତ ଘଟଣାର ଯାଞ୍ଚ କରିବେ। ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଠାରୁ ଆରମ୍ଭ କରି ପୁଲିସ ଉପରେ ହୋଇଥିବା ଆକ୍ରମଣର ଅଭିଯୋଗର ତଦନ୍ତ ପ୍ୟାନେଲ କରିବ ବୋଲି ସୁପ୍ରିମକୋର୍ଟ ଆଜି କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନାଙ୍କ ଖଣ୍ଡପୀଠ କହିଛନ୍ତି ଯେ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ତଥ୍ୟ ସଂଗ୍ରହ କରିବ ଓ ପର୍ଯ୍ୟାୟକ୍ରମେ ରିପୋର୍ଟ ଦାଖଲ କରିବ। ଏହାଦ୍ୱାରା କୋର୍ଟ ଆବଶ୍ୟକ ନିର୍ଦ୍ଦେଶ ଜାରି କରିପାରିବେ। ଖଣ୍ଡପୀଠ କହିଛନ୍ତି, "ଆମେ କମିଟିକୁ ସମସ୍ତ ସହାୟତା ଯୋଗାଇଦେବୁ। କମିଟି ନିକଟକୁ ଯେକୌଣସି ପ୍ରଭାବିତ ଲୋକ ଆସିଲେ ସେମାନେ ତାଙ୍କ ତୁରନ୍ତ ଶୁଣିବେ। ତାଙ୍କୁ ନ୍ୟାୟ ପାଇଁ ସୁଯୋଗ ଦେବେ। କମିଟି ପର୍ଯ୍ୟାୟକ୍ରମେ ଯେଉଁ ସୁପାରିସ କରିବେ, ଆମେ ସେହି ଅନୁସାରେ ଆଇନଗତ ପଦକ୍ଷେପ ନେବୁ।"

କେବଳ ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଓ ହିଂସା ନୁହେଁ, ବିକ୍ଷୋଭ ବେଳେ ଛାତ୍ରୀମାନଙ୍କ ପ୍ରତି ହୋଇଥିବା ଅଭଦ୍ର ବ୍ୟବହାର ଓ ସୋଶାଲ ମିଡିଆରେ ଗାଳିଗୁଲଜ କରାଯିବା ଅଭିଯୋଗର ଯାଞ୍ଚ ମଧ୍ୟ ୩ ଜଣିଆ କମିଟି କରିବ। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ କହିଛନ୍ତି, "ଯିଏ ଦାୟୀ ହୁଅନ୍ତୁ ନା କାହିଁକି, କୌଣସି ବାହାନା ଗ୍ରହଣୀୟ ନୁହେଁ। ଏହାକୁ ଗୁରୁତର ଭାବେ ବିଚାର କରାଯିବ। ସେଥିପାଇଁ ଆମେ ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଗଠନ କରୁଛୁ। ଘଟଣାଗୁଡ଼ିକର ପ୍ରତ୍ୟେକ ଦିଗକୁ କମିଟି ଯାଞ୍ଚ କରିବ।"ଶୁଣାଣି ବେଳେ ବିଭିନ୍ନ ଥାନାରେ ପୁଲିସ୍ ଶିକ୍ଷାର୍ଥୀଙ୍କ ବିରୋଧରେ ରୁଜୁ କରିଥିବା ଏଫଆଇଆର ସମ୍ପର୍କରେ କୋର୍ଟ ବଡ କଥା କହିଛନ୍ତି।

## ଟାଟା ସନ୍ସର ବାର୍ଷିକ ସାଧାରଣ ବୈଠକ ସ୍ଥଗିତ

ନୂଆଦିଲ୍ଲୀ,୧୮।୮(ମହାଭାରତ): କୋରମ ଅଭାବରୁ ଟାଟା ସନ୍ସର ବାର୍ଷିକ ସାଧାରଣ ବୈଠକ ସ୍ଥଗିତ ରଖାଯାଇଛି। ବୈଠକ ପାଇଁ ଆବଶ୍ୟକ ସଂଖ୍ୟକ ସଦସ୍ୟ ଉପସ୍ଥିତ ନଥିଲେ, ଯାହା ଫଳରେ ଏହାକୁ ସ୍ଥଗିତ ରଖିବା ଜରୁରୀ ହୋଇପଡ଼ିଥିଲା। ଉଲ୍ଲେଖଯୋଗ୍ୟ, ଗତ ୧୦୦ ବର୍ଷ ମଧ୍ୟରେ ଏହା ପ୍ରଥମ ଥର ପାଇଁ ଟାଟା ସନ୍ସ ଏହାର ଇଏଜି ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ଭିଡିଓ କନଫରେନ୍ସିଂ ଏବଂ ଅଡିଓ-ଭିଜୁଆଲ ମାଧ୍ୟମରେ ଇଏଜି ଅପରାହ୍ଣ ୨.୩୦ରେ ସ୍ଥିର କରାଯାଇଥିଲା। କିନ୍ତୁ ଆବଶ୍ୟକୀୟ କୋରମ ପୂରଣ ନ ହେବାରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ସୂତ୍ର ଅନୁଯାୟୀ, ସାର୍ ରତନ ଟାଟା ଟ୍ରଷ୍ଟ ଏବଂ ସାର୍ ଦୋରାବଜୀ ଟାଟା ଟ୍ରଷ୍ଟ ଦ୍ୱାରା ମିଳିତ ଭାବରେ ମନୋନୀତ ହେବାକୁ ଥିବା ପ୍ରତିନିଧିଙ୍କ ସମ୍ପର୍କରେ ବିଦ୍ୟମାନ ନିୟାମକ ପ୍ରତିବନ୍ଧକ ଯୋଗୁ ଏହି ସମସ୍ୟା ଉପୁଜିଥିଲା।

## ସ୍ମାର୍ଟ ଟ୍ରାଫିକ୍ ସିଷ୍ଟମ୍‌କୁ ଅଧିକ କଡ଼ାକଡ଼ି କର : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୮।୮(ମହାଭାରତ): ଟ୍ୱିନ୍ ସିଟି ଭୁବନେଶ୍ୱର ଓ କଟକରେ ଦିନକୁ ଦିନ ବୃଦ୍ଧି ପାଉଥିବା ଯାତାୟାତ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ସହରଦ୍ୱୟର ସୌନ୍ଦର୍ଯ୍ୟକରଣ ପାଇଁ ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ ଲୋକସେବା ଭବନଠାରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଅନୁଷ୍ଠିତ ବୈଠକରେ ଟ୍ୱିନ୍ ସିଟିର ଟ୍ରାଫିକ୍ ଡିକଞ୍ଜେସନ୍ ପ୍ଲାନ୍ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି।

ରାଜଧାନୀ ଭୁବନେଶ୍ୱର ସହିତ ଆମର ଐତିହାସିକ ଓ ପୁରାତନ ସହର କଟକର ଯୋଗାଯୋଗ ସଡକ ଏବଂ ଏହାର ପାରିପାର୍ଶ୍ୱିକ ଅଞ୍ଚଳକୁ ଅଧିକ ସୁନ୍ଦର, ସ୍ୱଚ୍ଛ ଓ ସୁସଂଗଠିତ କରି ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ବୈଠକରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ଏଥିସହିତ ଟ୍ୱିନ୍ ସିଟିର ଯେଉଁ ସବୁ ପ୍ରମୁଖ ରାସ୍ତା ଓ ଟ୍ରାଫିକ୍ ଜଙ୍କସନ୍‌ଗୁଡ଼ିକ ଖରାପ ଅବସ୍ଥାରେ ଅଛି, ସେଗୁଡ଼ିକୁ ତୁରନ୍ତ ମରାମତି କରିବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗୀୟ ସଚିବ ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ଏହି ସମୀକ୍ଷା ବୈଠକରେ ଯାତାୟାତକୁ ଅଧିକ ସୁଗମ କରିବା ପାଇଁ ୮-ଲେନ୍ ବିଶିଷ୍ଟ ପ୍ରଶସ୍ତ ରାସ୍ତା (୮-ଲେନ ରୋଡ) ନିର୍ମାଣ ଓ ସମ୍ପ୍ରସାରଣ ଉପରେ ମୁଖ୍ୟମନ୍ତ୍ରୀ ବିଶେଷ ଗୁରୁତ୍ୱ ଦେଇଛନ୍ତି। କଟକରୁ ଭୁବନେଶ୍ୱର ଦେଇ ପୁରୀ ଅଭିମୁଖେ ଯାଉଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଯେପରି ବିନା କୌଣସି ଟ୍ରାଫିକ୍ ସମସ୍ୟାରେ ସହଜ ଓ ସୁବିଧାରେ ଯାତାୟାତ କରିପାରିବେ, ସେଥିପାଇଁ ନିରବଚ୍ଛିନ୍ନ ଗମନାଗମନ ବ୍ୟବସ୍ଥା ନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ପ୍ରମୁଖ ଜଙ୍କସନ୍‌ଗୁଡ଼ିକର ବିକାଶ, ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଫ୍ଲାଏଓଭର, ଓଭରବ୍ରିଜ୍, ସ୍ମାର୍ଟ ଟ୍ରାଫିକ୍ ସିଗନାଲ୍ ସିଷ୍ଟମ୍, ସିସିଟିଭି ବ୍ୟବସ୍ଥା ଏବଂ ବେଆଇନ୍ ପାର୍କିଂ ଉଚ୍ଛେଦ ଭଳି ପଦକ୍ଷେପକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦିଆଯାଇଛି।

ନଗରବାସୀଙ୍କୁ ସୁରକ୍ଷିତ ଯାତାୟାତ ସୁବିଧା ଯୋଗାଇଦେବା ସହ ଟ୍ୱିନ୍ ସିଟିର ନବକଳେବର ପାଇଁ ପୋଲିସ କମିଶନରେଟ୍, ନଗର ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ ଓ ସ୍ଥାନୀୟ ପ୍ରଶାସନ ମିଳିମିଶି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଟ୍ୱିନ୍ ସିଟି ପୋଲିସ୍ କମିଶନର ଏସ୍. ଦେବଦତ୍ତ ସିଂହ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଘୋଷଣା ହେଲା ଜାତୀୟ କ୍ରୀଡ଼ା ପୁରସ୍କାର ୨୦୨୫

## ୧୭ କ୍ରୀଡ଼ାବିତ୍‌ଙ୍କୁ ଅର୍ଜୁନ, ୫ ପ୍ରଶିକ୍ଷକଙ୍କୁ ଦ୍ରୋଣାଚାର୍ଯ୍ୟ ସମ୍ମାନ

ନୂଆଦିଲ୍ଲୀ,୧୮।୮(ମହାଭାରତ): ଦେଶର କ୍ରୀଡ଼ା ଜଗତ ପାଇଁ ବଡ଼ ଖବର। କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଓ ଅବଦାନ ପାଇଁ ଜାତୀୟ କ୍ରୀଡ଼ା ପୁରସ୍କାର ୨୦୨୫ ଘୋଷଣା କରିଛି କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ। ବିଭିନ୍ନ କ୍ରୀଡ଼ାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା



କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ ସଂଗଠନଗୁଡ଼ିକୁ ଏହି ସମ୍ମାନ ମିଳିବ।

ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ (ଅବସରପ୍ରାପ୍ତ) ଅରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟିର ସୁପାରିସ୍ ଆଧାରରେ ପୁରସ୍କାର ବିଜେତାଙ୍କୁ ଚୟନ କରାଯାଇଛି। କମିଟିରେ ବିଶିଷ୍ଟ କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରଶାସକ ଓ କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରର ଅଭିଜ୍ଞ ବ୍ୟକ୍ତିମାନେ ରହିଥିଲେ। ୨୦୨୫ ବର୍ଷ ପାଇଁ ମୋଟ ୧୭ ଜଣ କ୍ରୀଡ଼ାବିତ୍‌ଙ୍କୁ ଅର୍ଜୁନ ପୁରସ୍କାର ପାଇଁ ଚୟନ କରାଯାଇଛି। ଗତ ୪ ବର୍ଷର ନିରନ୍ତର ଉତ୍କୃଷ୍ଟ ପ୍ରଦର୍ଶନ ସହ ନେତୃତ୍ୱ, କ୍ରୀଡ଼ା ମନୋଭାବ ଓ ଶୃଙ୍ଖଳାକୁ ଆଧାର କରି ଏହି ଚୟନ ହୋଇଛି ।ପୁରସ୍କାର ପାଇବାକୁ ଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଆଥଲେଟ୍ ତେଜସ୍ୱିନ ଶଙ୍କର, ମହମ୍ମଦ ଅଜମଲ ଭି ଓ ପ୍ରିୟଙ୍କା ଗୋସ୍ୱାମୀ, ବ୍ୟାଡମିଣ୍ଟନ ଖେଳାଳି ତ୍ରିସା ଜଲି ଓ ପୁଲେଲା ଗାୟତ୍ରୀ ଗୋପୀଚନ୍ଦ, ବକ୍ସର ନରେନ୍ଦର ଏବଂ ଚେସ୍ ଖେଳାଳି ବିଦିତ ସନ୍ତୋଷ ଗୁଜରାଠୀ ଓ ଦିବ୍ୟା ଜିତେନ୍ଦ୍ର ଦେଶମୁଖ ରହିଛନ୍ତି ।ସେହିପରି ଡେଫ୍ ସୁଟର ଧନୁଷ ଶ୍ରୀକାନ୍ତ, ହକି ଖେଳାଳି ଲାଲରେମସିଆମି ଓ ରାଜକୁମାର ପାଲ, କବାଡ଼ି ଖେଳାଳି ସୁରଜିତ ଓ ପୂଜା, ପାରା-ସୁଟର ରୁଦ୍ରାଂଶ ଖଣ୍ଡେଲୱାଲ, ପାରା-ଆଥଲେଟ୍ ଏକତା ଭ୍ୟାନ, ରୋୱର ଅରବିନ୍ଦ ସିଂହ ଓ ସୁଟର ଅଖିଲ ଶିଓରାନଙ୍କୁ ମଧ୍ୟ ଅର୍ଜୁନ ପୁରସ୍କାର ମିଳିବ ।ଫୁଟବଲ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଇ. ଅରୁମାଇନାୟଗମ୍‌ଙ୍କୁ ଅର୍ଜୁନ ପୁରସ୍କାର (ଲାଇଫଟାଇମ୍) ପ୍ରଦାନ କରାଯିବ। ଅବସର ପରେ ମଧ୍ୟ କ୍ରୀଡ଼ାର ପ୍ରଚାର ଓ ବିକାଶରେ ଅବଦାନ ରଖିଥିବା କ୍ରୀଡ଼ାବିତ୍‌ଙ୍କୁ ଏହି ସମ୍ମାନ ଦିଆଯାଏ। ଉତ୍କୃଷ୍ଟ ପ୍ରଶିକ୍ଷକଙ୍କ ପାଇଁ ଦ୍ରୋଣାଚାର୍ଯ୍ୟ ପୁରସ୍କାରର ନିୟମିତ ଓ ଆଜୀବନ ବର୍ଗର ବିଜେତାଙ୍କ ନାମ ମଧ୍ୟ ଘୋଷଣା ହୋଇଛି। ନିୟମିତ ବର୍ଗରେ ଆଥଲେଟିକ୍ସ ପାଇଁ ପରବୀର ସିଂହ, ବକ୍ସିଂ ପାଇଁ ଛୋଟେ ଲାଲ ଯାଦବ ଏବଂ ସୁଟିଂ ପାଇଁ ନେହା ନନ୍ଦକୁମାର ଚଭାଣଙ୍କୁ ଚୟନ କରାଯାଇଛି।

## ଛେନା ପୁର ମଣ୍ଡା ପିଠା


**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥରେ ଅରୁଆ ଚାଉଳକୁ ପାଣିରେ ଭିଜାଇ ରଖନ୍ତୁ। କିଛି ଘଂଟା ପରେ ଏହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏହାକୁ ଏକ ପାତ୍ରରେ ରଖନ୍ତୁ। ଏହା ପରେ ପୁର ପ୍ରସ୍ତୁତ କରିବା ପାଇଁ ନଡ଼ିଆ କୋରି ଦିଅନ୍ତୁ। ଗ୍ୟାସରେ କଡ଼େଇ ବସାଇ ନଡ଼ିଆ। କୋରା, ଚିନି, ଛେନା ଏବଂ ଗୁଜୁରାତି ଗୁଣ୍ଡ ପକାଇ ଭାଜି ଦିଅନ୍ତୁ। ଆପଣ ଏଠାରେ ଚାହିଁଲେ ଚିନି ଜାଗାରେ ଗୁଡ଼ ମଧ୍ୟ ପକାଇ ପାରିବେ। ଏହାପରେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ। ପାଣି ଫୁଟିଯିବା ପରେ ଚାଉଳ ଚୂନା ପକାନ୍ତୁ ଓ ତାକୁ ଭଲ ଚଲାନ୍ତୁ। ଜନ୍ତା ପ୍ରସ୍ତୁତି ହୋଇଯିବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଜନ୍ତା ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ପୂର ଦେଇ ଗୋଲ ଗୋଲ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରି କରନ୍ତୁ। ପାଣି ଫୁଟିଯିବା ପରେ ସେଗୁଡ଼ିକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ସେଗୁଡ଼ିକୁ ପାଣିରୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ପୁର ଦିଆ ମଣ୍ଡାପିଠା।



ଖବର

## ଦୁନିଆରେ ସର୍ବଶ୍ରେଷ୍ଠ ଗୁରୁ



ଜଣେ ରାଜା ଥିଲେ। ତାଙ୍କୁ ଲେଖାପଢ଼ାର ଖୁବ ସଉକ ଥିଲା। ଏକଦା ମନ୍ତ୍ରୀ ପରିଷଦଙ୍କ ଜରିଆରେ ସେ ନିଜ ପାଇଁ ଏକ ଗୁରୁଙ୍କ ବ୍ୟବସ୍ଥା କରିବାକୁ ଜଣାଇଲେ। ଗୁରୁ ମଧ୍ୟ ରାଜାଙ୍କୁ ପଢ଼ାଇବାକୁ ପ୍ରତିଦିନ ଆସିବାକୁ ଲାଗିଲେ। ମାତ୍ର ରାଜାଙ୍କୁ କୌଣସି ଲାଭ ମିଳିବା ଭଳି ଅନୁଭବ ହେଲା ନାହିଁ। ରାଜା ଖୁବ ଚିନ୍ତିତ ରହିଲେ। ସେ ଗୁରୁଙ୍କ ଯୋଗ୍ୟତା ଓ ପ୍ରତିଭା ଉପରେ ମଧ୍ୟ ପ୍ରଶ୍ନ ଉଠାଇବାକୁ କୁଣ୍ଠା ପ୍ରକାଶ କଲେ, କାରଣ ସେ ଖୁବ ପ୍ରସିଦ୍ଧ ଗୁରୁ ଥିଲେ। ମାତ୍ର ଗୋଟିଏ ଦିନ ରାଣୀ ରାଜାଙ୍କୁ ପରାମର୍ଶ ଦେଇ କହିଲେ, ରାଜା ଆପଣ ଗୁରୁଙ୍କ ଏ ବିଷୟରେ ଥରେ ପଚାରି ଦେଖନ୍ତୁ। ଥରେ ରାଜା ସାହସ କରି ଗୁରୁଙ୍କ ସମ୍ମୁଖରେ ପଚାରିଲେ, ହେ ଗୁରୁଦେବ କ୍ଷମା କରନ୍ତୁ, ମୁଁ ବହୁ ମାସରୁ ଆପଣଙ୍କ ଠାରୁ ଶିକ୍ଷା ଗ୍ରହଣ କରୁଛି। ମାତ୍ର ମତେ କୌଣସି ଲାଭ ମିଳୁ ନାହିଁ, ଏହାର କାରଣ କ'ଣ ? ଗୁରୁଜୀ ଖୁବ ଶାନ୍ତ ସ୍ୱରରେ ଉତ୍ତର ଦେଲେ, ରାଜା ଏହାର କାରଣ ଖୁବ ସରଳ। ଏହା ଶୁଣି ରାଜା କହିଲେ, ମତେ ଶୀଘ୍ର ଏହାର ଉତ୍ତର ଦିଅନ୍ତୁ ଗୁରୁଦେବ। ଗୁରୁଜୀ କହିଲେ, ରାଜା କଥା ଖୁବ ସରଳ। ମାତ୍ର ଆପଣ ନିଜେ ବଡ଼ ଓ ଅଂହକାର କାରଣରୁ ଏହାକୁ ବୁଝି ପାରୁ ନାହାନ୍ତି। ଯାହା ଫଳରେ ଆପଣ ଚିନ୍ତିତ ଓ ଦୁଃଖୀ ହେଉଛନ୍ତି। ମାନୁଛି ଆପଣ ଜଣେ ବଡ଼ ରାଜା। ବିଭିନ୍ନ ଦୃଷ୍ଟିକୋଣରୁ ଆପଣ ମୋ ଠାରୁ ପଦବୀ, ପ୍ରତିଷ୍ଠାରେ ବଡ଼, ମାତ୍ର ଏଠାରେ ଆପଣଙ୍କର ଓ ମୋର ସମ୍ପର୍କ ହେଉଛି କେବଳ ଗୁରୁ ଓ ଶିଷ୍ୟର। ଗୁରୁ ହେବା ଦୃଷ୍ଟିରୁ ମୋ ସ୍ଥାନ ଆପଣଙ୍କ ଠାରୁ ଉଚ୍ଚରେ ହେବା ଆବଶ୍ୟକ। ମାତ୍ର ଆପଣ ସ୍ୱୟଂ ଉଚ୍ଚ ସିଂହାସନରେ ବସୁଛନ୍ତି ଏବଂ ମତେ ତଳେ ଆସନରେ ବସାଉଛନ୍ତି। ଏହାସହ ମନରେ ମଧ୍ୟ ରାଜା ହେବାର ଅହଂଭାବ ରଖୁଛନ୍ତି। କେବଳ ଏହି କାରଣରୁ ହିଁ ଆପଣଙ୍କୁ କୌଣସି ଶିକ୍ଷା ପ୍ରାପ୍ତି ହେଉ ନାହିଁ କି ଜ୍ଞାନ ପ୍ରାପ୍ତି ହେଉ ନାହିଁ। ଆପଣ ରାଜା ହୋଇଥିବାରୁ ମୁଁ ସିଧାସଳଖ ଏହି କଥା ଜଣାଇ ପାରୁ ନଥିଲି। କାଲି ଠାରୁ ଯଦି ଆପଣ ମତେ ଉଚ୍ଚ ଆସନରେ ବସାଇବା ସହ ସ୍ୱୟଂ ତଳେ ଆସନରେ ବସିବେ ତେବେ ଆପଣଙ୍କ ସମସ୍ୟାର ନିଶ୍ଚୟ ସମାଧାନ ହୋଇଯିବ। ଏହା ଶୁଣି ରାଜାଙ୍କୁ ନିଜର ଭୁଲକୁ ସ୍ୱୀକାର କରିବା ସହ ନିଜ ଭୁଲକୁ ସୁଧାରିଲେ। ଏହାସହ ଗୁରୁଙ୍କ ଠାରୁ ଶିକ୍ଷା ମଧ୍ୟ ପ୍ରାପ୍ତି କଲେ। ଏହି ସୁନ୍ଦର କାହାଣୀର ସାରାଂଶ ହେଉଛି, ଆମେ ନିଜେ ସମ୍ପର୍କ, ପଦବୀ, ଧନବୈଭବ ଯେଉଁଥିରେ ମଧ୍ୟ ଉଚ୍ଚ ସ୍ଥାନରେ ରହିଲେ ମଧ୍ୟ ଗୁରୁଙ୍କୁ ସର୍ବଦା ଉଚ୍ଚରେ ରଖିବା ସହ ତାଙ୍କୁ ଯଥେଷ୍ଟ ସମ୍ମାନ ଦେବା ଉଚିତ। କେବଳ ଉଚ୍ଚ ନୀଚ ଆସନରେ ନୁହେଁ ବରଂ ମନରୁ ମଧ୍ୟ ଗୁରୁଙ୍କୁ ସମ୍ମାନ ଦେବା ନିତାନ୍ତ ଆବଶ୍ୟକ।

## ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଅଁଳା

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଅଁଳା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ ସହିତ କ୍ୟାଲସିୟମ, ମ୍ୟାଗ୍ନେସିୟମ, ପଲିଫେନାଲ ଓ ଆଇରନ ଭଳି ପୋଷକ ତତ୍ତ୍ୱ ରହିଛି। ଛୋଟ ଛୁଆ ଓ ବୟସ୍କଙ୍କ ପାଇଁ ଅଁଳା ଖୁବ ଉପକାରୀ। ପ୍ରତିଦିନ ଅଁଳା ଖାଇଲେ ସଂକ୍ରମଣର ଭୟ ନଥାଏ। ତେବେ ଆସନ୍ତୁ ଜାଣିବା, ଡାଏଟରେ ଅଁଳାକୁ କିପରି ସାମିଲ କରିପାରିବା।

♦ ବଜାରରେ ମିଳୁଥିବା ଅଁଳା କ୍ୟାଣ୍ଡି ଖାଇ ପାରିବେ। ଏହି କ୍ୟାଣ୍ଡିକୁ ଆପଣ ଚାହିଁଲେ ଘରେ ମଧ୍ୟ ତିଆରିକରି ପାରିବେ। ଏଥିପାଇଁ ପ୍ରଥମେ ଅଁଳାକୁ ସିଝାଇ ଚିନିରେ ପକାଇ ଖରାରେ ଶୁଖାଇ ଦିଅନ୍ତୁ। ଶୁଖିଯିବା ପରେ ଏୟାରଟାଇଟ ଡବାରେ କ୍ୟାଣ୍ଡିକୁ ଭର୍ତ୍ତି କରି ରଖନ୍ତୁ।

♦ ଅଁଳା ଚଟଣି ତିଆରି କରିବା ବହୁତ ସହଜ। ଏଥିପାଇଁ ଚିନି, ଭିନେଗାର ଓ ଗୁଜୁରାତିକୁ ମିଶାଇ ଅଁଳା ଚଟଣି ତିଆରି କରିପାରିବେ। ଆପଣ ଚାହିଁଲେ ଘରେ ଜିରା, ସୋରିଷତେଲ, ମେଥି ଓ ଅନ୍ୟାନ୍ୟ ସାମଗ୍ରୀ ମିଶାଇ ଅଁଳା ଆଚାର ମଧ୍ୟ ପ୍ରସ୍ତୁତ କରିପାରିବେ।

♦ ସେହିପରି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ପ୍ରତିଦିନ ଗୋଟିଏ ଗ୍ଲାସ ପାଣିରେ ଅଁଳା ରସ ଓ ମହୁ ମିଶାଇ ପିଅନ୍ତୁ। ଏହାଦ୍ୱାରା କେବଳ ରୋଗ ପ୍ରତିରାଧକ ଶକ୍ତି ବୃଦ୍ଧି ହୋଇନଥାଏ, ତ୍ୱଚା ମଧ୍ୟ ସୁସ୍ଥ ରହିଥାଏ।



## ପର୍ଯ୍ୟଟକଙ୍କୁ ଏବେ ବେଶି ପସନ୍ଦ ସମୁଦ୍ର

ବର୍ତ୍ତମାନ ସମସ୍ତେ ଚାହାନ୍ତି ନିଜ ବ୍ୟସ୍ତସୂଚୀରୁ ସମୟ ବାହାର କରି ଘର ବାହାରେ ଟିକେ ସମୟ ବିତାଇବା । କିନ୍ତୁ ଅନେକଙ୍କୁ ଜଣାନାହିଁ କି ସେମାନେ କେଉଁଠାକୁ ଯିବେ ବା ଯିବା ଉଚିତ । ଚଳିତ ବର୍ଷ ଖରା ସିଜିନର ଛୁଟିରେ ପରିବାର ସହ ବୁଲିବା ପାଇଁ ଗୋଆ, ନୈନିତାଲ, ଋଷିକେଶ, ଗ୍ୟାଙ୍ଗଟକ ଓ ମାଉଣ୍ଟଆବୁ ଏବେ ଟପ ଫାଇଭ ପସନ୍ଦର ପର୍ଯ୍ୟଟନ ଭାବରେ ସାମନାକୁ ଆସିଛି । ଗୁଡ ହସ୍ପିଟାଲିଟି ଦେଉଥିବା କମ୍ପାନୀ ଓୟାର ଏକ ସର୍ଭେରେ ଏହି ଦାବି କରାଯାଇଛି । ଏହି ସର୍ଭିସ ଗ୍ରୀଷ୍ମକାଳୀନ ଅବକାଶ ସ୍ଥଳ ସୂଚକାଙ୍କ ପାରିବାରିକ ସଂସ୍କରଣ ୨୦୨୨ନାମରେ କରାଯାଇଛି । ଜୁନ ପ୍ରଥମ ଦୁଇ ସପ୍ତାହର ସର୍ବେକ୍ଷଣରେ ପାଖାପାଖି ୨୦୦୦ ଲୋକଙ୍କ ରାୟ ନିଆଯାଇଥିଲା । ଏଥିରେ ସବୁଠୁ ଅଧିକ ଲୋକେ କହିଥିଲେ କି ପିଲାମାନଙ୍କ ସହ ମନପସନ୍ଦର ବୁଲିବା ସ୍ଥାନ ହେଉଛି ଗୋଆ । ଏହି ସର୍ଭେରେ ୮୫ପ୍ରତିଶତ ଅଭିଭାବକମାନେ କହିଥିଲେ କି ସେମାନଙ୍କୁ କାମ କରିବାକୁ ଓ ପିଲାଙ୍କୁ ବ୍ୟସ୍ତ ରଖିବାକୁ ମୁସ୍କିଲ ହେଉଛି । ଯେଉଁଥି ପାଇଁ ସେମାନେ ପରିବାର ସହ ବୁଲିବା ପାଇଁ ଯୋଜନା ବନାଇଛନ୍ତି । ଏହି ସର୍ଭେ ହିସାବରେ ଭାରତରେ ୬୫ପ୍ରତିଶତରୁ ଅଧିକ ଅଭିଭାବକ ଏହି ଗରମରେ ନିଜ ପିଲାଙ୍କ ସହ ବୁଲିବାର ପ୍ଲାନ କରିଥାନ୍ତି ବା ଇଚ୍ଛା ରଖିଥାନ୍ତି । ଟପ ଫାଇଭ ପର୍ଯ୍ୟଟନସ୍ଥଳ ମଧ୍ୟରେ ଗୋଆ, ନୈନିତାଲ, ଋଷିକେଶ, ଗ୍ୟାଙ୍ଗଟକ ଓ ମାଉଣ୍ଟଆବୁ ସାମିଲ ରହିଛି । ଗୋଆ ଦୃଷ୍ଟିକୋଣରୁ ଏହା ପ୍ରମାଣିତ ହେଉଛି କି ପାହାଡ଼ ଠାରୁ ବେଶି ସମୁଦ୍ରକୁ ଲୋକେ ପସନ୍ଦ କରୁଛନ୍ତି । ଓୟାର ସିନିୟର ଭାଇସ ପ୍ରେସିଡେଣ୍ଟ ଓ ମୁଖ୍ୟ ସେବା ଅଧିକାରୀଙ୍କ କହିବା ଅନୁସାରେ ଫ୍ୟାମିଲି ଟ୍ରିପ୍‌ରେ ଆସୁଥିବା ପର୍ଯ୍ୟଟକ ବେଶୀ ପାହାଡ ବା ହିଲ ସ୍ଥାନକୁ ନଯାଇ ବିଶେଷ ଭାବେ ସମୁଦ୍ର ଥିବା ସ୍ଥାନ, ସ୍ୱିମିଙ୍ଗପୁଲ, ପିଲାଙ୍କ ଖେଳ ସ୍ଥାନ ଓ ରୁମରେ ବଡ଼ ଟେଲିଭିଜନକୁ ପସନ୍ଦ କରୁଛନ୍ତି । ବସ୍ତାପ୍ୟାକ ଏଡଭେଚରର ଫାଉଣ୍ଡର କହିଛନ୍ତି କି ଋଷିକେଶରେ ଭିଡ଼ ବହୁତ ବଢ଼ିବାରେ ଲାଗିଛି । ବିଶେଷ କରି ସହରରେ । ଏମିତିରେ ଲୋକେ ସହରରୁ କିଛି ଦୂର ମୋହନଚଟ୍ଟୀ ପଥରେ ଅଗ୍ରସର ହେଉଛନ୍ତି । ଯାହା ଫଳରେ ଭିଡରୁ କିଛିଟା ବଞ୍ଚିପାରିବେ ପର୍ଯ୍ୟଟକ । ଏଭଳି ସ୍ଥାନରେ କେମ୍ପିଙ୍ଗ, ରାଫ୍ଟିଙ୍ଗ ଭଳି ବିକଳ୍ପ ଉପଲବ୍ଧ ରହିଛି । ସେ ଆହୁରି କହିଛନ୍ତି ଯେ ପାହାଡ଼ ମଧ୍ୟରେ ହୋମ ଷ୍ଟେକୁ ମଧ୍ୟ ବେଶୀ ପସନ୍ଦ କରାଯାଉଛି ।



## କନ୍ୟା ପ୍ରଥମେ କାହିଁକି ବରଣମାଳା ପିନ୍ଧାନ୍ତି



ଭାରତୀୟ ବିବାହରେ ହଳଦୀ, ମେହେନ୍ଦି, ସାତଫେରା ଏବଂ ବରଣମାଳା ଆଦି ରୀତିନୀତି ରହିଥାଏ। ସେଥିମଧ୍ୟରୁ ବରଣମାଳା ରୀତିନୀତିକୁ ସବୁଠାରୁ ମଜାଦାର ଏବଂ ହୃଦୟସ୍ପର୍ଶୀ ବୋଲି ବିବେଚନା କରାଯାଇଥାଏ। ଯେତେବେଳେ କନ୍ୟା ଏବଂ ବର ପରସ୍ପରର ବେକରେ ମାଳା ପିନ୍ଧାନ୍ତି। ସେହି ମୁହୂର୍ତ୍ତ ବିବାହର ଆରମ୍ଭକୁ ଚିହ୍ନିତ କରେ।

କିନ୍ତୁ କେବେ ଭାବିଛନ୍ତି କି କନ୍ୟା ସବୁବେଳେ କାହିଁକି ପ୍ରଥମେ ବରଣମାଳା ପିନ୍ଧାନ୍ତି ? ଏହା କେବଳ ଏକ ପରମ୍ପରା ନୁହେଁ, ବରଂ ଗଭୀର ଅର୍ଥ ତଥା ଅନେକ ଶୁଭ ସଙ୍କେତ ବହନ କରିଥାଏ। ଏହି ରୀତି କେବଳ ଏକ 'ଫଟୋ ମୁହୂର୍ତ୍ତ' ନୁହେଁ, ବରଂ ପ୍ରେମ, ସମ୍ମାନ ଏବଂ ଗ୍ରହଣର ଏକ ସୁନ୍ଦର ବାର୍ତ୍ତା ବହନ କରେ। କୁହାଯାଏ ଯେ, ଏହି ମୁହୂର୍ତ୍ତରେ, କନ୍ୟା ତାଙ୍କ ବରକୁ ସମ୍ପୂର୍ଣ୍ଣ ହୃଦୟର ସହିତ ଗ୍ରହଣ କରିଥାନ୍ତି।

ଏଥିରେ ବର ତାଙ୍କର ସମ୍ମତି ପ୍ରକାଶ କରିଥାନ୍ତି। ଶାସ୍ତ୍ରଙ୍କ ଅନୁସାରେ, ଏହି ରୀତି ସିଧାସଳଖ ଶିବ ଏବଂ ପାର୍ବତୀଙ୍କ ବିବାହ ସହିତ ଜଡ଼ିତ। ଯାହା ବୈବାହିକ ଜୀବନରେ ସୁଖ, ସମୃଦ୍ଧି ଏବଂ ପାରସ୍ପରିକ ବୁଝାମଣାକୁ ସୁଦୃଢ଼ କରିଥାଏ।

କନ୍ୟା ପ୍ରଥମେ କାହିଁକି ବରଣମାଳା ପିନ୍ଧାନ୍ତି ?

ବିବାହକୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ। କୁହାଯାଏ ଯେ, ଏହି ସମୟରେ ବର ଏବଂ କନ୍ୟାଙ୍କୁ ଭଗବାନ ଶିବ ଏବଂ ଦେବୀ ପାର୍ବତୀ ଭାବରେ ପୂଜା କରାଯାଏ। ବରଣମାଳା ରୀତି ମଧ୍ୟ ସମାନ ଭାବରେ ପବିତ୍ର। ଏହି ରୀତିରେ, କନ୍ୟା ପ୍ରଥମେ ମାଳା ପିନ୍ଧାଇଥାନ୍ତି। କାରଣ ବିବାହରେ ଜଣେ ମହିଳାଙ୍କ ସମ୍ମତି ସର୍ବୋପରି ଗୁରୁତ୍ୱପୂର୍ଣ୍ଣ।

ଯେତେବେଳେ କନ୍ୟା ବରଙ୍କୁ ବରଣମାଳା ପିନ୍ଧାନ୍ତି, ଏପରି କରି ସେ କୁହନ୍ତି, 'ମୁଁ ତୁମକୁ ମୋର ଜୀବନସାଥୀ ଭାବରେ ଗ୍ରହଣ କରୁଛି।' ସେହିପରି ଯେତେବେଳେ ବର କନ୍ୟାଙ୍କୁ ବରଣମାଳା ପିନ୍ଧାନ୍ତି ଏହା ସୂଚିତ କରିଥାଏ ଯେ, 'ମୁଁ ମଧ୍ୟ ତୁମକୁ ସମ୍ପୂର୍ଣ୍ଣ ହୃଦୟ ସହିତ ଗ୍ରହଣ କରୁଛି।'

ଶାସ୍ତ୍ରଙ୍କ ଅନୁସାରେ, ବରଣମାଳାର ପ୍ରଥମ ପର୍ଯ୍ୟାୟରେ ମଙ୍ଗଳ ଏବଂ ଶୁକ୍ର ଗ୍ରହଙ୍କର ଶୁଭ ପ୍ରଭାବ ରହିଥାଏ। ଏହି କାରଣରୁ ବିବାହ ସମୟରେ ଏହି ରୀତି ପ୍ରଥମେ କରାଯାଇଥାଏ, ଯାହା ଦ୍ୱାରା ସମ୍ପର୍କ ପ୍ରେମ, ସୌଭାଗ୍ୟ ଏବଂ ଖୁସିରେ ପରିପୂର୍ଣ୍ଣ ହେବ।

ଯେତେବେଳେ କନ୍ୟା ପ୍ରଥମେ ବରଣମାଳା ପିନ୍ଧାନ୍ତି, ଏହା ସୂଚିତ କରେ ଯେ, ସେ ନିଜେ ସେମାନଙ୍କ ସମ୍ପର୍କରେ ପ୍ରେମ ଏବଂ ବୁଝାମଣା ଆରମ୍ଭ କରୁଛନ୍ତି। ଏହା ଦର୍ଶାଏ ଯେ, ଅହଂକାର ନୁହେଁ ବରଂ ପାରସ୍ପରିକ ସମ୍ମାନ ଏବଂ ଘନିଷ୍ଠତା ଯେକୌଣସି ସମ୍ପର୍କକୁ ମଜବୁତ କରେ ।

ଏହି ରୀତି ବୈବାହିକ ଜୀବନରେ ସକାରାତ୍ମକ ପ୍ରଭାବ ଆଣେ ଏବଂ ଉଭୟଙ୍କ ମଧ୍ୟରେ ଭାବପ୍ରବଣ ବନ୍ଧନକୁ ଆହୁରି ଗଭୀର କରେ। ଯେପରି ଭଗବାନ ଶିବ ଏବଂ ମାତା ପାର୍ବତୀ ପ୍ରେମ ଏବଂ ସମାନତା ସହିତ ସେମାନଙ୍କର ସମ୍ପର୍କ ବଜାୟ ରଖନ୍ତି, ସେହିପରି ଏହି ରୀତି ପ୍ରତ୍ୟେକ ଦମ୍ପତିଙ୍କୁ ସମାନ ଭାବନା ସହିତ ବଞ୍ଚିବାକୁ ଶିଖାଇଥାଏ।

'ହଁ' କହିବାର ଏକ ଉପାୟ


ଯେତେବେଳେ କନ୍ୟା ବରଙ୍କୁ ବରଣମାଳା ପିନ୍ଧାନ୍ତି, ଏହା କେବଳ 'ହଁ' କହିବାର ଏକ ଉପାୟ ନୁହେଁ, ବରଂ ଏକ ପ୍ରତିଶ୍ରୁତି ଯେ, ଆମେ ଏକାଠି ରହିବା, ବୁଦ୍ଧିମାନ ଭାବରେ କାର୍ଯ୍ୟ କରିବା ଏବଂ ସମ୍ପର୍କକୁ ପ୍ରାଥମିକତା ଦେବା। ଏହି ରୀତି ବାର୍ତ୍ତା ପ୍ରଦାନ କରେ ଯେ, ବିବାହରେ, କେହି ବଡ଼ କିମ୍ବା ଛୋଟ ନୁହଁନ୍ତି, କିନ୍ତୁ ଉଭୟ ସମାନ। ବରଣମାଳାର ପ୍ରତ୍ୟେକ ଫୁଲ ସମ୍ପର୍କର ପ୍ରତ୍ୟେକ ରଙ୍ଗକୁ ପ୍ରତିନିଧିତ୍ୱ କରିଥାନ୍ତି। ଏହା ଦ୍ୱାରା ଦାମ୍ପତ୍ୟ ଜୀବନରେ ବିଶ୍ୱାସ, ପ୍ରେମ, ସମ୍ମାନ ଏବଂ ସାହଚର୍ଯ୍ୟ ସୃଷ୍ଟି ହୋଇଥାଏ।

ଏହା ଦର୍ଶାଇବାର ଏକ ପ୍ରତୀକାତ୍ମକ ଉପାୟ ଯେ, ବର ଏବଂ କନ୍ୟା ଏବେ ଏକ ନୂତନ ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି, ଯେଉଁଠାରେ ପ୍ରତ୍ୟେକ ନିଷ୍ପତ୍ତି ଏକାଠି ନିଆଯିବ ଏବଂ ପ୍ରତ୍ୟେକ ଅସୁବିଧାକୁ ଏକାଠି ସାମ୍ନା କରାଯିବ।

ପ୍ରାୟତଃ, ଲୋକମାନେ ବରଣମାଳା ସମାରୋହକୁ କେବଳ ଏକ 'ମଜାଦାର ମୁହୂର୍ତ୍ତ' ଭାବରେ ଭାବନ୍ତି, କିନ୍ତୁ ଏହା ଏକ ବିବାହର ଆଧ୍ୟାତ୍ମିକ ଆରମ୍ଭ। ଏହି ମୁହୂର୍ତ୍ତ ସହିତ ଆସୁଥିବା ଶକ୍ତି ଏବଂ ଭାବନା ବୈବାହିକ ଜୀବନର ଗତିପଥ ନିର୍ଣ୍ଣୟ କରିଥାଏ।

## ଗୃହସ୍ଥ ଧର୍ମର ମହତ୍ତ୍ୱ

ମହାଭାରତ ଯୁଦ୍ଧ ଶେଷ ହୋଇସାରିଥିଲା । ଧର୍ମରାଜ ଯୁଧିଷ୍ଠିର ଦିନେ ଏକାନ୍ତରେ ବସିଥିଲେ । ଏହି ସମୟରେ ତାଙ୍କ ମନରେ ଏକ ବିଚାର ଆସିଲା । ସେ ଭାବିଲେ, ନିଜ ଭାଇବନ୍ଧୁଙ୍କୁ ହତ୍ୟା କରି ସେ ରାଜ୍ୟପ୍ରାପ୍ତ କରିଛନ୍ତି । ଏଣୁ ସନ୍ନ୍ୟାସ ନେଇଯିବା ତାଙ୍କ ପକ୍ଷେ ଉଚିତ୍ ହେବ । ଏହି ନିଷ୍ପତ୍ତି ଅନ୍ୟ ଭ୍ରାତାମାନଙ୍କୁ ଶୁଣାଇବା ପରେ ସେମାନେ ଦୁଃଖିତ ହେଲେ । ଅର୍ଜୁନ କହିଲେ, ଭ୍ରାତାଶ୍ରୀ ! ଗୃହସ୍ଥ ଜୀବନଯାପନ କରି ସୁଦ୍ଧା ପୁଣ୍ୟ ଅର୍ଜନ କରାଯାଇପାରିବ । ଭୀମ ଗମ୍ଭୀର ବଚନରେ ନିଜ ମନର ଯନ୍ତ୍ରଣା ପ୍ରକଟ କରି କହିଲେ, ସନ୍ନ୍ୟାସ କ୍ଷତ୍ରିୟଙ୍କ ପାଇଁ ଧର୍ମ ହୋଇପାରେ । ତେବେ ନିଜ କର୍ତ୍ତବ୍ୟ ପାଳନ କରିବା ଦ୍ୱାରା ମଧ୍ୟ ଆମେ ଧର୍ମ ଅର୍ଜନ କରିପାରିବା । ଏହାପରେ ନକୁଳ ଏବଂ ସହଦେବ ମଧ୍ୟ ନିଜ ବଡ଼ଭାଇ ଯୁଧିଷ୍ଠିରଙ୍କୁ ବୁଝାଇବାର ପ୍ରୟାସ କଲେ । ଶେଷରେ ଦ୍ରୌପଦୀ କହିଲେ, ମହାରାଜ ! ଦୁର୍ଯ୍ୟୋଧନ ଏବଂ ତା'ପକ୍ଷର ଲୋକମାନଙ୍କୁ ମାରିବା ସମ୍ପୂର୍ଣ୍ଣ ଭାବେ ନ୍ୟାୟସଙ୍ଗତ ଥିଲା । ଏଭଳି ସ୍ଥିତିରେ ଚିନ୍ତା କରିବାର ଆବଶ୍ୟକତା ନାହିଁ । ଯେଉଁମାନେ ପାପ କରିଛନ୍ତି, ସେମାନେ ଦଣ୍ଡ ପାଇବା ପାଇଁ ଯୋଗ୍ୟ । ପାଣ୍ଡବଙ୍କ ମଧ୍ୟରେ ଏହି ଧର୍ମଚର୍ଚ୍ଚା ଚାଲିଥିବା ବେଳେ ସେଠାରେ ଭଗବାନ ବେଦବ୍ୟାସ ପହଞ୍ଚିଲେ । ସେ ମଧ୍ୟ ଇତିହାସ ଏବଂ ଧର୍ମ ଶାସ୍ତ୍ର ଜରିଆରେ ଯୁଧିଷ୍ଠିରଙ୍କୁ ବୁଝାଇବା ଲାଗି ପ୍ରୟାସ କଲେ । ଏହାପରେ ଯୁଧିଷ୍ଠିର ରାଜିହେଲେ । ହସ୍ତିନାପୁରରେ ସମ୍ପୂର୍ଣ୍ଣ ରାଜକୀୟ ମର୍ଯ୍ୟାଦା ସହ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ହେଲା । ତେବେ କ୍ଷମତାସୀନ୍ ହେବା ପୂର୍ବରୁ ଯୁଧିଷ୍ଠିର ପ୍ରଥମେ ପିତାମହ ଭୀଷ୍ମଙ୍କ ଠାରୁ ନୀତିଶିକ୍ଷା ହାସଲ କରିଥିଲେ ବୋଲି ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ରହିଛି । ଶରଶଯ୍ୟାରେ ଶୋଇ ରହି ଆପଣାର ମୃତ୍ୟୁକୁ ପ୍ରତୀକ୍ଷା କରୁଥିବା ସମୟରେ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ନୀତି ଉପଦେଶ ପ୍ରଦାନ କରିଥିଲେ । ଏହାପରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ସହିତ ସେ ଦେହତ୍ୟାଗ କଲେ । ଏହି ସମୟରେ ପରମ୍ପରା ଅନୁଯାୟୀ ଗଙ୍ଗାନଦୀରେ ତାଙ୍କର ଜଳତର୍ପଣ କରାଯାଇଥିଲା । ଏହି ଘଟଣା ପରେ ଯୁଧିଷ୍ଠିର ଅନେକ ଦଶକ ପର୍ଯ୍ୟନ୍ତ ହସ୍ତିନାପୁରରେ ଧର୍ମରାଜ୍ୟ ପ୍ରତିଷ୍ଠା କରିଥିଲେ । ଶେଷରେ କଳିଯୁଗ ଆରମ୍ଭ ସମୟ ଉପନୀତ ହେବାରୁ ସେ ଏବଂ ଅନ୍ୟ ପାଣ୍ଡବମାନେ ସ୍ୱର୍ଗ ଅଭିମୁଖେ ପ୍ରସ୍ଥାନ କରିଥିଲେ ।



# କୁଟ୍‌ର ସୁରକ୍ଷା, ଗୁଣବତ୍ତା ଓ ଯାତ୍ରୀ ସନ୍ତୋଷ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୮।୮ (ମହାଭାରତ):** କର୍ମ୍ପ୍ରେହେନ୍ସିଭ୍ ରିଜିଓନାଲ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କୁଟ୍)ର କାର୍ଯ୍ୟକଳାପ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ବୈଠକରେ ଅଧକ୍ଷତା କରି 'ଆମ ବସ୍' ସେବାର ଗୁଣବତ୍ତା, ସୁରକ୍ଷା ଓ ବିଶ୍ୱସନୀୟତାକୁ ଆହୁରି ସୁଦୃଢ଼ କରିବା ପାଇଁ ସମନ୍ୱିତ ଓ ସମୟବଦ୍ଧ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ କୁଟ୍‌ର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍, ଅତିରିକ୍ତ ସଚିବ- ତଥା -ଜିଏମ୍ ସହଦେବ ସମାଧିଆ, ଗୃହ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ଶ୍ରୀମତୀ ମମତାରାଣୀ ନାଏକ, କୁଟ୍‌ର ଆର୍ଥିକ ପରାମର୍ଶଦାତା, ଓଏସ୍‌ଡି, ମ୍ୟାନେଜର (ଅପରେସନ)ଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।



ବୈଠକରେ କୁଟ୍‌ର ସାମଗ୍ରିକ ପରିଚାଳନା କାର୍ଯ୍ୟଦକ୍ଷତା, ବସ୍ ଓ ରୁଟ୍ ପରିଚାଳନା, ସଡ଼କ ସୁରକ୍ଷା, ଯାତ୍ରୀ ସେବା, ପରିଚାଳନା, ଡିଜିଟାଲ୍ ବ୍ୟବସ୍ଥା, ଆର୍ଥିକ ସ୍ଥାୟିତ୍ୱ, ଭିତ୍ତିଭୂମି ଏବଂ ଭବିଷ୍ୟତ ସମ୍ପ୍ରସାରଣ ଯୋଜନା ଆଦିର ବିସ୍ତୃତ ସମୀକ୍ଷା କରାଯାଇଥିଲା । ସେବା ପ୍ରଦାନ ବ୍ୟବସ୍ଥାର ନିରନ୍ତର ନିରୀକ୍ଷଣ କରି ଯେଉଁଠାରେ ଅଭାବ ବା ତ୍ରୁଟି ପରିଲକ୍ଷିତ ହେଉଛି, ସେଠାରେ ତୁରନ୍ତ ସୁଧାରମୂଳକ ପଦକ୍ଷେପ ନେବାକୁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଥିଲେ । ନିରାପଦ, ବିଶ୍ୱସନୀୟ, ଦକ୍ଷ ଓ ଯାତ୍ରୀ-ଅନୁକୂଳ ସାଧାରଣ ପରିବହନ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସେ ପ୍ରାଥମିକତା ଦେଇଥିଲେ ।

ବର୍ତ୍ତମାନ କୁଟ୍ ପକ୍ଷରୁ ସାତଟି ସହରରେ ୭୭୦ଟି ବସ୍ ଚଳାଚଳ କରୁଛି। ଏଥିରେ ୩୯୦ଟି ଇଲେକ୍ଟ୍ରିକ୍ ବସ୍ ରହିଛି । ୧୩୮ଟି ରୁଟ୍‌ରେ ଏହି ବସ୍‌ଗୁଡ଼ିକ ଚଳାଚଳ କରି ପ୍ରତିଦିନ ପ୍ରାୟ ୩.୫ ଲକ୍ଷ ଯାତ୍ରୀଙ୍କୁ ସେବା ଯୋଗାଇ ଦେଉଛି । ଇଂଟେଲିଜେଂଟ ଟ୍ରାନ୍ସପୋର୍ଟ ମ୍ୟାନେଜମେଂଟ ସିଷ୍ଟମ୍ , ଜି ପି ଏସ୍ ଆଧାରିତ ଯାନ ଟ୍ରାକିଂ, କମାଣ୍ଡ ଆଣ୍ଡ କଂଟ୍ରୋଲ୍ ସେଂଟରରେ ମନିଟରିଂ, ସି ସି ଟି ଭି , ଯାତ୍ରୀ ସୂଚନା ବ୍ୟବସ୍ଥା ଏବଂ ଅପରେସନାଲ୍ ଡ୍ୟାସବୋର୍ଡ ଭଳି ପ୍ରଯୁକ୍ତିଭିତ୍ତିକ ବ୍ୟବସ୍ଥା ମାଧ୍ୟମରେ କୁଟ୍‌ର ପରିଚାଳନାକୁ ଆହୁରି ସୁଦୃଢ଼ କରାଯାଉଛି। ବୈଠକରେ ସଡ଼କ ସୁରକ୍ଷା ଓ କ୍ରୁ'ଙ୍କ କାର୍ଯ୍ୟଦକ୍ଷତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ପୂର୍ବବର୍ଷର ସମାନ ସମୟ ତୁଳନାରେ କୁଟ୍‌ର ବସ୍ ଦୁର୍ଘଟଣାରେ ୫୨ ପ୍ରତିଶତ ହ୍ରାସ ଘଟିଛି । ଚାଳକମାନଙ୍କ ପାଇଁ ଉନ୍ନତ ପ୍ରଶିକ୍ଷଣ, ବାଧତାମୂଳକ ମଦ୍ୟପାନ ପରୀକ୍ଷା, ବେଗ ନିରୀକ୍ଷଣ, ନିୟମିତ ସୁରକ୍ଷା ପ୍ରଶିକ୍ଷଣ ଏବଂ କେପିଆଇ ଆଧାରିତ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ପାଂଚ ଦିନିଆ 'ସୁବାହକ' ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ମଧ ସୁଦୃଢ଼ କରାଯାଇ ଇଲେକ୍ଟ୍ରିକ୍ ବସ୍ ପରିଚାଳନା ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ମଡ୍ୟୁଲ୍ ସାମିଲ କରାଯାଇଛି । ବର୍ତ୍ତମାନ ଚଳାଚଳ କରୁଥିବା ବସ୍‌ଗୁଡ଼ିକରେ ଆଡଭାନ୍ସଡ୍ ଡ୍ରାଇଭର୍ ଆସିଷ୍ଟାନ୍ସ ସିଷ୍ଟମ୍ ଏବଂ ଡ୍ରାଇଭର୍ ଫାଟିଗ୍ ମନିଟରିଂ ସିଷ୍ଟମ୍ ପ୍ରଚଳନ ପାଇଁ ମଧ ପଦକ୍ଷେପ ନିଆଯାଉଛି। ଶ୍ରୀମତୀ ପାଢ଼ୀ କହିଥିଲେ ଯେ, ପ୍ରଯୁକ୍ତି ଓ ଭିତ୍ତିଭୂମିର ବିକାଶର ଶେଷ ଲକ୍ଷ୍ୟ ହେଉଛି ଯାତ୍ରୀମାନଙ୍କୁ ଉନ୍ନତ ସେବା ଯୋଗାଇଦେବା । ଏହି ପରିପ୍ରେକ୍ଷୀରେ ଡିଜିଟାଲ୍ ଟିକେଟିଂ, ଲାଇଭ୍ ବସ୍ ଟ୍ରାକିଂ, ବସ୍ ପହଂଚିବାର ସମ୍ଭାବ୍ୟ ସମୟ ସୂଚନା, ଯାତ୍ରୀ ମତାମତ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ପ୍ରଯୁକ୍ତିସମ୍ପନ୍ନ ସେବାର ସମୀକ୍ଷା କରାଯାଇଥିଲା । 'ସାରଥୀ' ସେବା ଏବଂ ଇଲେକ୍ଟ୍ରିକ୍ ଫିଡର୍ ବସ୍ ସେବା ମାଧ୍ୟମରେ କୁଟ୍ ଶେଷ ମାଇଲ୍ ସଂଯୋଗକୁ ମଧ ସୁଦୃଢ଼ କରୁଛି । ଫିଡର୍ ସେବାର ପାଇଲଟ୍ ପ୍ରକଳ୍ପରେ ବର୍ତ୍ତମାନ ଦୈନିକ ହାରାହାରି ପ୍ରାୟ ୪,୦୦୦ ଯାତ୍ରୀ ଯାତାୟାତ କରୁଛନ୍ତି ।

ଯାତ୍ରୀମାନଙ୍କୁ ଅଧିକ ସୁବିଧା ଓ ସାର୍ବଜନୀନ ପରିବହନରେ ନିରବଚ୍ଛିନ୍ନ ଯାତାୟାତ ସୁବିଧା ପ୍ରଦାନ ଉଦ୍ଦେଶ୍ୟରେ କୁଟ୍ ଡିଜିଟାଲ୍ ଓ ସମନ୍ୱିତ ଟିକେଟିଂ ବ୍ୟବସ୍ଥା ସହ ଜାତୀୟ ସାଧାରଣ ଗତିଶୀଳତା କାର୍ଡର ବ୍ୟାପକ ବ୍ୟବହାରକୁ ପ୍ରୋତ୍ସାହିତ କରୁଛି ।

# କୃଷି-ବ୍ୟବସାୟ କର୍ମଶାଳା

**ଭୁବନେଶ୍ୱର,୧୮।୮ (ମହାଭାରତ):** ଭୁବନେଶ୍ୱରସ୍ଥିତ କୃଷି ଭବନରେ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ଅଧୀନରେ ଅବସରପ୍ରାପ୍ତ ଅଧିକାରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର କର୍ମଶାଳା ଆୟୋଜିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସହାୟତା ନେଇ ଅବସରପ୍ରାପ୍ତମାନେ କିପରି ସ୍ଥାୟୀ କୃଷି ଉଦ୍ୟୋଗ ପ୍ରତିଷ୍ଠା କରିପାରିବେ, ସେ ସମ୍ପର୍କରେ ସେମାନଙ୍କୁ ମାର୍ଗଦର୍ଶନ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଉଦ୍‌ଘାଟନୀ ସମାରୋହରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ସଚିନ୍ ରାମଚନ୍ଦ୍ର ଜାଧବ ଯୋଗଦେଇ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶରେ ପ୍ରାକ୍ତନ ଅଧିକାରୀମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପସ୍ଥିତ ଶ୍ରୋତାମାନଙ୍କୁ ସମ୍ବୋଧିତ କରି ଶ୍ରୀ ଜାଧବ ଦକ୍ଷତା ଓ ଆଧୁନିକ କୃଷି ମଧ୍ୟରେ ଥିବା ରଣନୈତିକ ସାମଞ୍ଜସ୍ୟ ବିଷୟରେ ଆଲୋକପାତ କରିଥିଲେ। ଶ୍ରୀ ଯାଦବ କହିଥିଲେ, 'ପ୍ରାକ୍ତନ ଅଧିକାରୀମାନଙ୍କ ପାଖରେ ଅତୁଳନୀୟ ଶୃଙ୍ଖଳା, ନେତୃତ୍ୱ ନେବାର ଦକ୍ଷତା ଏବଂ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାର କ୍ଷମତା ରହିଛି—ଯାହାକି ଏକ ସଫଳ କୃଷି-ବ୍ୟବସାୟ ପାଇଁ ଏକାନ୍ତ ଆବଶ୍ୟକ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଭଳି ଯୋଜନା ମାଧ୍ୟମରେ କୃଷି ବିଭାଗ ଆମର ଅବସରପ୍ରାପ୍ତ ମାନଙ୍କୁ ଆର୍ଥିକ ସବ୍‌ସିଡି, ବୈଷୟିକ ଜ୍ଞାନକୌଶଳ ଏବଂ ସହଜ ପ୍ରକ୍ରିୟା ଯୋଗାଇଦେଇ ରାଜ୍ୟର ଅଗ୍ରଣୀ କୃଷି-ଉଦ୍ୟୋଗୀ ଭାବେ ଗଢ଼ିତୋଳିବାକୁ ବଦ୍ଧପରିକର।

ଏହି ଅବସରରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶର ସୁଯୋଗ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆପିକଲ୍ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶୁଭ୍ରାଂଶୁ ମିଶ୍ର ସ୍ୱାଗତ ଭାଷଣ ଦେଇ ଆଗାମୀ କାର୍ଯ୍ୟପନ୍ଥାର ସୂଚନା ଦେଇଥିଲେ।

# ସାଇବର ଠକେଇ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

**ଭୁବନେଶ୍ୱର,୧୮।୮ (ମହାଭାରତ):** ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ ଆକାଉଂଟ ମାମଲାରେ ସମ୍ବଲପୁର ଜିଲ୍ଲାର ମାନ୍ୟବର ଜେଏମଏଫସି ଅଦାଲତ ଅଭିଯୁକ୍ତ ଗୌରୀ ଶଙ୍କର ଦାଶ (୩୨) ଙ୍କୁ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ଦଫା ୩୧୭(୨) ଓ ୧୧୨(୨) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି।

ମାନ୍ୟବର ଅଦାଲତ ଅଭିଯୁକ୍ତଙ୍କୁ ବିଏନଏସ ଦଫା ୩୧୭(୨) ଅନୁଯାୟୀ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦,୦୦୦ ଜରିମାନା ଏବଂ ଦଫା ୧୧୨(୨) ଅନୁଯାୟୀ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦,୦୦୦ ଜରିମାନାରେ ଦଣ୍ଡିତ କରିଛନ୍ତି। ଉଭୟ ଦଣ୍ଡାଦେଶ ଏକକାଳୀନ ଭାବେ ଚାଲିବ। ଜରିମାନା ଅନାଦେୟ ହେଲେ, ପ୍ରତ୍ୟେକ ଜରିମାନା ବାବଦରେ ଅତିରିକ୍ତ ୨ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ।

ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ଅପରେସନ 'ସାଇବର କବଚ' ଅଭିଯାନକୁ ତ୍ୱରାନ୍ୱିତ କରାଯାଇଥିଲା । ଏହି ଅଭିଯାନରେ ବ୍ୟବହୃତ ବେନାମୀ ବ୍ୟାଙ୍କ ଆକାଉଂଟ ବା 'ମ୍ୟୁଲ୍ ଆକାଉଂଟ' ଏବଂ ଏହା ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଦୃଢ଼ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି । ତଦନ୍ତ ସମୟରେ, ଅଭିଯୁକ୍ତଙ୍କ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଆକାଉଂଟଟି ନାସନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ ମାଧ୍ୟମରେ ଚିହ୍ନଟ ହୋଇଥିଲା। ତାଙ୍କ ଆକାଉଂଟକୁ ବିଭିନ୍ନ ସମୟରେ ୯,୦୦୦, ୧୧,୫୦୦, ୯,୦୦୦ ଏବଂ ୪,୦୫୦, ଅର୍ଥାତ୍ ମୋଟ ୩୩,୫୫୦ ଟଙ୍କା ଜମା ହୋଇଥିବା ତଦନ୍ତ ସମୟରେ ଜଣାପଡ଼ିଥିଲା।

ପୋଲିସ ତଦନ୍ତ ସମୟରେ ଉକ୍ତ ଅର୍ଥରାଶି ଗ୍ରହଣ କରିବା ଏବଂ ନିଜ ବ୍ୟାଙ୍କ ଆକାଉଂଟରେ ରଖିବା ସମ୍ପର୍କରେ ଅଭିଯୁକ୍ତ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ।

ଏ ସମ୍ପର୍କରେ ସମ୍ବଲପୁର ଟାଉନ ଥାନା କେସ୍ ନଂ-୭୪, ତା. ୦୨.୦୩.୨୦୨୬ରେ ବିଏନଏସ ଦଫା ୩୧୮(୪)/୩୧୭(୨)/ ୧୧୨(୨)/୬୧(୨) ଏବଂ ଆଇଟି ଆକ୍ଟର ଦଫା ୬୬(ସି)/୬୬(ଡି) ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ମାମଲା ରୁଜୁ ହୋଇଥିବା ଦିନ ହିଁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

# ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ନିର୍ଦ୍ଦେଶ

**ଭୁବନେଶ୍ୱର,୧୮।୮ (ମହାଭାରତ):** ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ରାଜ୍ୟର ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନକୁ ୨୦୨୬-୨୭ ଶିକ୍ଷାବର୍ଷ ଆରମ୍ଭ ହେବା ପୂର୍ବରୁ ଆଂଟି-ରାଗିଂ ଏବଂ ଛାତ୍ର ସୁରକ୍ଷା ସମ୍ପର୍କିତ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଆବଶ୍ୟକତା ଅନୁଯାୟୀ କମିଟିଗୁଡ଼ିକର ପୁନର୍ଗଠନ କରିବାକୁ ନିର୍ଦ୍ଦେଶ ଦେଇଛି। ଅନୁଷ୍ଠାନଗୁଡ଼ିକୁ ଏହି ପ୍ରକ୍ରିୟା ୭ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ପଡ଼ିବ। ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକଙ୍କ ପକ୍ଷରୁ ଜାରି ହୋଇଥିବା ଏହି ନିର୍ଦ୍ଦେଶ ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ, ଡିମ୍ଡ ବିଶ୍ୱବିଦ୍ୟାଳୟ, ସରକାରୀ, ସହାୟତାପ୍ରାପ୍ତ ଓ ଅଣସହାୟତାପ୍ରାପ୍ତ ଡିଗ୍ରୀ କଲେଜ, ସଂସ୍କୃତ କଲେଜ ଏବଂ ଶିକ୍ଷକ ଶିକ୍ଷାନୁଷ୍ଠାନଗୁଡ଼ିକର କୁଳସଚିବ ଓ ଅଧକ୍ଷମାନଙ୍କୁ ପଠାଯାଇଛି। ବିଭାଗ ପକ୍ଷରୁ ଅନୁଷ୍ଠାନଗୁଡ଼ିକୁ ବର୍ତ୍ତମାନ ଥିବା ସୁରକ୍ଷା କମିଟିଗୁଡ଼ିକର ଗଠନ ଓ କାର୍ଯ୍ୟପ୍ରଣାଳୀର ତୁରନ୍ତ ସମୀକ୍ଷା କରିବା ସହ ନିର୍ଦ୍ଧାରିତ ୭ ଦିନ ମଧ୍ୟରେ ଆବଶ୍ୟକ ପୁନର୍ଗଠନ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି।



ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନକୁ ଆଂଟି-ରାଗିଂ କମିଟି, ଆଂଟି-ରାଗିଂ ସ୍କ୍ୱାଡ୍ ଏବଂ ଆଂଟି-ରାଗିଂ ମନିଟରିଂ ସେଲ୍ କିମ୍ବା ଏହାର ସମକକ୍ଷ ସ୍ୱାଧୀନ ନିରୀକ୍ଷଣ ବ୍ୟବସ୍ଥାର ସମୀକ୍ଷା ଓ ପୁନର୍ଗଠନ କରିବାକୁ ପଡ଼ିବ। ଏହା ବ୍ୟତୀତ, କାର୍ଯ୍ୟସ୍ଥଳରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡ଼ନରୁ ସୁରକ୍ଷା ଆଇନ, ୨୦୧୩ ଅନୁଯାୟୀ ଗଠିତ ଆଭ୍ୟନ୍ତରୀଣ କମିଟିକୁ ମଧ ସକ୍ରିୟ ଓ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ଛାତ୍ର କଲ୍ୟାଣ ଏବଂ ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ମଧ ପ୍ରଭାବଶାଳୀ କରିବା ଉପରେ ଜୋର ଦେଇଛି। ଅନୁଷ୍ଠାନଗୁଡ଼ିକୁ ଛାତ୍ର ଅଭିଯୋଗ ସମାଧାନ କମିଟି, ଛାତ୍ର ସେବା କେନ୍ଦ୍ର ଏବଂ ମାନସିକ ପରାମର୍ଶ ୟୁନିଟ୍‌ଗୁଡ଼ିକୁ ସୁଦୃଢ଼ କରିବାକୁ କୁହାଯାଇଛି। ଯେଉଁଠାରେ ଆବଶ୍ୟକ, ସେଠାରେ ଓମ୍ବୁଡ୍ସପର୍ସନ୍‌ଙ୍କ ନିଯୁକ୍ତି କିମ୍ବା ଏହି ବ୍ୟବସ୍ଥାକୁ ସକ୍ରିୟ କରିବାକୁ ମଧ କୁହାଯାଇଛି, ଯାହାଦ୍ୱାରା ଛାତ୍ରଛାତ୍ରୀଙ୍କ ଅଭିଯୋଗର ପ୍ରଭାବଶାଳୀ ସମାଧାନ କରାଯାଇପାରିବ। ବିଭାଗ ସ୍ପଷ୍ଟ କରିଛି ଯେ, ଏହି ସମସ୍ତ ବ୍ୟବସ୍ଥା ନିୟମିତ ଭାବେ କାର୍ଯ୍ୟକ୍ଷମ ରହିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ସହଜରେ ଉପଲବ୍ଧ ହେବା ଆବଶ୍ୟକ, ଯାହାଦ୍ୱାରା କୌଣସି ସମସ୍ୟା ହେଲେ ସେମାନେ ସମ୍ପୃକ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ। ପାରଦର୍ଶିତା ଏବଂ ଛାତ୍ରଛାତ୍ରୀଙ୍କ ସୁବିଧା ସୁନିଶ୍ଚିତ କରିବା ପାଇଁ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକୁ କମିଟିର ଅଧକ୍ଷ, ନୋଡାଲ୍ ଅଧିକାରୀ ଏବଂ ସଦସ୍ୟମାନଙ୍କ ନାମ, ପଦବୀ, ସରକାରୀ ଇ-ମେଲ୍ ଆଇଡି ଏବଂ ଫୋନ୍ ନମ୍ବର ପ୍ରମୁଖ ଭାବେ ପ୍ରଦର୍ଶନ କରିବାକୁ କୁହାଯାଇଛି। ଏହି ସମସ୍ତ ବିବରଣୀ ଅନୁଷ୍ଠାନର ନୋଟିସ୍ ବୋର୍ଡ ସହିତ ସରକାରୀ ୱେବସାଇଟ୍‌ରେ ମଧ ଉପଲବ୍ଧ କରାଇବାକୁ ପଡ଼ିବ, ଯାହାଦ୍ୱାରା ଆବଶ୍ୟକ ସମୟରେ ଛାତ୍ରଛାତ୍ରୀ ସମ୍ପୃକ୍ତ ଅଧିକାରୀଙ୍କ ସହ ସିଧାସଳଖ ଯୋଗାଯୋଗ କରିପାରିବେ। ନିର୍ଦ୍ଦେଶର ଅନୁପାଳନ ତଦାରଖ ପାଇଁ ଉଚ୍ଚଶିକ୍ଷା ବିଭାଗ ଆଂଚଳିକ ସ୍ତରରେ ଯାଂଚ ବ୍ୟବସ୍ଥା କରିଛି। ଓଡ଼ିଶାର ଉତ୍ତର, ଦକ୍ଷିଣ, ପଶ୍ଚିମ ଓ ପୂର୍ବ ଆଂଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକର ଯାଂଚ ଏବଂ ଅଡିଟ୍ କରିବେ। ଯାଂଚ ସମୟରେ ଅନିବାର୍ଯ୍ୟ କମିଟିଗୁଡ଼ିକର ଉପଯୁକ୍ତ ଗଠନ କିମ୍ବା ପୁନର୍ଗଠନ କରାଯାଇଛି କି ନାହିଁ ଏବଂ ଛାତ୍ର ସୁରକ୍ଷା ଓ ଅଭିଯୋଗ ସମାଧାନ ସହ ଜଡ଼ିତ ବ୍ୟବସ୍ଥା ବାସ୍ତବରେ ପ୍ରଭାବଶାଳୀ ଭାବେ କାର୍ଯ୍ୟ କରୁଛି କି ନାହିଁ, ତାହା ଯାଂଚ କରାଯିବ। ନିର୍ଦ୍ଧାରିତ ୭ ଦିନର ସମୟସୀମା ମଧ୍ୟରେ ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରୁଥିବା କିମ୍ବା ପ୍ରଭାବଶାଳୀ ଓ କାର୍ଯ୍ୟକ୍ଷମ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାରେ ବିଫଳ ହେଉଥିବା ଅନୁଷ୍ଠାନ ବିରୋଧରେ ପ୍ରଶାସନିକ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ।

# ୧୩ତମ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘ ଉଦ୍‌ଘାଟିତ

**ଭୁବନେଶ୍ୱର,୧୮।୮ (ମହାଭାରତ):** କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘର ୧୩ତମ ସଂସ୍କରଣ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାକ୍ତନ ରାଷ୍ଟ୍ରଦୂତ ତଥା ନୂଆଦିଲ୍ଲୀ ମନୋହର ପାରିକର ପ୍ରତିରକ୍ଷା ଅଧ୍ୟୟନ ଏବଂ ଆନାଲିସିସ୍ ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ସୁଜନ ଚିନୟ ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ ଓ ଦଳଗତ ଭାବେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦାହରଣ ଦେଇ ସେ କହିଲେ, ଭୁବନେଶ୍ୱରକୁ ଏକ ବିଶାଳ ଶିକ୍ଷା ହବ୍‌ରେ ପରିଣତ କରିବା ଦିଗରେ ଅଚ୍ୟୁତ ସାମନ୍ତଙ୍କ ଯୋଗଦାନ ପ୍ରଶଂସନୀୟ। ଅଚ୍ୟୁତଙ୍କ ଜୀବନରେ ସରଳତା, ଉଚ୍ଚ ମୂଲ୍ୟବୋଧ, ଦର୍ଶନ, କଠିନ ପରିଶ୍ରମ, ଦଳଗତ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ସେ କହିଥିଲେ। ଗୋଟିଏ ରଥ ଯେପରି ଗୋଟିଏ ଚକରେ ଚାଲିପାରିବ ନାହିଁ, ସେହିପରି ରଥ ଚାଲିବା ପାଇଁ ଚାରୋଟି ଚକ ଆବଶ୍ୟକ। ସେହିପରି ତୁମେ ସମସ୍ତେ ଯେକୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଏକାଠି ହେବା ଉଚିତ। ଛାତ୍ରଛାତ୍ରୀମାନେ ଯାହା ସବୁ କାମ କରିବେ ତା ଉପରେ ଦେଶର ପ୍ରଗତି ନିର୍ଭର କରିବ। ଦେଶର ପରିବର୍ତ୍ତନ ଆଣିବାକୁ ହେଲେ ଏହାର ସକାରାତ୍ମକ ଏବଂ ନକାରାତ୍ମକ ଉଭୟ ଦିଗକୁ ଧୈର୍ଯ୍ୟର ସହ ବିଚାର କରିବାକୁ ହେବ। ଜାତିସଂଘ ଉପରେ ସୂଚନା ଦେଇ ସୁଜନ କହିଲେ, ଜାତିସଂଘ ପ୍ରତିଷ୍ଠା ହେବାପରେ ଏହାର ସୁରକ୍ଷା ପରିଷଦକୁ ବିସ୍ତାର କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଏଥିରେ ଆହୁରି ଅନେକ ସଂସ୍କାର ଆଣିବାର ଅବଶ୍ୟକତା ଅଛି। ଛାତ୍ରଛାତ୍ରୀମାନେ ଆଜି ଯେଉଁ ଶିକ୍ଷା ଅର୍ଜନ କରନ୍ତି ତାହା ସେମାନଙ୍କୁ ଅଧିକ ବିନମ୍ର ତଥା ସମାଜରେ ଯୋଗଦାନ ଦେବା ପାଇଁ ସକ୍ଷମ କରାଇଥାଏ। ସେ କହିଲେ, ଗଣତାନ୍ତ୍ରିକ ଶକ୍ତି, ଇ-ଜ୍ଞାନ ସମ୍ଭାବନା, ବର୍ଦ୍ଧିତ ସାମରିକ କ୍ଷମତା, ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ବିଶ୍ୱ କ୍ଷେତ୍ରରେ ଭାରତର ଭୂମିକା ସାଂପ୍ରତିକ ବର୍ଷଗୁଡ଼ିକରେ ମଜବୁତ ହୋଇଛି। ଆମେ ଜଳବାୟୁ ପରିବର୍ତ୍ତନ, ସବୁଜ ପରିବର୍ତ୍ତନ, ଖାଦ୍ୟ ଏବଂ ଶକ୍ତି ସୁରକ୍ଷା ସମେତ ପ୍ରମୁଖ ଚ୍ୟାଲେଞ୍ଜର ମୁକାବିଲା ପାଇଁ ବିଶ୍ୱ ସମୁହ ସହ ଏକାଠି କାମ କରିବାକୁ ଭାରତ ସର୍ବଦା ପ୍ରସ୍ତୁତ ରହିଛି ବୋଲି ସେ କହିଥିଲେ। ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାତ୍ରଛାତ୍ରୀମାନେ ଶିକ୍ଷା ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଆସୁଛନ୍ତି। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ତୁମେମାନେ ନିଜ ପ୍ରତି ଭଲ ହେବାକୁ ଚେଷ୍ଟା କର ଓ ସମାଜ ପ୍ରତି ଭଲ ହେବାକୁ ଚେଷ୍ଟା କର। ତୁମେ ଯେତେ ବଡ଼ ହେଲେ ମଧ ନିଜେ ଭଲ ହେଲେ ଦେଶକୁ ସକାରାତ୍ମକ ଭାବରେ ପରିବର୍ତ୍ତନ କରିପାରିବ। ଦୁଇଦିନ ଧରି ଚାଲିବାକୁ ଥିବା ୧୩ତମ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘ କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସମେତ ଭୁବନେଶ୍ୱର, ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା ଆଦି ଭାରତର ବିଭିନ୍ନ ସ୍ଥାନର ୧ଶହ ବିଦ୍ୟାଳୟରୁ ୧୫ଶହ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି।



# ପ୍ରତିରକ୍ଷା କର୍ମଚାରୀଙ୍କ ପାଇଁ ବଜାଜ୍ ପ୍ରୋଶିଲ୍ଡ ଏବଂ ଉନ୍ନତ ଭି-ପେ ୨.୦ ଶୁଭାରମ୍ଭ

**ଭୁବନେଶ୍ୱର,୧୮।୮ (ମହାଭାରତ):** ସରକାରୀ ଭାରତର ଅନ୍ୟତମ ଅଗ୍ରଣୀ ଘରୋଇ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ, ବଜାଜ୍ ଜେନେରାଲ ଇନସ୍ୟୁରାନ୍ସ ଲିମିଟେଡ୍ (ପୂର୍ବରୁ ବଜାଜ୍ ଆଲିଆଞ୍ଜ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ଭାବେ ପରିଚିତ), ଆଜି ପ୍ରତିରକ୍ଷା କର୍ମଚାରୀଙ୍କ ପାଇଁ ପରିକଳ୍ପିତ ଏକ ପ୍ୟାକେଜ୍ ହୋଇଥିବା ମୋଟର ଇନସ୍ୟୁରାନ୍ସ ସଲ୍ୟୁସନ ପ୍ରୋଶିଲ୍ଡର ଶୁଭାରମ୍ଭର ଘୋଷଣା କରିଛି। ଏହା ସହିତ ଆଜିର ସଂଯୁକ୍ତ ଯାନ ଏବଂ ବିକଶିତ ଗତିଶୀଳତା ବିପଦ ପାଇଁ ଏହାର ପରବର୍ତ୍ତୀ ପିଢିର ମୋଟର ଇନସ୍ୟୁରାନ୍ସ ଅଫରିଙ୍ଗ, ଉନ୍ନତ ଭି-ପେ ୨.୦ ର ମଧ ଉପସ୍ଥାପନା କରାଯାଇଛି। ଆମର ପ୍ରତିରକ୍ଷା କର୍ମଚାରୀମାନେ ଦେଶର ସୀମା ଏବଂ ସୁରକ୍ଷାର ଧ୍ୟାନ ରଖୁଥିବା ବେଳେ, ସେମାନଙ୍କୁ ପ୍ରାୟତଃ ବାରମ୍ବାର ସ୍ଥାନାନ୍ତରଣ, କାର୍ଯ୍ୟକ୍ଷେତ୍ରର ଦାୟିତ୍ୱ ଏବଂ ପରିବାର ଠାରୁ ଦୀର୍ଘ ସମୟ ଧରି ଦୂରରେ ରହିବା ପରି ପରିସ୍ଥିତି ସହିତ ଜଡ଼ିତ ଜୀବନଶୈଳୀ ଅନୁସରଣ କରିବାକୁ ପଡ଼ିଥାଏ। ସେମାନଙ୍କ ସେବା ପ୍ରତି ଗଭୀର କୃତଜ୍ଞତା ସହିତ ପ୍ରସ୍ତୁତ ପ୍ରୋଶିଲ୍ଡ ହେଉଛି ଏକ ଉତ୍ସର୍ଗୀକୃତ ସମାଧାନ, ଯାହା ସାମରିକ ଜୀବନର ବିଶେଷ ସମସ୍ୟାଗୁଡ଼ିକର ସମାଧାନ କରିବା ସହିତ ସେମାନଙ୍କ କର୍ମ ସେମାନଙ୍କୁ ଯେଉଁଠାକୁ ନେଇଯାଏ, ସେଠାରେ ସୁରକ୍ଷା, ସୁବିଧା ଏବଂ ନିର୍ଭରଯୋଗ୍ୟ ଆର୍ଥିକ ସହାୟତା ପ୍ରଦାନ କରିଥାଏ।

ଏହାର ଶୁଭାରମ୍ଭ ଅବସରରେ ବଜାଜ୍ ଜେନେରାଲ ଇନସ୍ୟୁରାନ୍ସର ଏମଡି ଏବଂ ସିଇଓ ଡ. ତପନ ସିଂଘେଲ କହିଛନ୍ତି, "ପାରମ୍ପରିକ ଭାବରେ ମୋଟର ଇନସ୍ୟୁରାନ୍ସ ମୁଖ୍ୟତଃ ଦୁର୍ଘଟଣା ପରେ ଯାନକୁ ସୁରକ୍ଷା ଦେବା ଉପରେ ଧ୍ୟାନ କେନ୍ଦ୍ରିତ କରିଆସିଛି। ଆଜି ମୋବିଲିଟି ବହୁତ ଅଧିକ ଗତିଶୀଳ ହୋଇଛି. ଯାନଗୁଡ଼ିକ ଦିନକୁ ଦିନ ଅଧିକ ସଂଯୋଜିତ ଏବଂ ପ୍ରଯୁକ୍ତି ଉପରେ ନିର୍ଭରଶୀଳ ହେଉଛନ୍ତି। ବିଭିନ୍ନ ଗ୍ରାହକ ବର୍ଗର ଆବଶ୍ୟକତା ମଧ ଭିନ୍ନ ରହିଛି।

# ହିମାଳୟ ବେବିକେୟାର୍ ଶୁଦ୍ଧତମ ଶୁଭାରମ୍ଭ

**ଭୁବନେଶ୍ୱର,୧୮।୮ (ମହାଭାରତ):** ଶିଶୁମାନେ ଭଲ ପାଉଥିବା ଭାରତର ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ବେବି କେୟାର୍ (ଶିଶୁ ଯତ୍ନକାରୀ) ବ୍ରାଣ୍ଡ୍ ହିମାଳୟ ବେବିକେୟାର୍ ତାହାର ନୂତନ ହିମାଳୟ ବେବି ପିୟୋର ବିଗିନିଂସ୍ ଘି ଗିଫ୍ଟ ପ୍ୟାକ୍ ନିମନ୍ତେ ଏକ ନୂତନ ଏଆଇ ଆଧାରିତ ଡିଭିସି ଶୁଭାରମ୍ଭ କରିଛି, ଯାହା ପ୍ରଯୁକ୍ତି ଭିତ୍ତିକ କାହାଣୀ କଥନ, ସାଂସ୍କୃତିକ ପ୍ରାସଙ୍ଗିକତା ଏବଂ ଅଗ୍ରଣୀ ଉତ୍ପାଦ ଅବସ୍ଥିତିର ସମ୍ମିଶ୍ରଣ ଜରିଆରେ ପରିବର୍ତ୍ତନଶୀଳ ନବଜାତକ ଉପହାର ବର୍ଗରେ ନିଜର ଉପସ୍ଥିତିକୁ ସୁଦୃଢ କରୁଛି। ନବଜାତକମାନଙ୍କୁ ଉପହାର ଦେବା ଭାରତୀୟ ପରିବାରଗୁଡିକରେ ଗଭୀର ଭାବରେ ଭାବପ୍ରବଣ ଏବଂ ପ୍ରତୀକାତ୍ମକ ବୋଲି ଅନ୍ତର୍ଦୃଷ୍ଟିକୁ ନେଇ ପରିକଳ୍ପନା କରାଯାଇଥିବା ଏହି ପ୍ରଚାର ଅଭିଯାନ ଏକ ଆଧୁନିକ ପ୍ରଚକ୍ଷୁ ଜରିଆରେ ପାରମ୍ପରିକ ଶିଶୁ ଉପହାର ପ୍ରଦାନ ବ୍ୟବସ୍ଥାକୁ ପୁନଃ ରୂପାୟିତ କରୁଛି। ଏହି ପ୍ରଚାର ଅଭିଯାନ ହିମାଳୟ ବେବି ପିୟୋର ବିଗିନିଂସ୍ ଘି ଗିଫ୍ଟ ପ୍ୟାକ୍‌କୁ ଆଧୁନିକ ପରିବାରଗୁଡିକ ଆବଶ୍ୟକ କରୁଥିବା ବିଶ୍ୱସନୀୟ, କୋମଳ ଏବଂ ଅର୍ଥପୂର୍ଣ୍ଣ ଶିଶୁ ଯତ୍ନକାରୀ ଉପହାର ଭାବରେ ଏକ ଚିନ୍ତନଶୀଳ ଏବଂ ଅଗ୍ରଣୀ ଉପହାର ସମାଧାନ ଆକାରରେ ଉପସ୍ଥାପିତ କରୁଛି।

# ଲୋକାୟୁକ୍ତ ନିଯୁକ୍ତି ନେଇ ରାଜସ୍ୱ ମନ୍ତ୍ରୀ ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି

**ଭୁବନେଶ୍ୱର,୧୮।୮ (ମହାଭାରତ):** ଲୋକାୟୁକ୍ତ ନିଯୁକ୍ତି ପ୍ରସଙ୍ଗରେ ବିଳମ୍ବକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ମନ୍ତବ୍ୟ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜୁ ଜନତା ଦଳ । ମନ୍ତ୍ରୀ ଶ୍ରୀ ପୂଜାରୀ ଡାହା ମିଛ କହିଛନ୍ତି ଓ କେବଳ ମିଛ ହିଁ ବିଜେପିର ପୁଞ୍ଜି ହୋଇଛି, ଯାହା ମାଧ୍ୟମରେ ସେ ତାଙ୍କ ସରକାରଙ୍କୁ ଲୋକନିନ୍ଦାରୁ ବଂଚାଇବା ପାଇଁ ଅପପ୍ରୟାସ କରୁଛନ୍ତି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ମନ୍ତ୍ରୀ ଶ୍ରୀ ପୂଜାରୀ ଲୋକାୟୁକ୍ତ ନିଯୁକ୍ତିରେ ବିଳମ୍ବକୁ ନେଇ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ, ୨୪ ବର୍ଷରେ ହୋଇନଥିଲା ୨ ବର୍ଷ ବିଳମ୍ବ କ'ଣ ବେଶୀ ହୋଇଗଲା କି ବୋଲି ପାଲଟା ପ୍ରଶ୍ନ କରିଥିଲେ । ୨ ବର୍ଷ ବଡ଼ ନା ୨୪ ବର୍ଷ ବଡ଼ ଓ ୨ ବର୍ଷ ଯେପରି ଦୁଇ ଶତାବ୍ଦୀ ସହ ସମାନ ବୋଲି କହିବା ସହିତ ବିଜେଡି ସରକାରଙ୍କ ଆଡ଼କୁ ଦୋଷ ଠେଲି ଦେଇଥିଲେ । ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ସମସ୍ତ କ୍ଷେତ୍ରରେ ବିଫଳତା ଓ ଅରାଜକତା ଦେଖିବାକୁ ମିଳିଥିବା ବେଳେ ନିଜ ସରକାରଙ୍କ ବିଫଳତାକୁ ଲୁଚାଇବାକୁ ବିଜେପି ମିଛର ସାହାରା ନେଇ ୨୪ ବର୍ଷର ବିଜେଡି ସରକାର ଉପରେ ଦୋଷ ଲଦିବାକୁ ଅପପ୍ରୟାସ କରୁଛି । ମିଛ ଯେପରି ବିଜେପିର ପୁଞ୍ଜି ହୋଇଛି । ନିର୍ବାଚନ ସମୟରେ ଅନେକ ଗୁଡିଏ ମିଛ ପ୍ରତିଶ୍ରୁତି ଓ ମିଛ ଅଭିଯୋଗ କରିଥିଲେ ଓ କ୍ଷମତାକୁ ଆସିବା ପରେ ମଧ ସେଇ ମିଛର ସାହାରା ନେଇ କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବାକୁ ଉଦ୍ୟମ କରୁଛନ୍ତି । ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଆଜି ଦେଇଥିବା ମନ୍ତବ୍ୟ କେବଳ ଡାହା ମିଛ ଛଡା ଆଉ କିଛି ନୁହେଁ । ଦୁର୍ନୀତି ଉପରେ ଅଙ୍କୁଶ ଲଗାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୧୩ ମସିହାରେ ଲୋକାୟୁକ୍ତ ଆଇନ ପାରିତ କରିବା ପରେ ଦେଶର ପ୍ରଥମ ରାଜ୍ୟ ଭାବେ ଓଡିଶା ୨୦୧୪ ମସିହାରେ ରାଜ୍ୟ ବିଧାନସଭାରେ ବିଲ୍ ପାରିତ କରିଥିଲା । ଏହାର ସମସ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ୨୦୧୮ ମସିହାରେ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ହୋଇଥିଲେ ।ଡ଼ ମହାନ୍ତି ଆହୁରି କହିଥିଲେ ଯେ, ନିଯୁକ୍ତି ହୋଇଥିବା ଲୋକାୟୁକ୍ତଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୨୦୨୪ରେ ଶେଷ ହୋଇଥିବା ବେଳେ ଏହାର ଦୁଇ ସଦସ୍ୟଙ୍କ କାର୍ଯ୍ୟକାଳ ଅଗଷ୍ଟ ୨୦୨୪ରେ ଶେଷ ହୋଇଥିଲା । ଏହାପରେ, ନୂତନ ଲୋକାୟୁକ୍ତ ନିଯୁକ୍ତି ଦାୟିତ୍ୱ ବିଜେପି ସରକାରଙ୍କର ଥିଲା । କିନ୍ତୁ କେବଳ ରଙ୍ଗ ମରା ଓ ନାମ ପରିବର୍ତ୍ତନ ସହିତ ଦୁର୍ନୀତିରେ ଉବୁଟୁବୁ ହେଉଥିବା ବିଜେପି ସରକାର ଲୋକାୟୁକ୍ତ ନିଯୁକ୍ତି ଉପରେ ଗୁରୁତ୍ୱ ଦେଇନଥିଲେ, ଯେଉଁଥିପାଇଁ ୨ ବର୍ଷ ହେଲା ଲୋକାୟୁକ୍ତ ପଦବୀ ଖାଲି ପଡିଛି ।

# ଏନଏଚ୍‌ସି ଫୁଡ୍‌ସ୍‌ର କ୍ୟୁ୧ ଏଫଆଇରେ ମଜଭୁତ

**ଭୁବନେଶ୍ୱର,୧୮।୮ (ମହାଭାରତ):** ସରକାରୀ ସ୍ୱୀକୃତିପ୍ରାପ୍ତ ଥ୍ରୀ ଷ୍ଟାର୍ ରପ୍ତାନିକାରୀ ସଂସ୍ଥା ତଥା ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ ଏନଏଚ୍‌ସି ଫୁଡ୍‌ସ୍ ଲିମିଟେଡ (ବିଏସ୍‌ଇ: ୫୧୭୫୫୪) କ୍ୟୁ୧ ଏଫ୍‌ୱାଇ୨୭ରେ ମଜଭୁତ ବ୍ୟବସାୟିକ ପ୍ରଦର୍ଶନ କରିଥିବା ଘୋଷଣା କରିଛି। ଏହାର ବ୍ୟବସାୟିକ ପରିଚାଳନାରୁ ଅଡିଟ୍ ହୋଇନଥିବା କନ୍‌ସୋଲିଡେଟେଡ ରାଜସ୍ୱ ଆୟ ୱାଇଓୱାଇ ୨୩୪.୫୪% ବୃଦ୍ଧିପାଇ ୩୬୯.୬୯ କୋଟି ଟଙ୍କା ହୋଇଛି, ଯାହା କ୍ୟୁ୧ ଏଫ୍‌ୱାଇ୨୬ରେ ୧୧୦.୫୧ କୋଟି ଟଙ୍କା ରହିଥିଲା। କମ୍ପାନୀର ଇବିଆଇଟିଡିଏ କ୍ୟୁ୧ ଏଫ୍‌ୱାଇ୨୭ରେ ୨୧.୨୯ କୋଟି ଟଙ୍କା ହୋଇଛି, ଯେଉଁଥିରେ କ୍ୟୁ୧ ଏଫ୍‌ୱାଇ୨୬ରେ ରହିଥିବା ଇବିଆଇଟିଡିଏ ୩.୪୮ କୋଟି ଟଙ୍କା ତୁଳନାରେ ୫୧୨.୪୩% ଅଭିବୃଦ୍ଧି ସାଧିତ ହୋଇଛି। ଆଲୋଚ୍ୟ ବର୍ଷ ନିମନ୍ତେ କନ୍‌ସୋଲିଡେଟେଡ ଲାଭ ପରିମାଣ ୧୬.୯୯ କୋଟି ଟଙ୍କା ହୋଇଛି, ଯାହା କ୍ୟୁ୧ ଏଫ୍‌ୱାଇ୨୬ରେ ୧.୬୭ କୋଟି ଟଙ୍କା ହୋଇଥିଲା ଏବଂ ଏଥିରେ ୱାଇଓୱାଇ ୯୧୯.୮୧% ଅଭିବୃଦ୍ଧି ଘଟିଛି। କ୍ୟୁ୧ ଏଫ୍‌ୱାଇ୨୬ରେ ସେୟାର୍ ପିଛା ମୂଳ ଇପିଏସ୍ ୦.୦୩ ଟଙ୍କା ଥିବାବେଳେ ତାହା ୦.୨୬ ଟଙ୍କାକୁ ବୃଦ୍ଧିପାଇଛି।

# ସୈନିକମାନଙ୍କୁ ସମ୍ମାନିତ ପାଇଁ କେଡିଏମର ୧ ଲକ୍ଷରୁ ଅଧିକ ଡିଲର ନିୟୋଜିତ

**ଭୁବନେଶ୍ୱର,୧୮।୮ (ମହାଭାରତ):** ଭାରତର ଅଗ୍ରଣୀ ଜୀବନଶୈଳୀ ଏବଂ ମୋବାଇଲ୍ ଆସେସୋରିଜ୍ ବ୍ରାଣ୍ଡ କେଡିଏମ୍ ଏହାର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଚାଲିଥିବା 'ଭାରତ କା ଚାର୍ଜର' ପଦକ୍ଷେପ ଅଧୀନରେ ଦେଶବ୍ୟାପୀ ପ୍ରତିଶ୍ରୁତିବଦ୍ଧତା ଘୋଷଣା କରିଛି। ଦେଶର ସଶସ୍ତ୍ର ବାହିନୀକୁ ସମ୍ମାନିତ କରିବା ଏବଂ ସଶସ୍ତ୍ର ବାହିନୀ ପରିବାରର ପିଲାମାନଙ୍କର ଶିକ୍ଷାକୁ ସମର୍ଥନ କରିବା ପାଇଁ ଉତ୍ସର୍ଗୀକୃତ ଏକ ଉଦ୍ଦେଶ୍ୟ ଆଧାରିତ ଅଭିଯାନର ଶୁଭାରମ୍ଭ କରାଯାଇଛି। ସାରା ଦେଶରେ ୧ ଲକ୍ଷରୁ ଅଧିକ ଡିଲରଙ୍କ ସହିତ, କେଡିଏମ୍ ଇଣ୍ଡିଆ ଏହାର ବ୍ୟବସାୟ ନେଟୱାର୍କକୁ ସାମାଜିକ ପ୍ରଭାବ ପାଇଁ ଏକ ଶକ୍ତିରେ ପରିଣତ କରୁଛି । ଏହି ପଦକ୍ଷେପ ଅନୁଯାୟୀ, ବିକ୍ରୟ ହୋଇଥିବା ପ୍ରତ୍ୟେକ ଚାର୍ଜରରୁ ଆୟର ଏକ ଅଂଶ ସଶସ୍ତ୍ର ବାହିନୀ ପରିବାରର ପିଲାମାନଙ୍କର ଶିକ୍ଷାକୁ ସମର୍ଥନ କରିବ, ଦୈନନ୍ଦିନ କ୍ରୟକୁ ଏକ ବୃହତ ଜାତୀୟ ଉଦ୍ଦେଶ୍ୟ ସହିତ ଯୋଡିବ। 'ଭାରତ କା ଚାର୍ଜର' ପଦକ୍ଷେପ ଆଗ ଧାଡିରେ ଠିଆ ହୋଇଥିବା ସୈନିକମାନଙ୍କୁ ସମ୍ମାନିତ କରିଥାଏ, ଯେଉଁମାନେ ସ୍ୱାଧୀନତାର ସୁରକ୍ଷା କରନ୍ତି ଯାହା ପ୍ରତ୍ୟେକ ଭାରତୀୟଙ୍କୁ ସ୍ୱପ୍ନ ଦେଖିବା, ନିର୍ମାଣ କରିବା ଏବଂ ଆଗକୁ ବଢ଼ିବାରେ ସକ୍ଷମ କରିଥାଏ ।

# ବିଦେଶରୁ ଗ୍ୟାସ ଆମଦାନୀ

ଏଲପିଜି ବା ରନ୍ଧନ ଗ୍ୟାସ ଲାଗି ଆମେ ବିଦେଶ ଉପରେ ନିର୍ଭର କରୁଛୁ। ଏହାକୁ ଯଥାସମ୍ଭବ ହ୍ରାସ କରିବାକୁ ହେଲେ ବାୟୋଗ୍ୟାସ ଭଳି ବିକଳ୍ପ ଇନ୍ଧନ ବ୍ୟବହାରକୁ ବ୍ୟାପକ କରିବାକୁ ହେବ। ଯଦି ଗୋବର୍ଦ୍ଧନ ଯୋଜନା ସଫଳ ହେବ ତେବେ ଭାରତରେ ବାର୍ଷିକ ହାରାହାରି ୫ ବିଲିୟନ ଡଲାର ସଂଚିତ ହୋଇପାରିବ। କହିବା ବାହୁଲ୍ୟ ଯେ, ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡ଼ିଛି। ଏହାର ପ୍ରଭାବରେ ଇନ୍ଧନ ସଙ୍କଟ ଅତି ଜଟିଳ ହୋଇଛି। କାରଣ ମଧ୍ୟପ୍ରାଚ୍ୟ ହିଁ ତୈଳ ଉତ୍ପାଦନର କେନ୍ଦ୍ରସ୍ଥଳ। ଇରାନ ନିଜେ ଏକ ତୈଳ ସମୃଦ୍ଧ ରାଷ୍ଟ୍ର। ଏହା ଛଡ଼ା ସାଉଦୀ ଆରବ, ୟୁଏଇ, ଓମାନ, ବାହାରିନ,କୁଏଟ, କାଟାର ଇତ୍ୟାଦି ଜିସିସି ସଦସ୍ୟଭୁକ୍ତ ରାଷ୍ଟ୍ର ବିଶ୍ୱର ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର। ସେଠାରୁ ଉତ୍ପାଦିତ ତୈଳ ବିଶ୍ୱର ଅଧାରୁ ଅଧିକ ଅଞ୍ଚଳକୁ ରପ୍ତାନୀ ହୋଇଥାଏ। ଯୁଦ୍ଧ ଯୋଗୁ କେବଳ ତୈଳ ଉତ୍ପାଦନ ବ୍ୟାହତ ହୋଇନି, ତୈଳ ରପ୍ତାନୀ ମଧ୍ୟ ପ୍ରଭାବିତ ହୋଇଛି। କାରଣ ମଧ୍ୟପ୍ରାଚ୍ୟ ତଥା ପଶ୍ଚିମ ଏସିଆରୁ ଯେଉଁ ରୁଟ ଦେଇ ତୈଳ ସମୁଦ୍ର ପଥରେ ପରିବହନ ହୋଇଥାଏ ସେହି ରାସ୍ତାରେ ଇରାନ ଆକ୍ରମଣ କରୁଛି। ବିଶେଷ କରି ହରମୁଜ ପ୍ରଣାଳୀ ଦେଇ ପଶ୍ଚିମ ଏସିଆରୁ ଅଧିକାଂଶ ତୈଳବାହୀ ଜାହାଜ ଯାଇଥାଏ। ଯୁଦ୍ଧ ପୂର୍ବରୁ ଇରାନ ଧମକ ଦେଇଥିଲା ଯେ ଏହି ରୁଟକୁ ଅବରୋଧ କରିବ। ଏବେ ତାହା ହିଁ ହୋଇଛି। ହରମୁଜ ପ୍ରଣାଳୀ ଦେଇ ଯାଉଥିବା ପଣ୍ୟବାହୀ ଜାହାଜ ଉପରେ ଇରାନ ଆକ୍ରମଣ କରିବା ଫଳରେ ଏହି ପଥରେ ଜାହାଜ ଚଳାଚଳ ଏକରକମ ବନ୍ଦ ହୋଇଯାଇଛି। ଏହା ହିଁ ତୈଳ ସଙ୍କଟର ପ୍ରମୁଖ କାରଣ। ଏଥିରେ ଭାରତ ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। ଭାରତରେ ଏବେ ସୁଦ୍ଧା ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ପାଇନି କିମ୍ବା ଏହାର ଅଭାବ ଅନୁଭବ କରାଯାଉନି। କାରଣ ଭାରତରେ ପ୍ରଚୁର ପରିମାଣର ଅଶୋଧିତ ତୈଳ ମହଜୁଦ ରହିଛି। ଆଗକୁ କ'ଣ ହେବ ତାହା ଭିନ୍ନ କଥା। କିନ୍ତୁ ଏବେ ପେଟ୍ରୋଲ ଏବଂ ଡିଜେଲ ଅଭାବ ନାହିଁ। ବିଦେଶରୁ ଏଲପିଜି ବା ଗ୍ୟାସ ଟ୍ୟାଙ୍କର ଆସିବା ବନ୍ଦ ହୋଇଯିବାରୁ ଭାରତରେ ଏହାର ସଙ୍କଟ ଦେଖାଦେଇଛି। ଏଥିପାଇଁ ସରକାରଙ୍କୁ ଦୋଷ ଦେବା ଅନୁଚିତ। ଲୋକେ ଯେପରି ଆତଙ୍କିତ ହେଉଛନ୍ତି ସେଥିରେ ସଙ୍କଟ ଅଧିକ ଘନୀଭୂତ ହେବା ସ୍ୱାଭାବିକ। କିନ୍ତୁ ଲୋକେ ଅଯଥା ଛାନିଆ ହୋଇ ଗ୍ୟାସ ପାଇଁ ଡହଳ ବିକଳ ହେବା ଅନୁଚିତ। ଏବେ ବିକଳ୍ପ ଇନ୍ଧନ ଚିନ୍ତା କରିବାର ସମୟ ଆସିଛି। ପେଟ୍ରୋଲ ଏବଂ ଡିଜେଲ ବଦଳରେ ଅଧିକ ସଂଖ୍ୟାରେ ବିଦ୍ୟୁତ ଚାଳିତ ଗାଡ଼ି ବା ଇଭି ବ୍ୟବହାରକୁ ପ୍ରୋତ୍ସାହିତ କରାଯିବା ଉଚିତ। ସେହିପରି ଏଲପିଜି ପରିବର୍ତ୍ତେ ଲୋକେ ଇର୍ଡକସନ ବ୍ୟବହାରକୁ ଆପଣାଇବା ଉଚିତ। ଏଲପିଜି ବ୍ୟବହାରକୁ ବନ୍ଦ କରାଯାଇପାରିବନି। କିନ୍ତୁ ଏହାକୁ ହ୍ରାସ କରାଯାଇପାରିବ। କିନ୍ତୁ କାଠଚୁଲା, କୋଇଲା ଏହାର ବିକଳ୍ପ ନୁହେଁ। ଏଲପିଜିର ଆଉ ଏକ ଭଲ ବିକଳ୍ପ ହେଲା ଗୋବର ଗ୍ୟାସ ବା ବାୟୋଗ୍ୟାସ। ବହୁ ବର୍ଷ ହେବ ଏହା ଉଦ୍ଭାବିତ ହେଲାଣି। କିନ୍ତୁ ବ୍ୟାପକ ପ୍ରଚାର ପ୍ରସାର ନଥିବାରୁ ଏହାକୁ ଲୋକେ କାର୍ଯ୍ୟକାରୀ କରୁନାହାଁନ୍ତି। କେବଳ ଗ୍ରାମାଞ୍ଚଳରେ ଏହାର ବ୍ୟବହାର ସୀମିତ ରହିଛି। ସହରାଞ୍ଚଳରେ ଗାଈ ଗୋରୁଙ୍କ ସଂଖ୍ୟା ଖୁବ କମ ଥିବାରୁ ଏଭଳି ହୋଇଛି। ଏବେ ସମୟ ଆସିଛି ଲୋକେ ପୁଣି ଗୋ ସମ୍ପଦକୁ ଆପଣାଇବା ଉଚିତ। ସେହିପରି ସୋଲାର ପାୱାରକୁ ମଧ୍ୟ ସର୍ବାଧିକ ଗୁରୁତ୍ୱ ଦିଆଯିବା ଉଚିତ। ଘରେ ଘରେ ସୋଲାର ପାୱାର ଉତ୍ପାଦନ କରାଯାଇ ଏହା ମାଧ୍ୟମରେ ଇନ୍ଧନ ସଙ୍କଟକୁ ଦୂର କରାଯାଇପାରିବ। ଭାରତ ଭଳି ଏକ ଗ୍ରୀଷ୍ମପ୍ରଧାନ ଦେଶରେ ସୋଲାର ପାୱାର ଉତ୍ପାଦନ ବୃଦ୍ଧିର ବ୍ୟାପକ ସମ୍ଭାବନା ରହିଛି। ଏହା ଦ୍ୱାରା ଏଲପିଜି ଉପରେ ନିର୍ଭରଶୀଳତା ୫୦% ହ୍ରାସ ପାଇପାରିବ। ବିଦେଶରୁ ଏଲପିଜି କିଣିବାକୁ ଆଉ ବାଧ୍ୟବାଧକତା ପଡ଼ିବନି। ଆମ ଦେଶରେ ବି ଗ୍ୟାସ ଉତ୍ପାଦିତ ହେଉଛି। ବିଦେଶରୁ ଆଉ ଅଳ୍ପ କିଛି ଗ୍ୟାସ ଆମଦାନୀ କରିଲେ କାମ ଚଳିଯିବ।

# ପାକ୍ ଓ ଜମାତର ଭାରତ ବିରୋଧୀ ପ୍ରଚ୍ଚର

॥ ସୌମେନ୍ଦ୍ର ଜେନା ॥

"
ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧ୍ୟମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି ।

ମଣିଷ ପ୍ରାକୃତିକ ଭାବେ ବଂଚିବା ଲକ୍ଷରେ କେବଳ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ବ୍ୟତୀତ କେତେବେଳେ କିଛି ଆନନ୍ଦ ଉପଭୋଗ କରିବା ପାଇଁ ଅତ୍ୟଧିକ ଖର୍ଚ୍ଚ କରିବାକୁ ପଡିଥାଏ । ଖାଦ୍ୟ ବସ୍ତ୍ର ଏବଂ ବାସଗୃହର ସଜ୍ଞା ଦୁଇଟି ପରିବାର ପାଇଁ ସମାନ ହୋଇଥବା ବେଳେ ଆନନ୍ଦ ଉପଭୋଗର ସଂଜ୍ଞାରେ ବ୍ୟାପକ ଅନ୍ତର ପରିଲକ୍ଷିତ ହୋଇଥାଏ ଦୁଇଟି ପରିବାର ମଧରେ । ଆଉ କେବଳ ଏହି ଆନନ୍ଦ ପାଇଁ ସାଧାରଣ ନିର୍ବୋଧ ଅହେତୁକ ଭାବେ ଲୁଣ୍ଠନର ଶିକାର ହୋଇ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ବ୍ୟପାରୀ ସେମାନଙ୍କ ଠାରୁ ହାତେଇବାରେ ସମର୍ଥ ହୋଇଥା'ନ୍ତି । କେଉଁ କେଉଁ ମାର୍ଗରେ ବ୍ୟପାରୀ ସମାଜରୁ ଅର୍ଥ ଆଦାୟ ପୂର୍ବକ ସାଧାରଣ ନିର୍ବୋଧଙ୍କୁ ଦୁଃଖରେ ବଂଚିବାକୁ ସୁଯୋଗ ସୃଷ୍ଟି କରନ୍ତି ତର୍ଜମା କରିବା...

ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧ୍ୟମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି । ବ୍ୟକ୍ତିଗତ ଗମନାଗମନ ବ୍ୟବସ୍ଥା ପାଇଁ ଅକାରଣରେ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ସେମାନଙ୍କ ଦେଖାଣିଆ ଭାବକୁ କିଂଚିତ ଆତ୍ମତୃପ୍ତି ପ୍ରଦାନ କରୁଥିବା ବେଳେ ସେମିତି କୌଣସି ସାମାଜିକ ମାନ୍ୟତା ନଥାଇ ମଧ ବ୍ୟାପକ ଅର୍ଥ ବ୍ୟୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଅତ୍ୟନ୍ତ ସରଳ ସୂତ୍ରରେ ନିର୍ବାହ କରିଥା'ନ୍ତି ଖୁବ୍ କମ୍ ଖର୍ଚ୍ଚ ମାଧମରେ । ବାହାରେ ଖାଦ୍ୟ ଖାଇବା ତଥା ଦେଖାଣିଆ ଭାବେ ସମାଜରେ ନିଜକୁ ପ୍ରତିଷ୍ଠିତ କରିବା ଚିନ୍ତନ କାରଣରୁ ଅଜସ୍ର ଅର୍ଥ କ୍ଷୟ କରିବା ସହିତ ବ୍ୟାପକ ଅସାଧ ରୋଗ କ୍ରୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଆଦୌ କରନ୍ତି ନାହିଁ । ନିସାଗ୍ରସ୍ତ ହୋଇ ଜୀବନର ଆର୍ଥିକ ରୋଜଗାରର ଏକ ତୃତୀୟାଂଶ କିମ୍ବା ତାହାଠାରୁ ଅଧିକ ଖର୍ଚ୍ଚ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ଏକ ଆଲୋଚ୍ୟ ବିଷୟ ହୋଇ ରହିଯାଇଥାଏ କେବଳ । ଏହିଭଳି ଅନେକ କୃତିମ ଅମାନୁଷିକ ଆଚରଣ ଜନିତ ବ୍ୟାପକ ରୋଗ ଅର୍ଜିବା ଏବଂ ତାହାର ପ୍ରତିକାର ପାଇଁ ଘରୋଇ ଚିକିତ୍ସାଳୟରେ ଆଶାତୀତ ଖର୍ଚ୍ଚାନ୍ତର ଶିକାର ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହା ପ୍ରଥମ ପରିବାର କରନ୍ତି ନାହିଁ, କାରଣ ସେମାନଙ୍କୁ ଏହିଭଳି କୌଣସି ବୃହତକାୟ ରୋଗ ଶିକାର କରିପାରେ ନାହିଁ । ଏମିତି ଆହୁରି ଅନେକ ଅନୈତିକ କାର୍ଯ୍ୟରେ ନିଜର ରୋଜଗାର ଅର୍ଥକୁ ଅକାରଣରେ ନିୟୋଜିତ କରି ଅଭାବର ଶିକାର ହୋଇ ଅସାମାଜିକ କାର୍ଯ୍ୟ କରି ବ୍ୟାପକ ଅର୍ଥ ହାତେଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହାଙ୍କ ସେହି ରୋଜଗାରକୁ ବିଭିନ୍ନ ମହଲରେ ବ୍ୟପାରୀ ସ୍ତର ସ୍ତର କରି ପରୋକ୍ଷରେ ଲୁଣ୍ଠନ କରିଥା'ନ୍ତି ଏବଂ ସେମାନେ ସବୁବେଳେ କେବଳ ଦୁଃଖରେ ହିଁ କାଳାତିପାତ କରିଥା'ନ୍ତି କେତେ ରୋଜଗାର କଲେ ମଧ । କି'ନ୍ତୁ ପ୍ରଥମ ପରିବାରଟି ଏହିସବୁ ମାୟାରୁ ନିବୃତ୍ତ ରହି ନିଜକୁ ଏକ ସନ୍ତୁଳିତ ଅବସ୍ଥାରେ ରଖି ସୁଖରେ କାଳାତିପାତ କରିବାରେ ସମର୍ଥ ହୋଇଥା'ନ୍ତି ।

ବିଭିନ୍ନ ଅନ୍ୟାନ୍ୟ ମାଧମ ଗୁଡିକ ମଧରେ ନିଜକୁ ଅତିମାନବର ପରିଚୟ ପ୍ରଦାନ କରିବା ଲକ୍ଷ ରଖି ସାମାଜିକ ସ୍ତରରେ କେତେଯେ ଅନାବଶ୍ୟକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ତାହାର ପରିକଳ୍ପନା କରିବା କଷ୍ଟ । ଉଦାହରଣ ସ୍ୱରୂପ ନିଜର ବଡ଼ିମା ଦେଖାଇବା ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ଗୁଡିଏ ବ୍ୟବହାର କରିଥା'ନ୍ତି ଯାହା କେତେବେଳେ ଖାଦ୍ୟ ପଦାର୍ଥ ତ ଆଉ କେତେବେଳେ ଶାରୀରିକ ବାହ୍ୟ ପ୍ରୟୋଗ ହୋଇଥାଏ ଯାହା ସବୁ ଅସମ୍ଭବ ଦରରେ ବିକ୍ରି ହୋଇଥାଏ ବଜାରରେ ବ୍ୟପାରୀଙ୍କ ଦ୍ୱାରା ଯାହା ବ୍ୟବହାର କରି କେବଳ ଖର୍ଚ୍ଚାନ୍ତ ହେବାକୁ ପଡ଼ିନଥାଏ ବରଂ ଅସଂଖ୍ୟ ରୋଗ ସୃଷ୍ଟି କରିଥାଏ ସେହିସବୁ ରାସାୟନିକ ଦ୍ରବ୍ୟ ଗୁଡିକ ଯାହା ନିର୍ବୋଧ ଶିକ୍ଷିତ ଆଦୌ ଜାଣିପାରନ୍ତି ନାହିଁ । ପ୍ରଥମ ପରିବାର କି'ନ୍ତୁ ସେଗୁଡିକୁ ଆଦୌ ଦେଖନ୍ତି ନାହିଁ କିମ୍ବା ତାହା ବିଷୟରେ କୌଣସି ଅନୁଶୋଚନା ରହିନଥାଏ ସେମାନଙ୍କର ଯାହା ସେମାନଙ୍କୁ ସୁଖରେ ବଂଚିବା ପାଇଁ ସୁଯୋଗ ଦେଇଥାଏ । ଦୁରବାର୍ତ୍ତା, ଦୂରଦର୍ଶନ, ନାଚ, ଗୀତ, କ୍ରୀଡା ଭଳି ମନୋରଂଜନକାରୀ ବ୍ୟବହାର ଯେତିକି ମାତ୍ରାରେ ଆର୍ଥିକ ଶୋଷଣ କରିଥାଏ ସମାଜରୁ ଅକଳନିୟ ! ଏଗୁଡିକ ଜଣେ ମଣିଷ ଜୀବନ ବଂଚିବା ଶୈଳୀରେ କୌଣସି ଅତ୍ୟାଶ୍ୟକତା ରଖିନଥିବା ବେଳେ କେବଳ ସାମାଜିକ ପ୍ରହେଳିକା କାରଣରୁ ନିଜକୁ ସର୍ବାଗ୍ରେ ରଖିବା ଲକ୍ଷ ରଖି ଯେତିକି ଅର୍ଥ ନଷ୍ଟ କରିଥା'ନ୍ତି ସାଧାରଣ ନିର୍ବୋଧ ତାହାର ହିସାବ ଦେଲେ ହୁଏତ ମଣିଷ ବେହୋସ ହୋଇଯିବ ଯାହା ସବୁ ବ୍ୟପାରୀ ବିଭିନ୍ନ ମାଧମରେ ଲୁଟି ନେଇଥା'ନ୍ତି ଲୋକଙ୍କ ଠାରୁ । ବସ୍ତ୍ର, ବାସଗୃହ, ଉପକରଣ ତଥା ଖାଦ୍ୟ ପଦାର୍ଥ ଗୁଡିକର ଅତ୍ୟାଧୁନିକରଣ ଜନିତ ଅନାବଶ୍ୟକ ପଦାର୍ଥ ଗୁଡିକୁ ଅହେତୁକ ଭାବେ ଜୀବନ ଶୈଳୀରେ ଯୋଡ଼ିଦେଇ ବ୍ୟାପକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ଯାହାସବୁ କେବଳ ବିଭିନ୍ନ ପ୍ରଚାର ପ୍ରସାର ଜନିତ ଅଜ୍ଞତା ଜଡିତ ବ୍ୟବହାର କରିଥା'ନ୍ତି ନିର୍ବୋଧ ଏବଂ ପରୋକ୍ଷରେ ଆର୍ଥିକ ଭାରାକ୍ରାନ୍ତ ହୋଇ ଦୁଖଦଃ ପରିସ୍ଥିତି ସୃଷ୍ଟି କରିଥା'ନ୍ତି ନିଜକୁ ନିଜେ । ଏହିଭଳି ବ୍ୟାପକ କାରଣ ଜନିତ ଖର୍ଚ୍ଚାନ୍ତ ହୋଇଥା'ନ୍ତି ସାଧାରଣ ନିର୍ବୋଧ ଶିକ୍ଷିତ କିମ୍ବା ଅନ୍ୟାନ୍ୟ ଧନୀକ ଗୋଷ୍ଠୀର ମଣିଷ ଯାହା ସବୁ କୌଣସି ପ୍ରକାରେ ଜଣେ ପ୍ରାକୃତିକ ମଣିଷର ଅତ୍ୟାବଶ୍ୟକ ହୋଇନଥାଇ କେବଳ ସାମାଜିକ ପ୍ରହେଳିକା କାରଣରୁ । ସେସବୁ ହେତୁ ଅହେତୁକ ଭାବେ ନିଜକୁ ପଥଭ୍ରଷ୍ଟ କରି ବ୍ୟପାରୀଙ୍କ ଲୁଣ୍ଠନର ଶିକାର ହୋଇ ନିଜର ଆର୍ଥିକ ରୋଜଗାରକୁ ନଷ୍ଟ କରି ସମାଜରେ ଅନୈତିକ ଉପାୟରେ ଅର୍ଥ ଆଦାୟ କରି ନିଜକୁ ଦୁଃଖୀ କରି ବଞ୍ଚିଥା'ନ୍ତି ଜୀବନ ସାରା ଯାହା ପ୍ରଥମ ପରିବାର ନକରି ଆନନ୍ଦରେ ରହିଥା'ନ୍ତି । ଏମିତିକି କୌଣସି ନିଦର୍ଶନ ବିହନ କେବଳ କୁହେଳିକା ଜନିତ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ବିଷୟ ଗୁଡିକ ମାଧମରେ ସାଧାରଣ ମଣିଷ ସମୂହ ଯାହା ସବୁ ସାମାଜିକ ଖର୍ଚ୍ଚ କରିଥା'ନ୍ତି ସେଗୁଡିକୁ ବର୍ଜନ କରି ମଧ ଜଣେ ମଣିଷ ନିଜକୁ ସୁଖ ଶାନ୍ତିରେ ବଂଚିବା ସହିତ ଆନନ୍ଦରେ ଶେଷ ନିଶ୍ୱାସ ତ୍ୟାଗ କରିପାରିବ ଜୀବନ ଶେଷରେ ଯାହାର ସଜ୍ଞା ବୁଝାପଡୁନାହିଁ କାହାକୁ ଆଜିର ବ୍ୟପାରୀଙ୍କ ପ୍ରଚାର ଜନିତ କରାଳତା କାରଣରୁ । ନିଜର ପରିଚୟ ନପାଇ କେବଳ ଅନ୍ୟର ପ୍ରରୋଚନାରେ ନିଜକୁ ସର୍ବାଗ୍ରେ ସ୍ଥାପନ କରିବା ଲକ୍ଷ ରଖି ଯାହାସବୁ କରୁଛନ୍ତି ସାଧାରଣ ନିର୍ବୋଧ ସେଗୁଡିକର କୌଣସି ପ୍ରାକୃତିକ ସଜ୍ଞା ନାହିଁ ।

ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

# ଡାକ୍ତର ଫ୍ୟାକ୍ଟ୍ରି

॥ ସମ୍ବିତ ସାଇ ନାରାୟଣ ଭୂୟାଁ ॥

ଡାକ୍ତରୀ ଶିକ୍ଷା (କିମ୍ବା ଡିଗ୍ରୀ) ଲାଭ କରିବା ପାଇଁ ଭାରତୀୟ ଛାତ୍ରଛାତ୍ରୀମାନଙ୍କର ଏପରି ବିପୁଳ ସଂଖ୍ୟାରେ ବିଦେଶ ଗମନ ପଛରେ ଯେଉଁ ଦୁଇଟି କାରଣ ନିହିତ ଅଛି ବୋଲି କୁହାଯାଉଛି, ତାହା ହେଲା ଭାରତରେ ଯଥେଷ୍ଟ ସଂଖ୍ୟକ ମେଡ଼ିକାଲ କଲେଜ ଓ ସିଟର ଅଭାବ ଏବଂ ଏଠାରେ ଡାକ୍ତରୀ ଶିକ୍ଷା ଲାଭ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ବହନ କରିବାକୁ ପଡୁଥିବା ଆକାଶଛୁଆଁ ଫି ଓ ଅନ୍ୟାନ୍ୟ ଖର୍ଚ୍ଚ। ଏ ସମ୍ପର୍କରେ ଏକ ସମ୍ୟକ ଧାରଣା ପାଇବା ପାଇଁ ଏ ସମ୍ପର୍କିତ ଏହି ପରିସଂଖ୍ୟାନ ଦ୍ରଷ୍ଟବ୍ୟ। ଏସବୁ ସୁସ୍ପଷ୍ଟ ହୋଇଯାଇଛି ଋଷ, ୟୁକ୍ରେନ ଯୁଦ୍ଧ ସଂଘଠିତ ହେବା ପରେ। ଆମ ଦେଶରେ ପ୍ରତି ବର୍ଷ ଡାକ୍ତରୀ ଶିକ୍ଷାରେ ସ୍ନାତକ ସ୍ତରୀୟ ଡିଗ୍ରି ହାସଲ ପାଇଁ ବିଭିନ୍ନ କଲେଜମାନଙ୍କରେ ଉପଲବ୍ଧି ସିଟ (ଅର୍ଥାତ ଅଣ୍ଡରଗ୍ରାଜୁଏଟ ମେଡ଼ିକାଲ ସିଟ) ସଂଖ୍ୟା ହେଉଛି ପ୍ରାୟ ୯୦,୦୦୦ ମାତ୍ର (ଏକ ଲକ୍ଷରୁ କମ)। କିନ୍ତୁ ଏହା ପାଇବା ପାଇଁ ଯୋଗ୍ୟତା ସାବ୍ୟସ୍ତ କରିବାକୁ ଥିବା 'ନିଟ୍' ପରୀକ୍ଷାରେ ୧୬ ଲକ୍ଷରୁ ଅଧିକ ଆଶାୟୀ ପ୍ରାର୍ଥୀ ଅଂଶ ଗ୍ରହଣ କରିଥାନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ଅଧାରୁ ଅଳ୍ପ ଅଧିକ, ପ୍ରାୟ ୮.୫ ଲକ୍ଷ ପ୍ରାର୍ଥୀ ଯୋଗ୍ୟତା ମାନ୍ୟତା ତାଲିକାରେ ସ୍ଥାନ ପାଇଥାନ୍ତି।

ଘରୋଇ ମେଡ଼ିକାଲ କଲେଜରେ ସରକାରୀ କୋଟା ଅନ୍ତର୍ଗତ ସିଟ ଟିଏ ପାଇଲେ ମଧ ତଥାପି ତାହା ଏପରି ବ୍ୟୟ ବହୁଳ ହୋଇଥାଏ ଯେ ସାଧାରଣ ପରିବାରର ପିଲାଟିଏ ପାଇଁ ତାହା ପହୁଞ୍ଚ ବାହାରେ ହୋଇଥାଏ। ଏପରି ଘରୋଇ କଲେଜରେ ଡାକ୍ତରୀ ଶିକ୍ଷା ଲାଭ ପାଇଁ ଆବଶ୍ୟକ ଖର୍ଚ୍ଚ ଅନ୍ୟୂନ ଏକ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ହୋଇଥାଏ। ଏପରିସ୍ଥଳେ ଏହି ବ୍ୟବସ୍ଥାର ଏକ ବିକୃତି ପରିସ୍ଫୁଟ ହେବା ଦେଖାଯାଇଥାଏ। ଯୋଗ୍ୟତା ତାଲିକାର ଅପେକ୍ଷାକୃତ ଉପରେ ଥିବା ମେଧାବୀ ଛାତ୍ରଟିଏ ଯଦି ଅସ୍ୱଚ୍ଛଳ ପରିବାରର ପିଲା ହୋଇଥାଏ ଓ ତେଣୁ ତାକୁ ମିଳୁଥିବା ସିଟ ଗ୍ରହଣ କରିବାକୁ ସେ ଅକ୍ଷମ ହୁଏ, ତାହେଲେ ତାଲିକାର ତଳେ ଥିବା ମେଧାହୀନ କିନ୍ତୁ ଧନବାନ କୌଣସି ଏକ ପିଲାଟି ସେ ସିଟ ଦଖଲ କରିନିଏ। ଅତ୍ୟନ୍ତ ନୀଚା କଟ ଅଫ ମାର୍କ ଯେ ଏହି ବିକୃତି ସୃଷ୍ଟିରେ ସହାୟକ ହୋଇଥାଏ, ତାହା ସୂଚାଇବା ନିଷ୍ପ୍ରୟୋଜନ।

ତଥ୍ୟ କହୁଛି ଭାରତରେ ମେଡ଼ିକାଲ ସିଟ ସଂଖ୍ୟା ପାଖାପାଖି ୧ଲକ୍ଷ ୨୦ ହଜାର। ସେଥି ମଧ୍ୟରୁ ଏମବିବିଏସ ସିଟ ସଂଖ୍ୟା ଦେଖାବାକୁ ଗଲେ ପ୍ରାୟ ୮୩ ହଜାର। ୨୮୭ଟି ସରକାରୀ ଓ ୨୬୩ଟି ଘରୋଇ ମେଡ଼ିକାଲ କଲେଜକୁ ମିଶାଇ ୫୪୧ କଲେଜରେ ମୋଟ ୮୨ ହଜାର ୯୨୬ଟି ଏମବିବିଏସ ସିଟ ଉପଲବ୍ଧ ଅଛି। ହେଲେ ଡାକ୍ତରୀ ନାମ ଲେଖା ପାଇଁ ପ୍ରତିବର୍ଷ ୧୫ ଲକ୍ଷରୁ ଅଧିକ ଛାତ୍ରଛାତ୍ର ନଟ ପଞ୍ଜୀକରଣ କରୁଛନ୍ତି। ଓଡ଼ିଶାରେ ମଧ ସମାନ ଅବସ୍ଥା। ଓଜେଇର ୧୪୬୬ ମେଡ଼ିକାଲ ସିଟ ପାଇଁ କାଉନସେଲିଂ କରୁଥିବାବେଳେ ରାଜ୍ୟରେ ଆଶାୟୀଙ୍କ ସଂଖ୍ୟା ୧୦ ହଜାରରୁ ଅଧିକ। ସରକାରୀ ମେଡ଼ିକାଲ ସିଟ ପାଇବାରୁ ବଞ୍ଚିତ ଛାତ୍ରଛାତ୍ରୀ ଯଦିଓ ଘରୋଇ ମେଡ଼ିକାଲ କଲେଜରେ ନାମ ଲେଖା ପାଇଁ ଆଶା ରଖୁଛନ୍ତି। ମାତ୍ର ଘରୋଇ କଲେଜର କୋର୍ସ ଫି ବହନ କରିବା ସେମାନଙ୍କ ଅଭିଭାବକଙ୍କ ପାଇଁ ସମ୍ଭବପର ହେଉନି। ତେଣୁ ଦେଶର ଅଧିକାଂଶ ଛାତ୍ରଛାତ୍ରୀ ୟୁକ୍ରେନ, ରୁଷିଆ, ନେପାଳ ଆଦି ଦେଶରେ ମେଡ଼ିକାଲ ପଢ଼ିବା ପାଇଁ ଯାଉଛନ୍ତି। ମିଳିଥିବା ସୂଚନା ଅନୁସାରେ ୟୁକ୍ରେନର ଏକ ମେଡ଼ିକାଲ କଲେଜରେ ଏମବିବିଏସ ପଢ଼ିବା ପାଇଁ ବାର୍ଷିକ ହାରାହାରି ୪ ହଜାର ୫ଶହ ୟୁକ୍ରେନ ଡଲାର ଖର୍ଚ୍ଚ ହେଉଛି। ଯାହାକି ଭାରତୀୟ ମୁଦ୍ରାରେ ଅନୁମାନିକ ୩ ଲକ୍ଷ ୩୦ ହଜାର ଟଙ୍କା। ତେବେ ସେଠାରେ ଛାତ୍ରଛାତ୍ରୀ ୬ ବର୍ଷ ଧରି ଏମବିବିଏସ ପଢ଼ିଥାନ୍ତି। ଏଥିପାଇଁ ସେମାନଙ୍କୁ ସମୁଦାୟ ୧୮ରୁ ୨୦ ଲକ୍ଷ ଟଙ୍କା ସର୍ବାଧିକ ଖର୍ଚ୍ଚ କରିବାକୁ ପଡ଼େ। ହେଲେ ଭାରତରେ ଏପରିକି ଓଡ଼ିଶାରେ ମଧ ଘରୋଇ କଲେଜରେ ମେଡ଼ିକାଲ ପଢ଼ିବା ପାଇଁ ପିଲାଙ୍କୁ ବାର୍ଷିକ ହାରାହାରି ୧୨ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଦେଖିବାକୁ ଗଲେ ଭାରତରେ ୪ ବର୍ଷରେ ଏମବିବିଏସ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥ ରାଶିର ୪୦ ପ୍ରତିଶତରୁ କମ ଅର୍ଥାତ ଅଧା ଖର୍ଚ୍ଚରେ ପିଲାମାନେ ଏମବିବିଏସ ପଢ଼ିବାରେ ସକ୍ଷମ ହେଉଛନ୍ତି। ତେଣୁ ଦେଶର ଅଧିକାଂଶ ଛାତ୍ର ଏଠାକୁ ଡାକ୍ତରୀ ପଢ଼ିବା ପାଇଁ ଯାଇଥାନ୍ତି। ରୁଷିଆରେ ମଧ ଏମବିବିଏସ ପଢ଼ିବା ପାଇଁ ୨୦ରୁ ୨୨ ଲକ୍ଷ ଟଙ୍କା ମଧରେ ଖର୍ଚ୍ଚ ହୁଏ। ସେହିପରି ବିଦେଶରେ ମଧ କୌଣସି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୁଏ ନାହିଁ। ମେଡ଼ିକାଲ କଲେଜରେ ସିଟ ଗୁଡ଼ିକ ସଂଖ୍ୟା ମଧ ଯଥେଷ୍ଟ ଅଧିକ। ଅନ୍ୟପକ୍ଷରେ ବିଦେଶରେ ଏମବିବିଏସ ପଢ଼ି ଭାରତ ଫେରୁଥିବା ଡାକ୍ତରଙ୍କୁ ସିଧାସଳଖ ଚିକିତ୍ସା ତଥା ପ୍ରାକ୍ଟିସ (ଡାକ୍ତରୀ ଅଭ୍ୟାସ) ପାଇଁ ସୁଯୋଗ ମିଳିନଥାଏ। ଏଥିପାଇଁ ସେମାନଙ୍କୁ ଏମ୍ଏମଜିଇ (ଫରେନ ମେଡ଼ିକାଲ ଗ୍ରାଜୁଏଟ ଏକଜାମିନେସନ)ରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ। ତେବେ ବିଦେଶର ମେଡ଼ିକାଲ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ ଏମସିଆଇ (ମେଡ଼ିକାଲ କାଉନସିଲ ଅଫ ଇଣ୍ଡିଆ) ଅନୁମୋଦିତ ହୋଇଥିବା ଜରୁରୀ। ବିଦେଶରେ ଏମବିବିଏସ ଅଧ୍ୟୟନ କରିବା ଖର୍ଚ୍ଚ ଭାରତ ତୁଳନାରେ ଯଥେଷ୍ଟ କମ। ପ୍ରତିବର୍ଷ ୧୬ ଲକ୍ଷ ପିଲା ନିଟ ପରୀକ୍ଷା ଦେଉଥିବାବେଳେ ୮ଲକ୍ଷ କୃତକାର୍ଯ୍ୟ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୧ ଲକ୍ଷ ପିଲାଙ୍କୁ ସିଟ ମିଳୁଛି। ବଳକା ପିଲା ବିଦେଶରେ ଡାକ୍ତରୀ ପଢ଼ିବାକୁ ପସନ୍ଦ କରୁଛନ୍ତି। ହେଲେ ବିଡ଼ମ୍ବନାର ବିଷୟ ହେଉଛି ମାତ୍ର ୭ରୁ ୮ ପ୍ରତିଶତ ପିଲା ଏଫଏମଜିଇରେ କୃତକାର୍ଯ୍ୟ ହେଉଛନ୍ତି। ବିଦେଶରେ ଡାକ୍ତରୀ ପଢ଼ି ମଧ ଛାତ୍ରଛାତ୍ରୀ ସରକାରୀ ଚାକିରି କରିପାରିବେ। ଏଥିପାଇଁ ସେମାନଙ୍କୁ ଏଫଏମଜିଇରେ ଉତ୍ତୀର୍ଣ୍ଣ ହେବା ସହ ଭାରତରେ ପିଜି କରିବାକୁ ହୋଇଥାଏ। କମ ଖର୍ଚ୍ଚ ଓ ସିଟ ପାଇବା ପାଇଁ ହିଁ ପିଲାମାନେ ବିଦେଶ ଯାଇଥାନ୍ତି।

ଏକ ଜନକଲ୍ୟାଣ ରାଷ୍ଟ୍ରର ଯଦି ସର୍ବନିମ୍ନ ମୌଳିକ କର୍ତ୍ତବ୍ୟ ବୋଲି କିଛି ଥାଏ, ତାହା ହେଉଛି ନାଗରିମାନଙ୍କୁ ଉଚ୍ଚ ମାନର ନିଃଶୁଳ୍କ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଓ ଶିକ୍ଷାସେବା ପ୍ରଦାନ। ୧୯୮୦ ଦଶକ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ଏଠାରେ ରାଷ୍ଟ୍ରର ଦାୟିତ୍ୱ ହୋଇ ରହିଥିଲା। ତା ପର ଠାରୁ ଏଠାରେ ସ୍ୱାସ୍ଥ୍ୟସେବା ଏକ ଘରୋଇ ବ୍ୟବସାୟରେ ପରିଣତ ହେବା ସହିତ ଡାକ୍ତରୀ ଶିକ୍ଷା ମଧ ତାହା ହୋଇଯାଇଛି। ସରକାର କ୍ୟୁବା ଭଳି ଦେଶରେ ଅନୁସୃତ ମଡ଼େଲ କିମ୍ବା ଅନ୍ତତଃ ବ୍ରିଟେନର ଏନଏଚଏସ ଜାତୀୟ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମଡ଼େଲ ରୂପେ ଗ୍ରହଣ କରି ଏଠାରେ ନାଗରିକମାନଙ୍କୁ ସିଧାସଳଖ ବ୍ୟୟଶୂନ୍ୟ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ବହୁ ସଂଖ୍ୟକ ସରକାରୀ ମେଡ଼ିକାଲ କଲେଜମାନ ସ୍ଥାପନ କରି ସୁଦକ୍ଷ ଡାକ୍ତର ମାନଙ୍କୁ ପ୍ରସ୍ତୁତ କରିବାରେ ରାଷ୍ଟ୍ରର ସମ୍ବଳ ବିନିଯୋଗକୁ ସାଲିସହୀନ ପ୍ରାଥମିକତା ପ୍ରଦାନ କରନ୍ତୁ।

ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର

# ଚାରି ପ୍ରକାରର ଜୀବନ

॥ ଶ୍ୟାମ ସୁନ୍ଦର ସାମଲ॥

ଜଗତରେ ମନୁଷ୍ୟର ଜୀବନ ଚାରି ପ୍ରକାର ଦେଖିବାକୁ ମିଳେ । ତାହା ହେଉଛି ନିକୃଷ୍ଟ ଜୀବନ, ସାମାନ୍ୟ ଜୀବନ, ସଫଳ ଜୀବନ ତଥା ମହତ୍ତ୍ୱପୂର୍ଣ୍ଣ ଜୀବନ । ଅପରାଧରେ ଲିପ୍ତ ରହୁଥିବା ନରାଧମଙ୍କ ଜୀବନ ନିକୃଷ୍ଟ ଜୀବନ । ଏଭଳି ବ୍ୟକ୍ତି ନିଜର ନୀଚ କର୍ମ ଦ୍ୱାରା ନିଜର ଜୀବନ ବ୍ୟର୍ଥ କରିଥାନ୍ତି ତଥା ଅନ୍ୟର ଜୀବନରେ ଅନେକ ପ୍ରକାର ସମସ୍ୟା ସୃଷ୍ଟି କରନ୍ତି । ଏହିଭଳି ବ୍ୟକ୍ତି ସମାଜ ପାଇଁ ଅମଙ୍ଗଳକାରକ । ତେଣୁ ଏହି ବ୍ୟକ୍ତିଙ୍କୁ ସମାଜ ହେୟ ଦୃଷ୍ଟିରେ ଦେଖିଥାଏ । ନିଜର ତଥା ନିଜ ପରିବାରକୁ ଉଚିତ ବୃତ୍ତି ଉପାୟରେ ଭରଣ ପୋଷଣ କରୁଥିବା ଏବଂ ସାମାନ୍ୟ ଜୀବନ ଅତିବାହିତ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ପେଟ ପାଇଁ କାମ କରିବା ଏହି ଧରଣର ଲୋକଙ୍କ ମୁଖ୍ୟ ଉଦ୍ଦେଶ୍ୟ । ମୋଟ ଉପରେ କହିଲେ ନିଜର ତଥା ନିଜ ପରିବାରର ଭରଣପୋଷଣ ପାଇଁ ଏଭଳି ଲୋକ୍ ଖୁବ୍ କମ୍ ଭୁଲ କାର୍ଯ୍ୟ କରନ୍ତି । ଏହିଭଳି ବ୍ୟକ୍ତି ସାମାନ୍ୟ ଜୀବନଯାପନ କରୁଥିବା ଶ୍ରେଣୀରେ ଆସିଥାନ୍ତି ।

ସାମାନ୍ୟ ଜୀବନ ଯାପନ କରୁଥିଲେ ହେଁ କୌଣସି କ୍ଷେତ୍ରରେ ବିଶେଷ ଉପଲବ୍ଧି ଅର୍ଜନ କରିଥିବା ଲୋକଙ୍କ ଜୀବନକୁ ସଫଳ ଜୀବନ କୁହାଯାଏ । କିଛି ଦିନ ପର୍ଯ୍ୟନ୍ତ ସମାଜ ତାଙ୍କୁ ମନେରଖେ । ତାଙ୍କଠାରୁ କୌଣସି ବ୍ୟକ୍ତି ସଫଳତା ଅର୍ଜନ କଲେ ଉକ୍ତ ବ୍ୟକ୍ତିର ସଫଳତା ନ୍ୟୂନ ହୋଇଯାଏ । ଏହିଭଳି ବ୍ୟକ୍ତି ସଫଳ ଜୀବନ ଅତିବାହିତ କରୁଥିବା ବର୍ଗରେ ଆସିଥାନ୍ତି । ଯେଉଁ ବ୍ୟକ୍ତି ଅନ୍ୟର ଦୁଃଖକୁ ଦୂର କରିବାରେ ସଂପୃକ୍ତ ରହିଥାନ୍ତି, ନିଜର ଦୁଃଖକୁ ଖାତିର କରନ୍ତି ନାହିଁ, 'ବହୁଜନ ହିତାୟ ବହୁଜନ ସୁଖାୟ'କୁ ଆଧାର ଭାବେ ଗ୍ରହଣ କରି ଯିଏ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଶ୍ୱମଙ୍ଗଳ ପ୍ରକ୍ରିୟାରେ ଜଡ଼ିତ ହୋଇଯାଏ ସେ ମହତ୍ତ୍ୱପୂର୍ଣ୍ଣ ଜୀବନକାରୀ ହୋଇଥାନ୍ତି । ଏହି ମହାପୁରୁଷଙ୍କ କୀର୍ତ୍ତି ପତାକା ଯୁଗ ଯୁଗ ଧରି ଅମର ରହେ । ସାଧାରଣତଃ ପ୍ରତ୍ୟେକ ସମାଜରେ ଚାରି ପ୍ରକାରର ବ୍ୟକ୍ତିଙ୍କ ଉପସ୍ଥିତି ଦେଖିବାକୁ ମିଳେ । ଏଥିପାଇଁ ସମାଜରେ ଅପରାଧ, ଜୀବନ ସଂଘର୍ଷ, ତ୍ୟାଗବୃତ୍ତି ଏବଂ ପରମାର୍ଥଙ୍କ ହିତ ପାଇଁ ସ୍ୱୟଂକୁ ବଳିଦାନ ଦେଉଥିବା ଲୋକ ସମୟ ସମୟରେ ଆମ ସମ୍ମୁଖକୁ ଆସିଥାନ୍ତି । ପ୍ରତ୍ୟେକ ବ୍ୟକ୍ତିକୁ ଏହି ଚାରି ପ୍ରକାରର ବ୍ୟକ୍ତିଙ୍କ ମଧ୍ୟରେ ଜୀବନ ଅତିବାହିତ କରିବାକୁ ହୁଏ ।

ମନୁଷ୍ୟ ଆତ୍ମଜ୍ଞାନର ଅନ୍ୱେଷଣରେ ଅନେକ ପ୍ରକାର ଆଧାତ୍ମିକ ସାଧନା କରୁଛି । ଜଣେ ସବୁ ଶାସ୍ତ୍ର ଅଧ୍ୟୟନ କରିପାରେ, ପବିତ୍ର ସ୍ଥାନଗୁଡ଼ିକୁ ତୀର୍ଥଯାତ୍ରା କରିପାରେ, ଗୁରୁଙ୍କର ଦିଗ୍‌ଦର୍ଶନ ଲାଭ କରିପାରେ କିମ୍ବା ଅନ୍ୟ ପ୍ରକାର ସାଧନା କରିପାରେ, କିନ୍ତୁ ସେ ନିଜର ଆତ୍ମାକୁ ହୃଦୟଙ୍ଗମ କରିବା ପାଇଁ ନିଜର ଦୃଷ୍ଟିକୁ ଅନ୍ତର୍ମୁଖୀ ନ କଲେ ଏହିସବୁ ଉପାୟରେ ଆତ୍ମୋପଲବ୍ଧି କରିପାରିବ ନାହିଁ। ଯଦି ଜଣେ ନିଜର ସ୍ୱଭାବକୁ ହୃଦୟଙ୍ଗମ କରିପାରିବ ନାହିଁ ତେବେ ସେ ତା'ଭିତରେ ଥିବା ଦିବ୍ୟତ୍ୱର ଉପଲବ୍ଧି କରିବାକୁ କିପରି ଆଶାକରି ପାରିବ ? ବସ୍ତୁତଃ ଜଣେ ନିଜର ମାନବୀୟ ଗୁଣାବଳୀର ଉପଲବ୍ଧି କଲେ ହିଁ ସେ ଭଗବତ ଉପଲବ୍ଧି ଅଭିମୁଖେ ଅଗ୍ରଗତି କରିବାକୁ ସକ୍ଷମ ହେବ।

ପ୍ରେମ ହିଁ ଈଶ୍ୱର। ମନୁଷ୍ୟର ତିନୋଟି ଆଦର୍ଶ ରହିବା ଉଚିତ। ଦୈବ ପ୍ରୀତି, ପାପଭୀତି ଓ ସଙ୍ଘନୀତି। ଏହି ଆଦର୍ଶଗୁଡ଼ିକ ବ୍ୟକ୍ତି, ପରିବାର ଓ ସମାଜର ଉତ୍‌ଥାନରେ ସହାୟକ ହେବ। ଏହି ପବିତ୍ର ଦେଶରେ ଅନେକ ମୁନି-ଋଷି ମାନଙ୍କ ଦ୍ୱାରା ପବିତ୍ର ଆଦର୍ଶ ଅନୁସୃତ ହୋଇଆସିଛି। ସେଥିପାଇଁ ଅନେକ ଆହ୍ୱାନ ଓ ବାଧାବିଘ୍ନ ସତ୍ତ୍ୱେ ଭାରତର ସାଂସ୍କୃତିକ ଐତିହ୍ୟ ସୁରକ୍ଷିତ ହୋଇଛି। ଏହା ରହସ୍ୟମୟ, ବିସ୍ମୟକର ଓ ଅମୃତ। ଆମେସବୁ ପାଶ୍ଚାତ୍ୟ ସଂସ୍କୃତିର ଦାସ ହୋଇଯାଇଛୁ ଏବଂ ଆମର ନିଜର ମୂଲ୍ୟବାନ ସଂସ୍କୃତିକୁ ଅବହେଳା କରିଛୁ। ପାଶ୍ଚାତ୍ୟ ଲୋକମାନେ ବର୍ତ୍ତମାନ ଆମ ସଂସ୍କୃତିକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି। ଭାରତୀୟମାନେ ସେମାନଙ୍କର ନିଜ ସଂସ୍କୃତିର ମହତ୍ତ୍ୱ ଉପଲବ୍ଧି କରି ଏହାର ଅବହେଳା ବନ୍ଦ କରିବା ଉଚିତ। ଆମର ସଂସ୍କୃତି ଶିକ୍ଷା ଦିଏ ଯେ ଗୋଟିଏ ମାତ୍ର ଧର୍ମ ଅଛି, ପ୍ରେମ ଧର୍ମ ଏବଂ ଗୋଟିଏ ମାତ୍ର ଜାତି ଅଛି, ମାନବ ଜାତି। ଆମ ସଂସ୍କୃତି ଆସ୍ତିକ ବା ନାସ୍ତିକ ରାଷ୍ଟ୍ରୀୟତାବାଦୀ, ପ୍ରତ୍ୟେକଙ୍କ ଭିତରେ ଥିବା ପ୍ରେମ ଉପରେ ଆଧାରିତ। ପ୍ରେମ ବିନା କେହି ରହିପାରିବେ ନାହିଁ। ପଶୁ ଓ ପକ୍ଷୀମାନଙ୍କର ମଧ ପ୍ରେମ ଅଛି। ଆମେ ଦେଖିଛେ ଗାଈ କିପରି ନବଜାତ ବାଛୁରୀକୁ ଏତେ କୋମଳ ଭାବରେ ଚାଟେ ଯେ ସେହି ମାତୃସୁଲଭ ସ୍ପର୍ଶରେ ହିଁ ବାଛୁରୀଟି ଉଠି ଠିଆହୁଏ। ସେ ବାଛୁରୀକୁ ସଫାକରି ଦିଏ। ନିର୍ମଳତା ହିଁ ଦିବ୍ୟତ୍ୱ। ନିର୍ମଳତା ବିକଶିତ ହେବା ଉଚିତ। ଏହା ଏକତ୍ୱକୁ ଉତ୍ସାହିତ କରେ ଓ ଦିବ୍ୟତ୍ୱ ଆଡ଼କୁ ଘେନିଯାଏ। କିନ୍ତୁ ତୁମଠାରେ କେବଳ ଶତ୍ରୁତା ଓ ସାମ୍ପ୍ରଦାୟିକତା ରହିଛି। ଏଗୁଡ଼ିକ ପାଶବିକ ଓ ଆସୁରିକ ଗୁଣ। ମଣିଷ ନିଜକୁ ଦିବ୍ୟସ୍ତରକୁ ଉନ୍ନୀତ କରିବାକୁ ଚେଷ୍ଟା କରିବା ଉଚିତ। ସେ ପାଶବିକ ଓ ଆସୁରିକ ସ୍ତରକୁ ଖସିଯିବା ଉଚିତ ନୁହେଁ। ବୈଦିକ ଉପଦେଶ ହେଉଛି 'ସତ୍ୟଂ ବଦ, ଧର୍ମଂ ଚର।' ସତ କହିବା ସହଜ। ମିଛ କହିବା ଓ ତାକୁ ରଖି ପାରିବା ଅତି କଷ୍ଟ। ସତ କହିବା ଦ୍ୱାରା ତୁମେ ଧର୍ମର କାନ୍ଥ ପାଇଁ ମୂଳଦୁଆ ପକାଇଥାଅ। ଏହା ମାଧ୍ୟମରେ ତୁମେ ଶାନ୍ତି ପାଇପାର। ପ୍ରେମର ବିକାଶ କର। ପ୍ରେମ ହିଁ ଈଶ୍ୱର। ପ୍ରେମରେ ବାସକର।

ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬

ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



# କଣ୍ଟାପଡ଼ା ବ୍ଲକରେ ଦେଶ ପ୍ରେମର ଉତ୍ସାହ ତ୍ରିରଙ୍ଗାରେ ମୁଖରିତ ହେଲା ରାଜ୍ୟ ରାଜପଥ ରାସ୍ତା

କଣ୍ଟାପଡ଼ା, (ମହାଭାରତ): ତ୍ରିରଙ୍ଗା ଯାତ୍ରା କେବଳ ଏକ ଶୋଭାଯାତ୍ରା ନୁହେଁ, ଏହା ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ଗୌରବ ପ୍ରତି ସମ୍ମାନର ଏକ ପ୍ରତୀକ।ହାତରେ ତ୍ରିରଙ୍ଗା ଧରି ଏକାଠି ଚାଲିବା ମାଧ୍ୟମରେ ଲୋକଙ୍କ ମନରେ ଦେଶ ପ୍ରତି ଗର୍ବ ଓ ଦାୟିତ୍ୱବୋଧ ଜାଗ୍ରତ କରାଯାଏ। ଏହି ପ୍ରରିପ୍ରେକ୍ଷି ରେ କଣ୍ଟାପଡ଼ା ବ୍ଲକ୍ ପ୍ରଶାସନ ପକ୍ଷରୁ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ଅଧୀନରେ ଏକ ବିରାଟ ତ୍ରିରଙ୍ଗା ଗତ ଅଗଷ୍ଟ ୧୭ ତାରିଖ ରେ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଜାତୀୟତାବୋଧ ଓ ଦେଶପ୍ରେମର ଭାବନାରେ ଭିଜିଥିବା ଏହି ଶୋଭାଯାତ୍ରାରେ କଣ୍ଟାପଡ଼ା ସମଗ୍ର ଅଞ୍ଚଳ ତ୍ରିରଙ୍ଗାମୟ ହୋଇଉଠିଥିଲା।। ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନିତା ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ନିଆଳୀ ବିଧାୟକ ତଥା କଟକ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଛବି ମଲିକ ମୁଖ୍ୟ ଅତିଥି ଭାବେ ସାମିଲ ହୋଇଥିଲେ। ବାଗଲପୁରସ୍ଥିତ ତ୍ରିଛକିଠାରୁ ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରା ବାହାରି କଣ୍ଟାପଡ଼ା ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା।ବାଜା ରୋଷଣୀରେ ଉତ୍ସବମୁଖର ହୋଇଥିଲା ପରିବେଶ। 'ବନ୍ଦେ ମାତରମ୍' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ପଥପ୍ରାନ୍ତ। ଶିକ୍ଷକ-ଶିକ୍ଷୟିତ୍ରୀ, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍କାଉଟ୍-ଗାଇଡ୍ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କ ସମେତ ବହୁ ସଂଖ୍ୟାରେ ସାଧାରଣ ଲୋକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।କାର୍ଯ୍ୟକ୍ରମରେ କଣ୍ଟାପଡ଼ା ତହସିଲଦାର ଶୁଭଙ୍କର ମହାନ୍ତି, ଏବିଡିଓ ରୁବି ତପସ୍ୱିନୀ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ସାମଲ, ଯୋଗାଣ ନିରୀକ୍ଷକ ମୋଚିରାମ ଦାସ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରବିନ୍ଦ୍ର କୁମାର ସାହୁ,ମୁଖ୍ୟ କିରାଣୀ ଓମ୍ ପ୍ରକାଶ ମିଶ୍ରଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ତ୍ରିରଙ୍ଗା ହାତରେ ଧରି ଏକସ୍ୱରରେ ଦେଶପ୍ରେମର ସ୍ଲୋଗାନ ଦେଇଥିବା ୧୪ ଟି ପଞ୍ଚାୟତର ବହୁ ସଂଖ୍ୟକ ଲୋକଙ୍କ ଉତ୍ସାହ ବାଗଲପୁରସ୍ଥିତ ତ୍ରିଛକି ଠାରୁ କଣ୍ଟାପଡ଼ା ବ୍ଲକ ପର୍ଯ୍ୟନ୍ତ ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲା । ଦେଶପ୍ରେମ, ଏକତା ଓ ଜାତୀୟତାର ବାର୍ତ୍ତା ନେଇ ଆୟୋଜିତ ଏହି ତ୍ରିରଙ୍ଗା ଶୋଭାଯାତ୍ରା ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ଲୋକ ଯୋଗ ଦେବା ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା ।




# ପ୍ରସିଦ୍ଧ ପାରାଦୀପ ବିଶ୍ୱକର୍ମା ପୂଜା ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ



ପାରାଦୀପ, (ମହାଭାରତ) : ଆସନ୍ତା ସେପ୍ଟେମ୍ବର ମାସ ୧୭ ତାରିଖରେ ହେବାକୁ ଥିବା ପ୍ରସିଦ୍ଧ ପାରାଦୀପ ବିଶ୍ୱକର୍ମା ପୂଜା ପାଇଁ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଶ୍ରମିକ ନେତା ରାକେଶ ପଟ୍ଟନାୟକ ଙ୍କ ନେତୃତ୍ୱାଧୀନ ଭାରତୀୟ ବନ୍ଦର ମଜଦୁର ସଙ୍ଘ (ବିବିଏମଏସ) ର ପୂଜା ପ୍ରସ୍ତୁତି କାର୍ଯ୍ୟ ପାଇଁ ପାରାଦୀପ ବନ୍ଦର ରିକ୍ରେସନ କ୍ଲବ ନିକଟସ୍ଥ ପଡିଆରେ ବାଉଁଶ ଅନୁକୂଳ ପୂଜା ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଂଘର ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାୟ ଙ୍କ ସମେତ ୟୁନିଅନ ର କାର୍ଯ୍ୟକର୍ତ୍ତା ଓ ସଦସ୍ୟ ମାନେ ଉପସ୍ଥିତ ଥିଲେ । ତେବେ ଚଳିତ ବିଶ୍ୱକର୍ମା ପୂଜାକୁ ଅଧିକ ଆକର୍ଷଣୀୟ କରିବାକୁ ପୂଜା ପେଣ୍ଡାଲ ର ଆୟତନ ସାଜସଜା ବୃଦ୍ଧି କରାଯିବା ସହ ବିଭିନ୍ନ ସନ୍ଧ୍ୟାରେ ନାମିଦାମୀ କଣ୍ଠଶିଳ୍ପୀ ତଥା ଅନୁଷ୍ଠାନ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯିବ ବୋଲି ଶ୍ରମିକ ସଂଘର ସଭାପତି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଗତ ବର୍ଷ ପରି ଚଳିତ ବର୍ଷ ବିଭିନ୍ନ ବିଭାଗରେ ବିବିଏମଏସ ପୁରସ୍କୃତ ହେବା ନେଇ ଆଶା ରଖିଛନ୍ତି ୟୁନିୟନ ର ନେତୃମଣ୍ଡଳୀ ।

# ଡିଜିଟାଲ ଠକେଇ : ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଲେ ବଣିକ ସଂଘ ସଦସ୍ୟ

ଜୁନାଗଡ଼, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରରେ ବିଭିନ୍ନ ବ୍ୟବସାୟୀଙ୍କୁ ନକଲି ଚଷକ୍ଟଭରଚର/ଟଚଓ ପେମେଣ୍ଟ ପ୍ରମାଣ ଦେଖାଇ ସାମଗ୍ରୀ ନେଇଯାଇଥିବା ଅଭିଯୋଗ ଘଟଣାରେ ଜୁନାଗଡ଼ ଥାନାରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ବିଶ୍ୱଜିତ ଦାଶଙ୍କୁ ଜୁନାଗଡ଼ ଅଗ୍ରସେନ ଭବନରୁ ଧରି ପୁଲିସ ଜିମା ଦିଆଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ବିଶ୍ୱଜିତ ଦାଶ ଜୁନାଗଡ଼ ଅଗ୍ରସେନ ଭବନରେ ରହୁଥିବା ନେଇ ଜୁନାଗଡ଼ ବଣିକ ସଂଘର ସଦସ୍ୟମାନେ ଖବର ପାଇଥିଲେ। ଏହାପରେ ବଣିକ ସଂଘର ସମ୍ପାଦକ ପ୍ରଭାତ କୁମାର ଦାଶ କିଛି ସଦସ୍ୟଙ୍କୁ ସାଙ୍ଗରେ ନେଇ ଅଗ୍ରସେନ ଭବନରେ ପହଞ୍ଚି ଅଭିଯୁକ୍ତଙ୍କୁ ଧରିଥିଲେ। ପରେ ଜୁନାଗଡ଼ ବଣିକ ସଂଘର ସଭାପତି ମୁକେଶ ଅଗ୍ରୱାଲଙ୍କ ସମେତ ଅନ୍ୟ ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସଂଘର ସଦସ୍ୟମାନେ ଅଭିଯୁକ୍ତଙ୍କୁ ଜୁନାଗଡ଼ ପୁଲିସ ନିକଟରେ ହସ୍ତାନ୍ତର କରିଥିଲେ। ଏହାପରେ ପୁଲିସ ଅଭିଯୁକ୍ତଙ୍କୁ ଥାନାକୁ ନେଇ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି। ରଓଜ ଅନୁଯାୟୀ, ଅଭିଯୁକ୍ତ ଜଣକ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନକୁ ଯାଇ ସାମଗ୍ରୀ କିଣିବା ସମୟରେ ନକଲି କିମ୍ବା ଜାଲିଆତି କରାଯାଇଥିବା ଚଷକ୍ଟଭରଚର/ଟଚଓ ପେମେଣ୍ଟ ସ୍କ୍ରିନ୍‌ଶଟ୍, ମେସେଜ୍ କିମ୍ବା ଅନ୍ୟାନ୍ୟ ପେମେଣ୍ଟ ପ୍ରମାଣ ଦେଖାଇଥିବା ଅଭିଯୋଗ ରହିଛି। ଏହାକୁ ସତ ବୋଲି ବିଶ୍ୱାସ କରି ବ୍ୟବସାୟୀମାନେ ସାମଗ୍ରୀ ଦେଇଥିଲେ। ପରେ ବ୍ୟାଙ୍କ ଖାତା ଓ ଟଚଓ ଟ୍ରାଞ୍ଜାକ୍ସନ୍ ଯାଞ୍ଚ କରିବାରୁ ଟଙ୍କା ଜମା ହୋଇନଥିବା ଜଣାପଡ଼ିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଜୁନାଗଡ଼ର ଏକାଧିକ ବ୍ୟବସାୟୀ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥିବା ରଓଜରେ ଦର୍ଶାଯାଇଛି। ଅଭିଯୋଗ ଆଧାରରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪), ୩୫୧(୩) ଏବଂ ସୂଚନା ପ୍ରଯୁକ୍ତି ଆଇନ, ୨୦୦୦ର ଧାରା ୬୬(ଡି) ଅଧୀନରେ ମାମଲା ରୁଜୁ ହୋଇଛି। ଘଟଣା ସମ୍ପର୍କିତ ଉଉଞଠ ଫୁଟେଜ୍, ପେମେଣ୍ଟ ସ୍କ୍ରିନ୍‌ଶଟ୍, ମୋବାଇଲ୍ ନମ୍ବର, କଲ୍/ମେସେଜ୍ ରେକର୍ଡ, ବ୍ୟାଙ୍କ ଷ୍ଟେଟମେଣ୍ଟ ଓ ଟଚଓ ଟ୍ରାଞ୍ଜାକ୍ସନ୍ ରେକର୍ଡ ଭଳି ପ୍ରମାଣ ଆଧାରରେ ପୁଲିସ ତଦନ୍ତ କରୁଛି। ଏହି ଘଟଣା ପଛରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ମଧ୍ୟ ତଦନ୍ତ ଚାଲିଛି। ତେବେ ଅଭିଯୁକ୍ତଙ୍କ ବିରୋଧରେ ଥିବା ସମସ୍ତ ଅଭିଯୋଗ ତଦନ୍ତାଧୀନ ଥିବା ବେଳେ, ପୁଲିସ ତଦନ୍ତ ପରେ ଘଟଣାର ପ୍ରକୃତ ତଥ୍ୟ ସ୍ପଷ୍ଟ ହେବ



# ପୋର୍ଟ କ୍ଲବ୍ ମହିଳାକକ୍ଷ ତରଫରୁ ଲୋକନାଥ ଶିକ୍ଷାଶ୍ରମରେ ଖାଦ୍ୟ ଓ ବସ୍ତ୍ର ବଣ୍ଟନ

ପାରାଦୀପ, (ମହାଭାରତ) : ତା ୧୬/୦୮/୨୦୨୬ ରିଖ ଦିନ ପୋର୍ଟ କ୍ଲବ୍ ପାରାଦୀପ ମହିଳା କକ୍ଷ ତରଫରୁ ପାରାଦ୍ୱୀପଗଡ ନିକଟସ୍ଥ ଶ୍ରୀ ଲୋକନାଥ ଶିକ୍ଷାଶ୍ରମ ଅନ୍ତେବାସୀ ମାନଙ୍କୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରାଯାଇଛି ।ଏହି କାର୍ଯ୍ୟକ୍ରମ କୁ କ୍ଲବ ର ସଭାନେତ୍ରୀ ଶ୍ରୀମତୀ ପ୍ରିୟଙ୍କା ମଲ୍ଲିକ୍,ଉପ ସଭାନେତ୍ରୀ ଶ୍ରୀମତୀ ରିଲିଶ୍ରୀ ସେଠୀ,ସମ୍ପାଦିକା ଶ୍ରୀମତୀ ମନୀଷା ଦିବ୍ୟଦର୍ଶିନି ସାହୁ ଓ କୋଷାଧକ୍ଷା ଶ୍ରୀମତୀ ପୁଷ୍ପାଞ୍ଜଳି ମାଣିକ ସଫଳତାର ସହିତ ଆୟୋଜନ କରିଥିଲେ ଏବଂ କ୍ଲବର ଅନ୍ୟାନ୍ୟ ସମସ୍ତ ସଭ୍ୟା ପୂର୍ଣ୍ଣ ସହଯୋଗ କରିଥିଲେ । କ୍ଲବର ଏହି ଭଳି ଲୋକ ହିତକର କାର୍ଯ୍ୟକୁ ପାରାଦୀପ ତଥା ଏହାର ଆଖପାଖ ଅଞ୍ଚଳର ବହୁ ବୁଦ୍ଧିଯିବି ଭୂୟସୀ ପ୍ରଂଶସା କରିଛନ୍ତି ।ଆଗକୁ ଏହିଭଳି ଅନେକ ଉଚ୍ଚମାନର କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି କ୍ଲବର ସଭାନେତ୍ରୀ ଏବଂ ସମ୍ପାଦିକା ପ୍ରକାଶ କରିଛନ୍ତି ।




# ଜାତିଗତ ପ୍ରମାଣ ପତ୍ର ଦେବା ପାଇଁ ୮ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଦ୍ୱାରା ରାଜସ୍ୱ ନିରୀକ୍ଷକ ଗିରଫ

ମାଲକାନଗିରି, (ମହାଭାରତ ) : ଜାତି ପ୍ରମାଣପତ୍ର ପ୍ରଦାନ ପାଇଁ ୮ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଲକାନଗିରି ଜିଲ୍ଲା ଝରାପାଲି ସର୍କଲର ରାଜସ୍ୱ ନିରୀକ୍ଷକ (ଆର.ଆଇ) ସୂରଜ ବାଲାଙ୍କୁ ଆଜି ଭିଜିଲାନ୍ସ ବିଭାଗ ଗିରଫ କରିଥିବାର ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ, ଜଣେ ଆବେଦନକାରୀ ତାଙ୍କ ପତ୍ନୀଙ୍କ ନାମରେ ଅନୁସୂଚିତ ଜାତି ପ୍ରମାଣପତ୍ର ପାଇଁ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଅନଲାଇନରେ ଆବେଦନ କରିଥିଲେ ଏବଂ ନିର୍ଦ୍ଧାରିତ ଫିସ୍ ମଧ୍ୟ ଜମା କରିଥିଲେ। ହେଲେ ଅଭିଯୁକ୍ତ ଆର.ଆଇ ଶ୍ରୀ ବାଲା ଅଯଥାରେ ପ୍ରକ୍ରିୟାରେ ବିଳମ୍ବ କରି ଆବେଦନକାରୀଙ୍କ ଠାରୁ ଭେରିଫିକେସନ୍ ରିପୋର୍ଟ ଦେବା ପାଇଁ ୧୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ପ୍ରଥମେ ୮,ହଜାର ଟଙ୍କା ଏବଂ କାମ ସରିବା ପରେ ୨,ହଜାର ଟଙ୍କା ଦେବାକୁ କହିଥିଲେ। ଲାଞ୍ଚ ଦାବି ଓ ହଇରାଣରେ ଅତିଷ୍ଠ ହୋଇ ଆବେଦନକାରୀ ଭିଜିଲାନ୍ସକୁ ଜଣାଇଥିଲେ। ଆଜି ଓଡ଼ିଶା ଭିଜିଲାନ୍ସ ଟିମ୍ ଯୋଜନା କରି ଶ୍ରୀ ବାଲାଙ୍କୁ ତାଙ୍କ କାର୍ଯ୍ୟାଳୟ ଚାମ୍ବରରେ ୮,ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରିଥିଲା। ତାଙ୍କ ନିକଟରୁ ସମ୍ପୂର୍ଣ୍ଣ ୮,ହଜାର ଟଙ୍କାର ଚିହ୍ନିତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏହି ଘଟଣା ପରେ ଆୟ ବହିର୍ଭୂତ ସମ୍ପତ୍ତି ଦୃଷ୍ଟିକୋଣରୁ ଶ୍ରୀ ବାଲାଙ୍କ ସହ ଜଡିତ ଦୁଇଟି ସ୍ଥାନରେ ଏକାଳୀନ ଚଢାଉ କରାଯାଉଛି।



# ଗଣିଆ ବଜାରରେ ବୁଲା ଗୋରୁଙ୍କ ଉପଦ୍ରବ: ରାସ୍ତା ଜାମ୍

ଗଣିଆ, (ମହାଭାରତ): ଗଣିଆ ମୁଖ୍ୟ ବଜାର ରାସ୍ତା ଉପରେ ବୁଲା ଗୋରୁଗାଈଙ୍କ ଅବାଧ ଚଳପ୍ରଚଳ ଓ ଶୋଇରହିବା ଯୋଗୁଁ ଯାତାୟାତରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି। ପ୍ରତିଦିନ ସନ୍ଧ୍ୟା ହେଲେ ବଜାର ମଝି ରାସ୍ତାରେ ଦଳ ଦଳ ଗୋରୁ ଜମା ହୋଇ ବସିରହୁଥିବାରୁ ଗାଡ଼ିମଟର ଯିବାଆସିବା ବାଧାପ୍ରାପ୍ତ ହେବା ସହ ଟ୍ରାଫିକ୍ ଜାମ୍ ପରିସ୍ଥିତି ଉପୁଜୁଛି। ଅଭିଯୋଗ ଅନୁଯାୟୀ, ସ୍ଥାନୀୟ କେତେକ ଗୋରୁ ମାଲିକ ନିଜ ଗାଈଗୋରୁଙ୍କ ଠାରୁ କ୍ଷୀର ଦୁହିଁସାରିବା ପରେ ସେମାନଙ୍କୁ ରାସ୍ତାରେ ଖୋଲା ଛାଡ଼ି ଦେଉଛନ୍ତି। ଏହି ପଶୁମାନେ ବଜାରର ମୁଖ୍ୟ ରାସ୍ତା, ଦୋକାନ ଆଗ ତଥା ଯାତାୟାତ ସ୍ଥଳରେ ଘୁରି ବୁଲୁଛନ୍ତି ଏବଂ ରାସ୍ତା ମଝିରେ ବସି ରହୁଛନ୍ତି। ଫଳରେ ବାଇକ୍, କାର୍ ଏବଂ ଭାରୀ ଯାନବାହନ ଚଳାଚଳରେ ଘୋର ସମସ୍ୟା ଉପୁଜିବା ସହ ରାତି ସମୟରେ ଲୋକେ ଦୁର୍ଘଟଣାର ଶିକାର ହେବାର ଭୟ ରହୁଛି। ପଥଚାରୀ ଓ ବ୍ୟବସାୟୀମାନେ ମଧ୍ୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସ୍ଥାନୀୟ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ବେପରୁଆ ଗୋରୁ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବୁଲା ଗୋରୁଗାଈଙ୍କ ନିୟନ୍ତ୍ରଣ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବନ୍ୟା ପୀଡିତଙ୍କୁ ସହଯୋଗର ହାତ ବଢାଇଲେ କ୍ୟାପଟେନ ରାଜନାରାୟଣ ମହାପାତ୍ର



ବାଲିଚନ୍ଦ୍ରପୁର, (ମହାଭାରତ) : ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡିଆ,ବରଦା, ପଲାଇ, ବିକ୍ରମତିରଣ, ଭରତପୁର ପଞ୍ଚାୟତରେ ଗୋବରୀ ନଦୀର ବନ୍ୟା ଯୋଗୁ ଶହ ଶହ ଏକର ଚାଷ ଜମି ଜଳ ମଗ୍ନ ହେବା ସହ ନଦୀକୁଳିଆ ପରିବା ଫସଲ ବ୍ୟାପକ କ୍ଷତି ଘଟିଛି, ଚାଷୀ ମାନଙ୍କର ପ୍ରଥମ ବନ୍ୟାର ଦୁଃଖ ଦୁର୍ଦଶା କମିନଥିବା ବେଳେ ପୁନଶ୍ଚ ଗୋବରୀ ନଦୀରେ ବନ୍ୟା ଆସିବା ଓ ଲଗାଣ ବର୍ଷା ଦ୍ୱାରା ଚାଷ ଜମି ଗୁଡ଼ିକରେ ଦୁଇଫୁଟ ରୁ ଉର୍ଦ୍ଧ ପାଣି ଜମି ରହିଥିବା ବେଳେ ରୁଆ ଯାଇଥିବ ଧାନ, ତଳି ଘେରା, ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡ଼ିଯାଇଛି ତେବେ ପରିତାପର ବିଷୟ ଏହିକି ଯେ ଗୋବରୀ ନଦୀ ସରକାରୀ ସ୍ତରରେ ନଦୀ ର ମାନ୍ୟତା ପାଇନଥିବାରୁ ଚାଷୀ ମାନେ କୌଣସି ପ୍ରକାର ପ୍ରଶାସନିକ ସହଯୋଗ ପାଇପାରୁ ନାହାନ୍ତି, ଗୃହ ପାଳିତ ପଶୁମାନେ ମଧ୍ୟ ଚରିବାକୁ ଯାଇପାରୁ ନ ଥିବାରୁ ଭୋକ କଷ୍ଟ ଭୋଗୁଛନ୍ତି, ଏହି ପରିପ୍ରେକ୍ଷୀରେ ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ସମାଜ ସେବୀ ଜ୍ଞାନରଞ୍ଜନ ସାହୁ, ଦିଲୀପ କୁମାର ସାମଲ, ନିରଞ୍ଜନ ବିଶ୍ୱାଳ, ପ୍ରଦୀପ୍ତ ମହାନ୍ତି,ସଂଜୀବ ସାମଲ ପ୍ରମୁଖ ଏହି ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକ ବୁଲି ଦେଖିବା ସହ ଗୃହ ପାଳିତ ପଶୁମାନଙ୍କ ପାଇଁ ଗୋ ଖାଦ୍ୟ ଓ ରିଲିଫ ଯୋଗାଇଦେବା ପାଇଁ ଦର୍ପଣ ତହସିଲଦାର ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନ କରିଥିଲେ, ବାଲିପଡିଆ ଓ ଭରତପୁର ଅଞ୍ଚଳର କିଛି ଲୋକଙ୍କର ପରିସ୍ଥିତି ଅନୁଭବ କରି ପ୍ରାୟ ୩୦୦ରୁ ଉର୍ଦ୍ଧ ପରିବାରର ଲୋକଙ୍କୁ ନିଜସ୍ୱ ଖର୍ଚ୍ଚରେ ଅଟା, ଚୁଡା, ବିସ୍କୁଟ, ଚିନି ଆଦି ରିଲିଫ୍ ସମାଗ୍ରୀ ଯୋଗାଇ ଦେଇଥିଲେ, ବାଲିପଡିଆ ପଞ୍ଚାୟତର ପ୍ରବାସ କୁମାର ଦାସ, ସୂର୍ଯ୍ୟନାରାୟଣ ତ୍ରିପାଠୀ, ଗଗନବିହାରୀ ସ୍ୱାଇଁ, ଧନଞ୍ଜୟ ବାରିକ, ପବିତ୍ର କୁମାର ବେହୁରା, ହରିହର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମଲିକ,ବାବୁରାମ ମଲିକ, ବିପିନ ମଲିକ, ପ୍ରତାପ ମଲିକ ପ୍ରମୁଖ ଘରେ ଘରେ ବୁଲି ଏହି ରିଲିଫ ସମାଗ୍ରୀ ବନ୍ୟା ପୀଡିତ ପରିବାର ପାଖରେ ପହଞ୍ଚାଇ ଥିଲେ।

# ବୃନ୍ଦାବନ ପାଇଲେ 'ଗୋପବନ୍ଧୁ ସେବା ସମ୍ମାନ'

ବ୍ରହ୍ମଗିରି, (ମହାଭାରତ): ବ୍ରହ୍ମଗିରି ବ୍ଲକର ବ୍ରାହ୍ମଣୀଆ ଗ୍ରାମପଞ୍ଚାୟତ ସମ୍ମାନିତ କରିଛି ସମାଜସେବୀ ବୃନ୍ଦାବନ ପ୍ରଧାନଙ୍କୁ। ବୃନ୍ଦାବନ ପ୍ରଧାନ ବ୍ରହ୍ମଗିରି ଅଞ୍ଚଳର ଜଣେ ଜଣାଶୁଣା ବ୍ୟକ୍ତି। ସଂଗ୍ରାମୀ ଗୋପବନ୍ଧୁଙ୍କ ଭଳି ଅବହେଳିତ ଲୋକଙ୍କ ସେବାରେ ସର୍ବଦା ନିଜକୁ ନିୟୋଜିତ କରି ସେ ଆତ୍ମଖୁସି ପାଇଥାନ୍ତି। ବୃନ୍ଦାବନଙ୍କର ଏଭଳି ତ୍ୟାଗମୟ ଜୀବନ ପାଇଁ ବ୍ରାହ୍ମଣୀଆ ଗ୍ରାମପଞ୍ଚାୟତ ସ୍ୱାଧୀନତା ଦିବସ ଉପଲକ୍ଷେ ତାଙ୍କୁ 'ଗୋପବନ୍ଧୁ ସେବା ସମ୍ମାନ' ଦେଇ ସମ୍ବର୍ଦ୍ଧିତ କରିଛି। ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ସରପଞ୍ଚ ନିରଞ୍ଜନ ସେଠୀ,ବ୍ଲକ ଉପାଧକ୍ଷା ମାଳିନୀ ଦଳାଇ,ସମିତିସଭ୍ୟା ବବିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।ଆଗାମୀ ଦିନରେ ସମାଜ ସେବାରେ ନିୟୋଜିତ ଥିବା ପ୍ରତିଭାକୁ ଖୋଜି ସମ୍ମାନୀତ କରାଯିବ ବୋଲି ସରପଞ୍ଚ ନିରଞ୍ଜନ ସେଠୀ କହିଥିଲେ ।




# ଲାଞ୍ଜିଗଡ ଅଞ୍ଚଳରେ ପୁଣି ଜନନୀ ଯନ୍ତ୍ରଣା ଖଟିଆରେ ବୁହା ହେଲେ ଗର୍ଭବତୀ

ଲାଞ୍ଜିଗଡ଼, (ମହାଭାରତ) : ଦେଶ ସ୍ୱାଧୀନତାର ୮୦ ବର୍ଷ ପରେ ମଧ୍ୟ ଲାଞ୍ଜିଗଡ ବ୍ଲକ ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବଦଳିନି ଚିତ୍ର । ଭଲ ରାସ୍ତା ଖଣ୍ଡିଏ ନଥିବାରୁ ଆଜିବି ଜରୁରୀ ସମୟରେ ଗାଁକୁ ପହଞ୍ଚିପାରୁନି ଆମ୍ବୁଲାନ୍ସ। ଫଳରେ ଗର୍ଭବତୀ ମହିଳାଙ୍କୁ ପ୍ରସବ ସମୟରେ ଭୋଗିବାକୁ ପଡୁଛି ଅସହ୍ୟ ଯନ୍ତ୍ରଣା । ଏହା ହେଉଛି ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ବାତେରପଡ଼ା ଗାଁର ମାଝୀ ପଡାର ବାସ୍ତବ ଚିତ୍ର କ୍ଷ ସୂଚନା ଅନୁସାରେ ବାତେରପଡା ଗାଁର ମାଝୀ ପଡାର ଧନସିଂ ମାଝୀ ଙ୍କ ସ୍ତ୍ରୀ ଆଲିଙ୍ଗ ଦେଇ ମାଝୀ ଙ୍କୁ ବୋଡି ଭୋରରୁ ପ୍ରସବ ଯନ୍ତ୍ରଣା ହେବାରୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା କ୍ଷ ଆମ୍ବୁଲାନସ ପହଞ୍ଚିବା ପୂର୍ବରୁ ଆଲିଙ୍ଗଓଦେଇ ଘରେ ଏକ କନ୍ୟା ଜନ୍ମ ଦେଇଥିଲେ ଓ ସକାଳେ ଆଶାକର୍ମୀ ସତ୍ୟଭାମା ବିଶୋଇ ଆଲିଙ୍ଗଓଦେଇ ଘରକୁ ଯାଇ ସ୍ୱାସ୍ଥବସ୍ଥା ବୁଝିଥିଲେ ଏବଂ ଅଲିଙ୍ଗାଦେଇ ଅସୁସ୍ଥ ଅନୁଭବ କରିବାରୁ ଲାଞ୍ଜିଗଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାପାଇଁ ଗାଁକୁ ଆମ୍ବୁଲାନ୍ସ ମଧ୍ୟ ପହଞ୍ଚିଥିଲା ହେଲେ ଗାଁର ମାଝୀ ପଡାକୁ ଭଲ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇ ନ ପାରିଥିଲା ଯାହାଫଳରେ ବାତେରପଡା ଗାଁ ମାଝୀ ପଡାରୁ ହାରାହାରି ୪ଶହ ମିଟର ସାହୁପଡା ପର୍ଯ୍ୟନ୍ତ ଖଟିଆରେ ବୋହି ଆମ୍ବୁଲାନ୍ସ ପାଖକୁ ନେଇଥିବା ବେଳେ ସେହିଠାରୁ ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ କ୍ଷ ତେବେ ଏହି ଘଟଣା ଲାଞ୍ଜିଗଡ ଉପାନ୍ତ ଅଞ୍ଚଳ ପାଇଁ ନୂଆଁ ନୁହେଁ ବରଂ ଅନେକ ଥର ଗର୍ଭବତୀ ମହିଳା ବା ଗୁରୁତର ରୋଗୀଙ୍କୁ ଖଟିଆରେ ବୋହିନେବା ଚିତ୍ର ସାମ୍ନାକୁ ଆସୁଛି କିନ୍ତୁ ଏବେ ଉକ୍ତ ଅଞ୍ଚଳର ଚିତ୍ର ବଦଳି ପାରୁନି କ୍ଷ ତେବେ ଗାଁକୁ ଯିବା ପାଇଁ ଥିବା ରାସ୍ତା ଅବସ୍ଥା ଏତେ ଦୟନୀୟ ଯେ ଜରୁରୀ ସମୟରେ ଆମ୍ବୁଲାନ୍ସ ଗାଁ ଭିତରକୁ ଯିବା ସମ୍ଭବ ହେଉନାହିଁ। ଗର୍ଭବତୀ ମହିଳାଙ୍କୁ ଚିକିତ୍ସାଳୟ ନେବା ପାଇଁ ପରିବାର ଲୋକଙ୍କୁ ଅନେକ ସମୟରେ ଖଟିଆ, ଦୋଳି କିମ୍ବା ଅନ୍ୟ ଉପାୟରେ ରାସ୍ତା ପର୍ଯ୍ୟନ୍ତ ବୋହି ଆଣିବାକୁ ପଡୁଛି। ଏଭଳି ପରିସ୍ଥିତିରେ ଜଣେ ଜନନୀଙ୍କ ଜୀବନ କେତେ ବିପଦପୂର୍ଣ୍ଣ, ତାହା ସହଜରେ ଅନୁମାନ କରାଯାଇପାରେ। ସରକାରଙ୍କ ପକ୍ଷରୁ ଗର୍ଭବତୀ ମହିଳା ଓ ନବଜାତ ଶିଶୁଙ୍କ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ରହିଛି ଏବଂ ଆମ୍ବୁଲାନ୍ସ ସେବା ମଧ୍ୟ ଉପଲବ୍ଧ ରହିଛି। କିନ୍ତୁ ରାସ୍ତା ଯଦି ଗାଁ ପର୍ଯ୍ୟନ୍ତ ଯାଇପାରୁନି, ତେବେ ଏହି ସେବାର ସୁଫଳ ଲୋକଙ୍କ ପାଖରେ କିପରି ପହଞ୍ଚିବ ସେନେଇ ପ୍ରଶ୍ନ ଉଠିଛି। ବାତେରପଡ଼ା ଗାଁର ଲୋକେ ଦୀର୍ଘଦିନ ଧରି ଭଲ ରାସ୍ତା ପାଇଁ ଦାବି କରିଆସୁଥିବା କହିଛନ୍ତି। ତଥାପି ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ ହୋଇଛି। ବର୍ଷା ଦିନରେ ସ୍ଥିତି ଆହୁରି ଗମ୍ଭୀର ହୋଇପଡୁଥିବା ବେଳେ ଗର୍ଭବତୀ ମହିଳା, ବୃଦ୍ଧ ଓ ଗୁରୁତର ରୋଗୀଙ୍କ ପାଇଁ ଚିକିତ୍ସାଳୟ ପହଞ୍ଚିବା ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ସରକାର ସ୍ୱାସ୍ଥ୍ୟ ସେବା ପାଇଁ ଯେତେ ଯୋଜନା କରନ୍ତୁ ନା କାହିଁକି, ଯଦି ଗାଁକୁ ଯିବା ପାଇଁ ରାସ୍ତା ନଥାଏ, ତେବେ ଜରୁରୀ ସ୍ୱାସ୍ଥ୍ୟ ସେବା ଲୋକଙ୍କ ପାଖରେ ପହଞ୍ଚିବ କିପରି ? ତେବେ ଉପାନ୍ତ ଅଞ୍ଚଳର ଲୋକଙ୍କ ଜୀବନ ସହ ଜଡ଼ିତ ଏହି ସମସ୍ୟାକୁ ପ୍ରଶାସନ ଗୁରୁତ୍ୱର ସହ ନେଇ ତୁରନ୍ତ ରାସ୍ତା ନିର୍ମାଣ ସହ ନିରବଚ୍ଛିନ୍ନ ଆମ୍ବୁଲାନ୍ସ ସେବା ସୁନିଶ୍ଚିତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।





# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ରେଙ୍ଗାଲି ପ୍ରୋଜେକ୍ଟ ୱେଲଫେୟାର ଆଣ୍ଡ ଚାରିଟେବଲ ଟ୍ରଷ୍ଟର ପ୍ରତିଭା କାର୍ଯ୍ୟକ୍ରମ

**କଣିହାଁ:(ମହାଭାରତ):**ରେଙ୍ଗାଲି ପ୍ରୋଜେକ୍ଟ ୱେଲଫେୟାର ଆଣ୍ଡ ଚାରିଟେବଲ ଟ୍ରଷ୍ଟର ପ୍ରତିଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି,ପ୍ରକଳ୍ପସ୍ଥିତ ବେଦଭବନ ପରିସରରେ ଅନୁଷ୍ଠିତ ପ୍ରତିଭା କାର୍ଯ୍ୟକ୍ରମରେ ୬ ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ ।ପ୍ରତିଯୋଗିତା ମୁଖ୍ୟତଃ ରଚନା, ବକ୍ତୃତା, ସଙ୍ଗୀତ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଓଏଚପିସି ୟୁନିଟ ହେଡ୍ ହେମେନ୍ଦ୍ର ନାଥ ମହାନ୍ତି ଯୋଗଦେଇ ଟ୍ରଷ୍ଟର ଏପରି ପ୍ରତିଯୋଗିତା ଆୟୋଜନ ଦ୍ୱାରା ଗ୍ରାମାଞ୍ଚଳର ଲୁକାୟତ ପ୍ରତିଭା ଲୋକଲୋଚନକୁ ଆସିପାରିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଓଏଚପିସି ର ପୂର୍ବତନ ବରିଷ୍ଠ ସାଧାରଣ ପରିଚାଳକ ସୁବ୍ରତ କୁମାର ଷଡ଼ଙ୍ଗୀ, ଜଜ ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହରିଶ୍ଚନ୍ଦ୍ର ମିଶ୍ର, ରାଜେଶ କୁମାର ସାହୁ, ଦିବ୍ୟାଲୋଚନ ଆଚାର୍ଯ୍ୟ ଏବଂ ରବିନାରାୟଣ ପାତ୍ର ମୂଲ୍ୟାଙ୍କନ ପ୍ରଦାନ କରିଥିଲେ । ଟ୍ରଷ୍ଟର ସଭାପତି ନିରଞ୍ଜନ ଗଡ଼ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପସଭାପତି ଅଶୋକ କୁମାର ସେଠି,ସମ୍ପାଦକ ବିରେଶ ଚନ୍ଦ୍ର ପତି, ସହସମ୍ପାଦକ ନିର୍ମଳ ବସନ୍ତରା, ଉପଦେଷ୍ଟା ନୃସିଂହ ବରାଳ ଏବଂ ଐଶ୍ୱର୍ଯ୍ୟ ପ୍ରଧାନ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ ।ସାଙ୍ଗଠନିକ ସମ୍ପାଦକ ସୁଧାକର ସାମଲ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରିୟରଞ୍ଜନ ମହାନ୍ତିଙ୍କ ସମେତ ଟ୍ରଷ୍ଟ ର ଅନ୍ୟ ସମସ୍ତ ସଦସ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

## ନିଶାମୁକ୍ତ ସମାଜ ଗଠନ ପାଇଁ ପୁରୀ ପୋଲିସର ସାମୂହିକ ଶପଥ

**ପୁରୀ,:**ନିଶାମୁକ୍ତ ଭାରତ ଅଭିଯାନ ଅଧୀନରେ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହ ଏକ ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ଆଜି ପୁରୀ ପୋଲିସ ପକ୍ଷରୁ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସମେତ ଜିଲ୍ଲାର ବିଭିନ୍ନ ଥାନାରେ ସାମୂହିକ ନିଶାମୁକ୍ତି ଶପଥ ପାଠ ଅନୁଷ୍ଠିତ ହୋଇଛି । ଜିଲ୍ଲା ପୋଲିସ କାର୍ଯ୍ୟାଳୟ, ପୁରୀଠାରେ ଆୟୋଜିତ ଶପଥ ପାଠ କାର୍ଯ୍ୟକ୍ରମରେ ପୁରୀ ଏସ୍ ?ପି ଶ୍ରୀ ପ୍ରତୀକ ସିଂଙ୍କ ନେତୃତ୍ୱରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ସମସ୍ତେ ନିଶାଦ୍ରବ୍ୟ ସେବନରୁ ନିଜକୁ ଦୂରେଇ ରଖିବା ସହ ନିଶାର କୁପ୍ରଭାବରୁ ନିଜ ପରିବାର ଓ ସମାଜକୁ ସୁରକ୍ଷିତ ରଖିବା ପାଇଁ ଦୃଢ଼ ସଙ୍କଳ୍ପ ନେଇଥିଲେ । ଏହି ଅବସରରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ନିଜ ପରିବାର, ବନ୍ଧୁବର୍ଗ, ସହକର୍ମୀ ଓ ସମାଜର ଅନ୍ୟମାନଙ୍କୁ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ସହ ନିଶା ନିବାରଣ ଦିଗରେ ସକ୍ରିୟ ଭୂମିକା ନେବା ପାଇଁ ଶପଥ ଗ୍ରହଣ କରିଥିଲେ । ନିଶାମୁକ୍ତ ସମାଜ ଗଠନରେ ଯୁବପିଢ଼ିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯୁବଶକ୍ତିକୁ ନିଶାଠାରୁ ଦୂରେଇ ରଖିବା ସହ ନିଶାଦ୍ରବ୍ୟ ବିରୋଧରେ ଜନସଚେତନତା ବୃଦ୍ଧି କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ନିରନ୍ତର ଭାବେ ବିଭିନ୍ନ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ଏକ ସୁସ୍ଥ, ସୁରକ୍ଷିତ ଓ ନିଶାମୁକ୍ତ ପୁରୀ ତଥା ଓଡ଼ିଶା ଗଠନ ପାଇଁ ପୁରୀ ପୋଲିସ ପ୍ରତିବଦ୍ଧ ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଅନୁଷ୍ଠିତ, ୧୦୭ ପଞ୍ଜୀକୃତ

**ନୂଆଗାଁ (ମହାଭାରତ):**ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଲକ୍ଷ୍ମୀପ୍ରିୟା ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ବିଡ଼ିଓ ଡ଼. ଅମୃତ କୁମାର ରାଉଳ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ୱର୍ଣ୍ଣସାରିକା ଜେନା ଉପସ୍ଥିତ ଥିଲେ ।ପରବର୍ତ୍ତୀ ସମୟରେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଲକ୍ଷ୍ମୀପ୍ରିୟା ବେହେରା ବିଭିନ୍ନ ବିଭାଗ ବୋଲି ଦେଖିଥିଲେ ଏବଂ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଡାକ୍ତର ମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲାରୁ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ସଞ୍ଜୟ ଦାସ,ଦୃଷ୍ଟି ବାଧିତ ବିଭାଗ ଡ଼ା. ପ୍ରସନ୍ନ ପ୍ରସାଦ ସାହୁ,ଶ୍ରବଣ ବାଧିତ ବିଭାଗ ଡ଼ା. ସୀତାଶ୍ରୀ ସେଠି,ମାନସିକ ଅନଗ୍ରସର ବିଭାଗ ଡ଼ା. ସବିତା ବରାଡ଼,ଭେଷଜ ବିଭାଗ ଡ଼ା. ଶତ୍ରୁଘ୍ନ ନାୟକ ଓ ଅନ୍ୟାନ୍ୟ ବିଭାଗର ସନ୍ତୋଷ କୁମାର ନାୟକ, ଲକ୍ଷ୍ମୀପ୍ରିୟା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ମୋଟ ୧୦୭ ଜଣ ନାମ ପଞ୍ଜିକରଣ କରିଥିବା ବେଳେ ଅସ୍ଥିଶଲ୍ୟ ୫୪, ଦୃଷ୍ଟି ବାଧିତ ୧୧, ମାନସିକ ଅନଗ୍ରସର ୨୦ ଏବଂ ଶ୍ରବଣ ବାଧିତ ୨୨ ଜଣ ଲୋକେ ନାମ ପଞ୍ଜିକରଣ କରିଥିଲେ । କାର୍ଯ୍ୟକ୍ରମ କୁ ଯୋଗେଶ୍ୱର ମାଝି ସମେତ ବ୍ଲକର ସମସ୍ତ ସରକାରୀ କର୍ମଚାରୀ ସହଯୋଗ କରିଥିଲେ ।

## ସ୍ୱାଧୀନତା ସଂଗ୍ରାମରେ ସାହିତ୍ୟିକଙ୍କ ଅବଦାନ ସମ୍ପର୍କରେ ଆଲୋଚନାଚକ୍ର

**ରାଉରକେଲା:** ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସାରନଗରୀ ଶାଖା ଓ ଫର୍ଟିଲାଇଜର ସ୍ଥିତ ଚିନ୍ମୟ ଏକାଡେମୀ ର ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମରେ ସାହିତ୍ୟିକଙ୍କ ଅବଦାନ ସମ୍ପର୍କରେ ଏକ ବୈ ।ଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଶାଖାର କାର୍ଯ୍ୟକାରୀ ସଭାପତି ଡ ତ୍ରିନାଥ ଦାଶ ମୋହିନୀଙ୍କ ସଭାପତିତ୍ୱ, ସହ ସମ୍ପାଦିକା ଶ୍ୱେତାଲିନା ଶତପଥୀ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଉରକେଲା କଲେଜର ଓଡ଼ିଆ ଅଧ୍ୟାପକ କରୁଣାକର ପାଟ୍ଟଶାଣୀ, ବିଷୟ ବିଶେଷଜ୍ଞ ଭାବେ ଶିକ୍ଷାବିତ୍ ଶାନ୍ତନୁ ମୁଦୁଲି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଆଦିତ୍ୟ କୁମାର ଷଡଙ୍ଗୀ ପ୍ରମୁଖ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖିଥିଲେ । ପ୍ରାରମ୍ଭରେ ଶାଖାର ସଭାପତି ଗାନ୍ଧୀ ମହାବିଦ୍ୟାଳୟର ବରିଷ୍ଠ ଓଡ଼ିଆ ବିଭାଗର ମୁଖ୍ୟ ଡ ସୁରେନ୍ଦ୍ର କୁମାର ବେହେରା ଅତିଥି ମାନଙ୍କ ପରିଚୟ ଓ ଆଲୋଚନା ପ୍ରସଙ୍ଗରେ ମତ ରଖି କହିଲେ ଯେ ସାହିତ୍ୟ ହେଉଛି ଆଗ୍ରହ, ଆକାଂକ୍ଷା ଓ ସ୍ୱପ୍ନ । ଏହା ସହ ସେ ବିଭିନ୍ନ ସାହିତ୍ୟିକଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ବିଷୟ ବିଶେଷଜ୍ଞ ଶ୍ରୀ ମୁଦୁଲି ତାଙ୍କ ବକ୍ତବ୍ୟରେ କହିଲେ ଯେ ସାହିତ୍ୟ ଏକ ବିରାଟ ସମୁଦ୍ର । ଖଣ୍ଡା ଓ କଲମ ମଧ୍ୟରେ ତୁଳନାତ୍ମକ ଚିତ୍ର ପ୍ରଦାନ କରିବା ସହ ଯୁଗଯୁଗ ଧରି ସାହିତ୍ୟିକ ମାନେ ସମାଜକୁ ସଂସ୍କାରିତ କରିବା ପାଇଁ କଲମ ଚାଳନା କରିଛନ୍ତି ଓ ମଣିଷ କୁ ମଣିଷ ଭଳି ତିଆରି କରିବାରେ ସାହିତ୍ୟର ଆବଶ୍ୟକତା ତଥା ବିଭିନ୍ନ ସାହିତ୍ୟିକ,କବି ଙ୍କ ବିଭିନ୍ନ ଉକ୍ତି ସହ ତତ୍କାଳୀନ ସମୟରେ କିପରି ଜନମାନସକୁ ପ୍ରେରିତ କରିଥିଲା ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ଶ୍ରୀ ପାଟ୍ଟଶାଣୀ ମା, ମାତୃଭୂମି,ସ୍ୱର୍ଗ ତଥା ବିଦ୍ରୋହ କିପରି ଚାଷ ଜମିରୁ ଆରମ୍ଭ ହୋଇଥିଲା ଓ ୧୯୨୦ ରୁ ଓଡ଼ିଆ ମାନେ କିପରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସଭାପତିତ୍ୱ କରୁଥିବା ଡ ଦାଶ ମୋହିନୀ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖି କହିଲେ ଯେ ବିଶ୍ୱରେ ଯେତେ ବିପ୍ଳବ ହୋଇଛି, ସେଥିରେ ସାହିତ୍ୟ ଓ ସାହିତ୍ୟିକଙ୍କ ଭୂମିକା ତଥା ସେମାନଙ୍କ ଲେଖନୀ ଦେଶବାସୀଙ୍କୁ ପ୍ରେରଣା ଯୋଗାଇଛି । ସମ୍ମାନିତ ଅତିଥି ଶ୍ରୀ ଷଡ଼ଙ୍ଗୀ ଗୋପବନ୍ଧୁଙ୍କ ବନ୍ଦିର ଆତ୍ମକଥା ଓ ଉପସଭାପତି ସୁବାସ ଚନ୍ଦ୍ର ପାତ୍ର ପ୍ରାକ୍ କଥନ ସହ ବିଭିନ୍ନ ସାହିତ୍ୟିକଙ୍କ ସମ୍ପର୍କରେ ଆଲୋଚନା କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟତମ ସହ ସମ୍ପାଦିକା ଶୁଚିସ୍ମିତା ପଣ୍ଡାଙ୍କ ସଂଯୋଜନାରେ ସର୍ବଶ୍ରୀ ସାହିଲ ପ୍ରଧାନ, ଓ ଶୁଚିସ୍ମିତା ପଣ୍ଡା ପ୍ରମୁଖ ଦେଶାତ୍ମବୋଧକ ଓ ବର୍ଷା ସମ୍ପର୍କିତ କବିତା ପାଠ କରିଥିଲେ ।

## ବଳଦ ବୋଝେଇ ଗାଡ଼ି ଓଲଟି ୭ ଗୋରୁ ମୃତ, ୭ ଜୀବିତ ଉଦ୍ଧାର



**କରଞ୍ଜିଆ,(ମହାଭାରତ):**ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଆନନ୍ଦପୁର-କରଞ୍ଜିଆ ୫୩ ନମ୍ବର ରାଜ୍ୟ ରାଜପଥର ହାଣ୍ଡିଫୁଟା ଛକ ନିକଟରେ ମଙ୍ଗଳବାର ଭୋର ସମୟରେ ବଳଦ ବୋଝେଇ ଏକ ଗାଡ଼ି ଓଲଟି ପଡ଼ିବାରୁ ୭ଟି ବଳଦର ମୃତ୍ୟୁ ଘଟିଥିବା ବେଳେ ୭ଟି ବଳଦକୁ ଜୀବିତ ଉଦ୍ଧାର କରାଯାଇଛି । ଘଟଣା ପରେ ଗାଡ଼ି ଛାଡ଼ି ଚାଳକ ଜଙ୍ଗଲ ଭିତରକୁ ଫେରାର ହୋଇଯାଇଥିବା ଜଣାପଡ଼ିଛି ।ସୂଚନା ଅନୁଯାୟୀ, ମଙ୍ଗଳବାର ଭୋର ପ୍ରାୟ ୩ଟା ସମୟରେ ଠାକୁରମୁଣ୍ଡା ପୁଲିସ ଆନନ୍ଦପୁର-ଠାକୁରମୁଣ୍ଡା ରାସ୍ତାରେ ପେଟ୍ରୋଲିଂ କରୁଥିଲା । ଏହି ସମୟରେ ହାଣ୍ଡିଫୁଟା ଛକ ନିକଟରେ ଏକ ବଳଦ ବୋଝେଇ ଗାଡ଼ି ପୁଲିସ ଗାଡ଼ିକୁ ଦେଖି ଦ୍ରୁତ ବେଗରେ ଚାଲିଯିବାକୁ ଉଦ୍ୟମ କରିଥିଲା । ତେବେ ଦ୍ରୁତ ଗତିରେ ଯିବା ସମୟରେ ଚାଳକ ଗାଡ଼ିର ଭାରସାମ୍ୟ ହରାଇବାରୁ ଗାଡ଼ିଟି ରାସ୍ତାକଡ଼ରେ ଓଲଟି ପଡ଼ିଥିଲା ।ଗାଡ଼ି ଓଲଟିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଭିତରେ ଥିବା ବଳଦମାନଙ୍କୁ ଉଦ୍ଧାର କରିଥିଲା । ଏଥିରେ ୭ଟି ବଳଦର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୭ଟି ବଳଦକୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଛି । ଅନ୍ଧାରର ସୁଯୋଗ ନେଇ ଗାଡ଼ିର ଚାଳକ ଘଟଣାସ୍ଥଳରୁ ଗାଡ଼ି ଛାଡ଼ି ନିକଟସ୍ଥ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିବା ପୁଲିସ ପକ୍ଷରୁ ଜଣାପଡ଼ିଛି ।ଖବର ପାଇ ପଶୁ ଚିକିତ୍ସା ଅଧିକାରୀ ପ୍ରୀତିରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ହୋଇଥିବା ଜୀବିତ ବଳଦମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଅନ୍ୟପକ୍ଷରେ ମୃତ ବଳଦମାନଙ୍କୁ ଜେସିବି ସାହାଯ୍ୟରେ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ପୋତି ଦିଆଯାଇଥିବା ଜଣାପଡ଼ିଛି ।
ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଓ ଜୀବିତ ଉଦ୍ଧାର ହୋଇଥିବା ବଳଦମାନଙ୍କୁ ଠାକୁରମୁଣ୍ଡା ଥାନାକୁ ଆଣି ରଖିଛି । ଘଟଣାସ୍ଥଳରେ ଠାକୁରମୁଣ୍ଡା ଥାନା ଆଇଆଇସି ଶରତ ଚନ୍ଦ୍ର ମହାଳିକ ଓ ଏଏସଆଇ ଅମରେନ୍ଦ୍ର ବାରିକ ପହଞ୍ଚି ଘଟଣାର ତଦନ୍ତ କରିଥିଲେ ।ଏନେଇ ଠାକୁରମୁଣ୍ଡା ଥାନାରେ କେସ୍ ନମ୍ବର ୧୦୧/୨୦୨୬ ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି । ତେବେ ଗାଡ଼ିଟି କାହାର, ବଳଦଗୁଡ଼ିକ କାହାର ଏବଂ କେଉଁ ସ୍ଥାନକୁ ନେଇ ଯାଉଥିଲେ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଘଟଣା ପରେ ଏହି ସମସ୍ତ ପ୍ରଶ୍ନକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ପୁଲିସ ଗାଡ଼ିର ମାଲିକ ଓ ଫେରାର ଚାଳକଙ୍କ ସମ୍ପର୍କରେ ତଦନ୍ତ ଜାରି ରଖିଛି ।

## ଜୁଡିଆ ଘାଟିର ସମସ୍ତ ଆଠଟି ଭୂସ୍ଖଳନ ସ୍ଥଳ ସଫା ହେଲା; ଯାତାୟାତ ନିୟନ୍ତ୍ରଣ ଜାରି



**କେନ୍ଦୁଝର: (ମହାଭାରତ):**ଲଗାଣ ବର୍ଷା ଯୋଗୁ କେନ୍ଦୁଝର ସହର ଉପକଣ୍ଠ ରେ ଥିବା ଜୁଡିଆ ଘାଟିର ସମସ୍ତ ଆଠଟି ଭୂସ୍ଖଳନ ସ୍ଥଳକୁ ସଫା କରାଯାଇଛି ଏବଂ ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକରେ ବାରିକେଡ୍ କରାଯାଇଛି । ଏହା ସହିତ ନିରନ୍ତର ନଜର ରଖିବା ପାଇଁ ଏନଏଚଏଆଇ ଅଧିକାରୀ ଓ ଆବଶ୍ୟକୀୟ ସମ୍ବଳ ନିୟୋଜିତ କରାଯାଇଛି । ଭିଡ଼ କମାଇବା ପାଇଁ ରାସ୍ତାର ଡାହାଣ ପାର୍ଶ୍ୱରେ ଭାରୀ ଯାନବାହନ ଚଳାଚଳ ପାଇଁ ଅନୁମତି ଦିଆଯାଇଥିଲା । ତେବେ ଝିପିଝିପି ବର୍ଷା ମଧ୍ୟରେ ସାମାନ୍ୟ ପୁନରୁଦ୍ଧାର କାର୍ଯ୍ୟକୁ ସହଜ କରିବା ପାଇଁ ଗାଡ଼ି ଚଳାଚଳକୁ ପୁଣି ଥରେ ସାମୟିକ ଭାବେ ନିଷେଧ କରାଯାଇଛି ।

## ସେପ୍ଟେମ୍ବର ୧୨ରେ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଗଞ୍ଜାମ(ମହାଭାରତ): ଆସନ୍ତା ସେପ୍ଟେମ୍ବର ୧୨ ତାରିଖରେ ପାରଳାଖେମୁଣ୍ଡି , ରା.ଉଦୟଗିରି , ମୋହନା ଓ କାଶୀନଗରରେ ଅଦାଲତ ପରିସରରେ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି ।ଏହି ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ପ୍ରାକ-ସ୍ତରୀୟ ମକଦ୍ଦମା ଓ ବିଚାରାଧିନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ) , ଚେକ ବାଉନସ , ସମାଧାନଯୋଗ୍ୟ ଟ୍ରାଫିକ୍ ଚାଲାଣ , ବ୍ୟାଙ୍କ ଋଣ , ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ , ଶ୍ରମ ବିବାଦ , ଲୋକସେବା ସମ୍ବନ୍ଧୀୟ ମାମଲା , ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ) , ପାରିବାରିକ ବିବାଦ , ଜମି ଅଧିଗ୍ରହଣ , ଚାକିରି ସମ୍ବନ୍ଧୀୟ (ପେନସନ) , ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲାର ବିଚାରଣା ହେବ ।

## ନିର୍ବାଚନୀ ସାକ୍ଷରତା କ୍ଲବ ସମ୍ପର୍କିତ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବିଷମକଟକ, (ମହାଭାରତ): ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ୍‌ରେ ରହିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ନିର୍ବାଚନୀ ସାକ୍ଷରତା କ୍ଲବ ସମ୍ପର୍କିତ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ମଙ୍ଗଳବାର ଦିନେ ପ୍ରଥମ ପର୍ଯ୍ୟାୟରେ ଗଜବାହାଲ ଆଇଟିଆଇ କଲେଜ ଠାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଆଇଟିଆଇ କଲେଜ ର ଅଧକ୍ଷ ଭୋଦେବ ସାହୁ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୁଦୀପ କୃଷ୍ଣ ବେହେରା ଏବଂ ବୁଥ ସ୍ତରୀୟ ଅଧିକାରୀ ପର୍ଜ୍ୟବେକ୍ଷକ ତଥା ବରିଷ୍ଠ ଶିକ୍ଷକ ରାଜେଶ କୁମାର ବିଶ୍ୱାଳ ଉପସ୍ଥିତ ରହି ନିର୍ବାଚନୀ ସାକ୍ଷରତା ସମ୍ପର୍କରେ ଆଲୋଚନା କରିଥିଲେ ।

## ବନ୍ୟା ପୀଡିତଙ୍କୁ ସଦର ମଣ୍ଡଳ ବିଜେପି ପକ୍ଷରୁ ଖାଦ୍ୟ ବଣ୍ଟନ



ଉଦଳା, (ମହାଭାରତ ):ଲଗାଣ ବର୍ଷା ଫଳ ରେ ଉଦଳା ତଥା ଆଖ ପାଖ ଅଞ୍ଚଳ ରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି କ୍ଷ ତେବେ ଦୁଇଦିନ ଧରି ଉଦଳା ଅଞ୍ଚଳ ରେ କିଛି ସ୍ଥାନ ରେ ସାଧାରଣ ଲୋକେ ପାଣି ଘେର ରେ ଥିବା ବେଳେ ଉଦଳା ବିଧାୟକ ଭାସ୍କର ମଢେଇ ଙ୍କ ନିର୍ଦ୍ଦେଶ କ୍ରମେ ମଣ୍ଡଳ ସଭାପତି ଭାଗିରଥି ସେଠୀ ଙ୍କ ତତ୍ତ୍ୱାବଧାନ ରେ ଗତ କାଲିଠୁ ଅଦକ୍ଷପାଳ ଗ୍ରାମରେ ପାଣି ଘେର ରେ ଥିବା ବନ୍ୟା ପୀଡିତ ଙ୍କୁ ଶୁଖିଲା ଖାଦ୍ୟ ଦେବା ସହ ଉଦଳା ସଦର ମଣ୍ଡଳ ବିଜେପି ପକ୍ଷରୁ ଆଜି ସକାଳେ ମଧ ଅଦକ୍ଷପାଳ ଏବଂ ସୁନାପାଳ ଗ୍ରାମ ପାଣି ଘେର ରେ ଥିବା ପ୍ରାୟ ୩୦୦ ରୁ ଉର୍ଦ୍ଧ ଲୋକଙ୍କୁ ଶୁଖିଲା ଖାଦ୍ୟ ସହ ରନ୍ଧ୍ୟା ଖାଦ୍ୟ ଦିଆଯାଇଥିଲା । ଏହି ରିଲିଫ ବଣ୍ଟନ କାର୍ଯ୍ୟକ୍ରମ ରେ ସଦର ମଣ୍ଡଳ ବିଜେପି ଯୁବମାର୍ଚ୍ଚା ସଭାପତି ଜନମ୍ମେଜୟ ସାହୁ,ମଣ୍ଡଳ ସାଧାରଣ ସମ୍ପାଦକ ରାକେଶ ପୁହାଣ,ଓବିସି ମୋର୍ଚ୍ଚା ସଭାପତି କମଳାକାନ୍ତ ଜେନା, ଆଇଟି ସେଲ ସଂଯୋଜକ ଦେବାଶିଷ ପତି, ଯୁବ ନେତା ଦୀପକ ମିଶ୍ର ଏବଂ ମଣ୍ଡଳ ର ବିଜେପି କାର୍ଯ୍ୟକର୍ତ୍ତା ଙ୍କ ସହ ସ୍ଥାନୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗ ଦେଇ ବନ୍ୟା ପୀଡିତ ଙ୍କ ରିଲିଫ କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ ।

## ଲଗାଣ ବର୍ଷାରେ ଚାରିଜଣଙ୍କ ଭାଙ୍ଗିଲା ଗୁହାଳ: ସହାୟତା ଦାବି

**ପାଟଣା,(ମହାଭାରତ):** ଲଗାଣ ବର୍ଷା ରେ ଭାଙ୍ଗିଲା ଗୁହାଳ କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ କପୁଣ୍ଡି ପଂଚାୟତ ଅନ୍ତର୍ଗତ ଧାନବେଣୀ ଗ୍ରାମରେ ଲଗାଣ ବର୍ଷା ଯୋଗୁ ଚାରିଜଣ ଙ୍କ ଗୋରୁ ଓ ଛେଳି ଗୁହାଳ ଭାଙ୍ଗି ଯାଇଥିବା ଦେଖିବାକୁ ମିଳି ଛି । ଏହି ଲଗାଣ ବର୍ଷା ରେ ଗ୍ରାମ ର ଅଭିମନ୍ୟୁ ମହାନ୍ତ ଙ୍କ ଗୋରୁ ଗୁହାଳ କାନ୍ଥ ଭାଙ୍ଗି ଖସି ପଡିବା ଯୋଗୁ ଚାରି ଟି ଗୋରୁ ଙ୍କ ଉପରେ କାନ୍ଥ ପଡି ଯିବାଥିବା ଫଳରେ ଗୋଟେ ଗୋରୁ ଗୋଡ ଭାଙ୍ଗି ଯିବା ସହ ଅନ୍ୟ ତିନି ଟି ଗୋରୁ ଆହତ ହୋଇଛନ୍ତି । ସେହି ପରି କୌତୁକ ନାଏକ ଙ୍କ ଛେଳି ଗୁହାଳ ଭାଙ୍ଗି ଯିବା ଫଳରେ ଛେଳି ଗୁଡିକ ଆହତ ହୋଇ ଥିବା ବେଳେ ଶକୁନ୍ତଳା ମହାନ୍ତ,ଭାଗିରଥୀ ମହାନ୍ତ ଗୁହାଳ ଭାଙ୍ଗି ଯାଇଛି । ଏପଟେ ଗୁହାଳ ଭାଙ୍ଗି ଗୋରୁ ଛେଳି ଆହତ ହୋଇ ଥିବା ବେଳେ ବ୍ଲକ ପ୍ରଶାସନ କିମ୍ବା ଚିକିତ୍ସା ଅଧିକାରୀ ଙ୍କ ଦେଖା ମିଳୁ ନ ଥିବା ସାଧାରଣ ରେ ଅଭିଯୋଗ ହୋଇଛି । ଏହି ଲଗାଣ ବର୍ଷା ରେ ଗୁହାଳ ଭାଙ୍ଗି ଆହତ ଗୋରୁ ଓ ଛେଳି ଙ୍କୁ ଚିକିତ୍ସା ଯୋଗାଇ ଦେବା ସହ ଲୋକ ମାନଙ୍କୁ ସହାୟତା ସହ ଗୋରୁ ଛେଳି ଗୁହାଳ ଯୋଗାଇ ଦେବାକୁ ଦାବି କରିଛନ୍ତି ।

## ନୂଆଗାଁରେ ସ୍ୱାଧୀନତା ଦିବସ ପାଳନ

**ନୂଆଗାଁ (ମହାଭାରତ):** ଚଳିତ ବର୍ଷ ୨୦୨୬ ଅଗଷ୍ଟ ମାସ ୧୫ ତାରିଖ ଶନିବାର ଦିନ ଦେଶ ଓ ରାଜ୍ୟ ୮୦ତମ ସ୍ୱାଧୀନତା ଦିବସ ପାଳନ କରୁଥିବା ବେଳେ ଏନେଇ ସମଗ୍ର ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସମେତ ଗ୍ରାମାଞ୍ଚଳ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଧୁମଧାମରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି । ସେହିପରି ନୂଆଗାଁ ବ୍ଲକ ସଦରମହକୁମା +୨ କଲେଜ ସମ୍ମୁଖରେ ଥିବା ହାଇସ୍କୁଲ ପଡ଼ିଆରେ ବ୍ଲକ ସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି ।

## ନୟାଗଡରେ ବସ ଦୁର୍ଘଟଣା: ୨୧ଜଣ ଯାତ୍ରୀ ଆହତ



**ନୟାଗଡ଼,(ମହାଭାରତ):** ନୟାଗଡ଼ ରେ ଭୟଙ୍କର ବସ ଦୁର୍ଘଟଣା । ଚକାଡୋଳା ନାମକ ଘରୋଇ ବସ ଦୁର୍ଘଟଣାରେ ୨୧ ଜଣ ଯାତ୍ରୀ ଆହାତ । ସମସ୍ତ ଆହତ ଯାତ୍ରୀ ଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଛି । ତିନି ଜଣ ଗୁରୁତର ଆହତ ଯାତ୍ରୀଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି ।ଫୁଲବାଣୀ ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା ଚକାଡୋଳା ନାମକ ଘରୋଇ ବସ ନୟାଗଡ଼ ବାଇପାସ୍ ରାସ୍ତାର ସୁନାଲଟି ଗାଁ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ ଧାନ ଜମିକୁ ଖସି ପଡିଛି । ଗତକାଲି ବିଳମ୍ବିତ ରାତିରେ ହୋଇଛି ଏହି ଭୟଙ୍କର ଦୁର୍ଘଟଣା । ଇଟାମାଟି, ଟାଉନ ଓ ସଦର ଥାନା ପୋଲିସ ସହ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା । ଆହାତ ଯାତ୍ରୀଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଚିକିତ୍ସା କରାଯାଉଛି ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ


ଆସିକା (ମହାଭାରତ): ରାଜ୍ୟ ସରକାର ଙ୍କ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆସିକା ବ୍ଲକ ନିକଟ ଏନ ଏ ସି କଲ୍ୟାଣ ମଣ୍ଡ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି ।ବି ଏସ ଏସ ଓ ରାଜଶ୍ରୀ ସାହୁଙ୍କ ସଂଯୋଜନାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା ବେଳେ ରତ୍ନାକର ସିୟ ମଞ୍ଚ ପରିଚାଳନା କରିଥିଲେ ।ଏହି ସଭାରେ ଯୁବ ବିଜେପି ନେତା ସଂନ୍ଦୀପ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ଅନ୍ୟମାନଙ୍କ ମଧ୍ୟରେ ଆସିକା ବ୍ଲକ ଉପାଧକ୍ଷା ରେଶମା ଦୋରା,ଆସିକା ବିଡ଼ିଓ ରାଜେନ୍ଦ୍ର ପ୍ରସାଦ ନାୟକ,ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବେହେରା ଯୋଗାଣ ଅଧିକାରୀ ଶ୍ରମିଷ୍ଟା ଦଳବେହେରା, ବ୍ଲକ ଏ ଇ ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଶିବିରରେ ଟ୍ରେନ ପାସ, ବସ ପାସ, ଋଣ,ରାସନକାର୍ଡ,ବାସିନ୍ଦା ପତ୍ର ଅନ୍ୟାନ୍ୟ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା ।

## ସ୍କୁଲ୍ ଖେଳପଡିଆ ପାଇଁ ଗ୍ରାମବାସୀଙ୍କ ଦାବୀ



**ରାଇଘର,(ମହାଭାରତ):** ବିଦ୍ୟାଳୟ ଅଛି ଛାତ୍ରଛାତ୍ରୀ ଅଛନ୍ତି ଶିକ୍ଷାଦାନ ଚାଲିଛି ହେଲେ ଖେଳିବା ପାଇଁ ନାହିଁ ଟିକିଏ ଖୋଲା ସ୍ଥାନ । ଫଳରେ ପାଠପଢ଼ା ସହ ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକ ବିକାଶର ଅନ୍ୟତମ ମାଧ୍ୟମ ଖେଳକୁଦରୁ ସେମାନେ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦରମହକୁମାର ପତ୍ରକୋଟି ସାହି ହରିଜନ ସାହିରେ ଥିବା ଏହି ବିଦ୍ୟାଳୟ ୧୯୯୧ ମସିହାରୁ ଶିକ୍ଷାଦାନ କରିଆସୁଛି । ଦୀର୍ଘ ବର୍ଷ ବିତିଥିଲେ ମଧ ବିଦ୍ୟାଳୟ ପାଇଁ ଏକ ନିର୍ଦ୍ଦିଷ୍ଟ ଖେଳ ପଡ଼ିଆ ବ୍ୟବସ୍ଥା ହୋଇନଥିବାରୁ ଛାତ୍ରଛାତ୍ରୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟାଳୟ ପକ୍ଷରୁ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସମୟରେ ମଧ୍ୟ ପଡ଼ିଆ ଅଭାବ ଏକ ବଡ଼ ସମସ୍ୟା ହୋଇ ଠିଆ ହେଉଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବି କରି ଆଜି ବହୁସଂଖ୍ୟକ ଅଭିଭାବକ ରାଇଘର ତହସିଲ ଓ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି । ଅଭିଭାବକମାନେ ରାଇଘର ତହସିଲଦାର ମନମୋହନ ସାହୁ ଏବଂ ବ୍ଲକ ଉନ୍ନୟନ ଅଧିକାରୀ ରିତୁ ସିଂଙ୍କୁ ବିଦ୍ୟାଳୟ ପାଇଁ ଖେଳ ପଡ଼ିଆ ନିମନ୍ତେ ଜମି ଚିହ୍ନଟ କରି ଶୀଘ୍ର ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି ।ଏହି ଦାବିରେ ବସନ୍ତ ଡଙ୍ଗରୀ ଗଣେଶ ସୁନା ଶ୍ରୀରାମ ସୁନାନୀ ସୁକରାମ ସୁନାନୀ ବଦ୍ରିନାଥ ଗୈଡ଼ ବନାରାୟଣ ବେହେରାଙ୍କ ସମେତ ବହୁ ମହିଳା ଓ ପୁରୁଷ ଅଭିଭାବକ ସାମିଲ ହୋଇଥିଲେ ।ଅଭିଭାବକମାନଙ୍କ କହିବା ଅନୁଯାୟୀ ପିଲାଙ୍କ ଭବିଷ୍ୟତ କେବଳ ପୁସ୍ତକର ପୃଷ୍ଠାରେ ନୁହେଁ ଖେଳ ପଡ଼ିଆରେ ମଧ ଗଢ଼ିଉଠେ । ଖେଳ ଦ୍ୱାରା ଶିଶୁଙ୍କ ଶାରୀରିକ ସୁସ୍ଥତା ସହ ଶୃଙ୍ଖଳା ଦଳଗତ ମନୋଭାବ ଓ ଆତ୍ମବିଶ୍ୱାସ ବିକଶିତ ହୋଇଥାଏ । ଏଭଳି ସ୍ଥିତିରେ ବିଦ୍ୟାଳୟରେ ଖେଳ ପଡ଼ିଆ ଭଳି ମୌଳିକ ସୁବିଧା ନ ଥିବା ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶରେ ବାଧକ ସାଜୁଛି ।ତେଣୁ ପ୍ରଶାସନ ଅଭିଭାବକଙ୍କ ଦାବିକୁ ଗୁରୁତ୍ୱର ସହ ନେଇ ଶୀଘ୍ର ଜମି ଚିହ୍ନଟ କରି ବିଦ୍ୟାଳୟ ପାଇଁ ଏକ ସ୍ଥାୟୀ ଖେଳ ପଡ଼ିଆ ବ୍ୟବସ୍ଥା କରୁ ଏହା ଅଭିଭାବକଙ୍କ ମୁଖ୍ୟ ଦାବି ହୋଇଛି ।

## ଏମ୍ସରେ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡାଙ୍କ ଆଞ୍ଜିଓପ୍ଲାଷ୍ଟି



ନୂଆଦିଲ୍ଲୀ:କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କ ୧୭ ଅଗଷ୍ଟରେ ଆଞ୍ଜିଓପ୍ଲାଷ୍ଟି କରାଯାଇଥିଲା। ୧୮ ଅଗଷ୍ଟରେ ଦିଲ୍ଲୀର ଏମ୍ସ ଦ୍ୱାରା ଜାରି ଏକ ପ୍ରେସ୍ ରିଲିଜରେ କୁହାଯାଇଛି ଯେ ତାଙ୍କ ଅବସ୍ଥା ଏବେ ସ୍ଥିର ଅଛି ଏବଂ ସେ ହସ୍ପିଟାଲର ହୃଦରୋଗ ବିଭାଗର ଡାକ୍ତରଙ୍କ କଡ଼ା ତତ୍ତ୍ୱାବଧାନରେ ଅଛନ୍ତି। ପୂର୍ବରୁ, ୧୪ ଅଗଷ୍ଟରେ, ହସ୍ପିଟାଲ ମଧ୍ୟ ଏକ ବିବୃତି ଜାରି କରି ମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସ୍ଥିର ଥିବା କହିଥିଲେ। ୧୩ ଅଗଷ୍ଟ ସନ୍ଧ୍ୟାରେ ସେ ଅସ୍ୱସ୍ତି ଅଭିଯୋଗ କରିବା ପରେ ତାଙ୍କୁ ଦିଲ୍ଲୀର ଏମ୍ସରେ ଭର୍ତ୍ତି କରାଯାଇଥିଲା। ଭର୍ତ୍ତି ହେବା ପରେ, ଡାକ୍ତରମାନେ ତାଙ୍କୁ ପରୀକ୍ଷା କରିଥିଲେ ଏବଂ କରୋନାରୀ ଆଞ୍ଜିଓଗ୍ରାଫି ସମ୍ବନ୍ଧୀୟ ଡାକ୍ତରୀ ପରୀକ୍ଷା କରିଥିଲେ। ଏମ୍ସର ଡାକ୍ତର ରୀମା ଦାଦାଙ୍କ ଅନୁଯାୟୀ, ମନ୍ତ୍ରୀଙ୍କୁ ଅସ୍ୱସ୍ତି ଯୋଗୁଁ ଭର୍ତ୍ତି କରାଯାଇଥିଲା। ଆଞ୍ଜିଓଗ୍ରାଫି ପରେ, ତାଙ୍କୁ ହୃଦରୋଗ ବିଭାଗରେ ଭର୍ତ୍ତି କରାଯାଇଥିଲା ଏବଂ ତାଙ୍କ ସ୍ୱାସ୍ଥ୍ୟ ସ୍ଥିର ଥିବା ଘୋଷଣା କରାଯାଇଥିଲା। ତେବେ ହସ୍ପିଟାଲ ପ୍ରଶାସନ ଜେପି ନଡ୍ଡାଙ୍କ ଅସ୍ୱସ୍ତିର କାରଣ କିମ୍ବା ଆଞ୍ଜିଓଗ୍ରାଫି ପରୀକ୍ଷା ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରି ନଥିଲେ।ଆଞ୍ଜିଓପ୍ଲାଷ୍ଟି ହେଉଛି ଏକ ଚିକିତ୍ସା ପ୍ରକ୍ରିୟା ଯାହା ହୃଦୟରେ ଅବରୋଧିତ କିମ୍ବା ସଂକୀର୍ଣ୍ଣ ଧମନୀ ଖୋଲିବା ଏବଂ ରକ୍ତ ପ୍ରବାହ ପୁନଃସ୍ଥାପିତ କରିବା ପାଇଁ ବ୍ୟବହୃତ ହୁଏ। ଏହାକୁ ପର୍କ୍ୟୁଟେନିୟସ୍ କରୋନାରୀ ଇଣ୍ଟରଭେନ୍ସନ୍ (ପିସିଆଇ) ମଧ୍ୟ କୁହାଯାଏ।

## ହର୍ମୁଜ୍‌କୁ ଆମେରିକାର ଅଞ୍ଚଳ ଘୋଷଣା କରିବା ଯୋଜନାକୁ ଦୋହରାଇଲେ ଟ୍ରମ୍ପ

ୱାସିଂଟନ: ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ହର୍ମୁଜ୍ ପ୍ରଣାଳୀକୁ ଆମେରିକାର ଅଞ୍ଚଳ ଘୋଷଣା କରିବା ତାଙ୍କର ଦାବିକୁ ଦୋହରାଇଛନ୍ତି। ଇରାନ ସହିତ ଜାରି ଉତ୍ତେଜନା ମଧ୍ୟରେ ୱାସିଂଟନର ଏହି ସା ?ମୁଦ୍ରିକ ଜଳପଥ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି ବୋଲି ଟ୍ରମ୍ପ କହିଛନ୍ତି। ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ, ଟ୍ରମ୍ପ ଇରାନର ଆମେରିକାର ନୌସେନା ଅବରୋଧକୁ ସମର୍ଥନ କରି କହିଛନ୍ତି ଯେ, ଏହି ଅଭିଯାନ ପ୍ରଭାବଶାଳୀ ଥିଲା। ସେ ଏହା ମଧ୍ୟ ଦାବି କରିଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀ ଖୋଲା ରହିଛି ଏବଂ ତୈଳ ମୂଲ୍ୟ ହ୍ରାସ ପାଉଛି। ଇରାନ ବଡ଼ ସଙ୍କଟରେ ଅଛି। ଦେଶର ମୁଦ୍ରାସ୍ଫୀତି ୩୦୦ ପ୍ରତିଶତ ରହିଛି। ଏହା ସହ ଇରାନ ଅବ୍ୟବସ୍ଥା ଦେଇ ଗତି କରୁଛି। ଦେଶର ସାମରିକ ବାହିନୀ ସମ୍ପୂର୍ଣ୍ଣ ଭାବରେ ପରାଜିତ ହୋଇଥିବା ଟ୍ରମ୍ପ କହିଛନ୍ତି। ମୁଁ ଭାବୁଛି ହର୍ମୁଜ୍ ?କୁ ଦଖଲ କରିବା ଏକ ଭଲ ଚିନ୍ତାଧାରା। ଏଭଳି ଚିନ୍ତା ଧାରା ମୋତେ ପସନ୍ଦ। ଆମର ପ୍ରଣାଳୀ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଅଛି ବୋଲି ଟ୍ରମ୍ପ କହିଛନ୍ତି। ଇରାନ ଜଳପଥରେ ମାଇନ୍ସ ରଖି ଜାହାଜ ଚଳାଚଳ ପାଇଁ ବିପଦ ସୃଷ୍ଟି କରିପାରେ। ମାସ ମାସ ଧରି ବୃଦ୍ଧି ପାଉଥିବା ଉତ୍ତେଜନା ଏବଂ ପରିବହନରେ ବାଧା ଆନ୍ତର୍ଜାତୀୟ ଶକ୍ତି ବଜାରକୁ ଗୁରୁତର ଭାବରେ ପ୍ରଭାବିତ କରିଛି, ଯାହା ଫଳରେ ବିଶ୍ୱରେ ଅଶୋଧିତ ତେଲର ମୂଲ୍ୟ ବୃଦ୍ଧି ପାଇଛି ଏବଂ ବାଣିଜ୍ୟିକ ନୌବାହିନୀ ଅପରେଟରମାନଙ୍କ ପାଇଁ ଯୁଦ୍ଧ-ବିପଦ ବୀମା ପ୍ରିମିୟମ ବୃଦ୍ଧି ପାଇଛି। ହ୍ରାସ ପାଇଥିବା ଯାତାୟାତ ବିଶ୍ୱବ୍ୟାପୀ ଶକ୍ତି ଯୋଗାଣରେ ବାଧା ଏବଂ ତୈଳ ମୂଲ୍ୟ ଉପରେ ସମ୍ଭାବ୍ୟ ପ୍ରଭାବ ଉପରେ ଚିନ୍ତା ବଢ଼ାଇଛି। ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀର ନିୟନ୍ତ୍ରଣ ପାଇଁ ତେହେରାନ ସହିତ ଏକ ଚୁକ୍ତିରେ ସାମିଲ ହେବା ବିରୋଧରେ ଓମାନକୁ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ମସ୍କାଟ ରଣନୈତିକ ଜଳପଥ ଉପରେ ୱାସିଂଟନର ସ୍ଥିତିରେ ହସ୍ତକ୍ଷେପ କରିବ ତେବେ ଆମେରିକା ବୋମାମାଡ଼ କରିବ।

## ହାଫିଜ୍ ସଇଦ କାଶ୍ମୀରକୁ ୧୦ ହଜାର ଆତଙ୍କବାଦୀ ପଠାଇଥିବା ନାସିର ମଦନିଙ୍କ ଦାବି



ନୂଆଦିଲ୍ଲୀ:ପାକିସ୍ତାନରେ ଲସ୍କର-ଇ-ତୋ,ବା ସହିତ ଜଡିତ ଏକ କାର୍ଯ୍ୟକ୍ରମର ଭିଡିଓ ପ୍ରକାଶ ପାଇବା ପରେ, କାଶ୍ମୀର ସମ୍ପର୍କରେ ଆଉ ଏକ ବଡ଼ ଦାବି କରାଯାଇଛି। ମୌଲବୀ ନାସିର ମଦନି ହାଫିଜ୍ ସଇଦଙ୍କର ପ୍ରଶଂସା କରି କହିଛନ୍ତି ଯେ,ସେ କାଶ୍ମୀରକୁ ୧୦ ହଜାର ଆତଙ୍କବାଦୀ ପଠାଇଥିଲେ। ପୂର୍ବତନ ଭାରତୀୟ ସାମରିକ ଅଧିକାରୀ ଲେଫ୍‌ଟନାଣ୍ଟ ଜେନେରାଲ ଡିପି ପାଣ୍ଡେ ଏହି ବୟାନ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ସହ ତାଚ୍ଛଲ୍ୟ କରି କହିଛନ୍ତି, ବିଦାୟର ସମୟ ଆସିଗଲା।ପାଣ୍ଡେ କହିଛନ୍ତି, ଯେଉଁମାନେ ଭାରତୀୟ ସେନା, ଚିନାର କର୍ପସ ଏବଂ ଜମ୍ମୁ ଓ କାଶ୍ମୀର ପୁଲିସର କାର୍ଯ୍ୟ ଦେଖିଛନ୍ତି ସେମାନେ ଆତଙ୍କବାଦୀମାନଙ୍କର ଭବିଷ୍ୟତ କ'ଣ ହେବ ତାହା ଜାଣିଛନ୍ତି। ନାସିର ମଦନି ସମ୍ପ୍ରତି ହୃଦଘାତରେ ପୀଡିତ ହୋଇ ଖବରର ଶିରୋନାମା ପାଲଟିଥିଲେ। ରିପୋର୍ଟ ଅନୁଯାୟୀ, ଜୁଲାଇ ମାସରେ ପାକିସ୍ତାନର ପଞ୍ଜାବ ପ୍ରଦେଶର ଜାହାନିୟାନ ସହରରେ ଏକ ଧାର୍ମିକ ଭାଷଣ ସମୟରେ ସେ ପଡ଼ିଯାଇଥିଲେ ଏବଂ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ପରେ ତାଙ୍କ ଅବସ୍ଥା ସ୍ଥିର ଥିବା ରିପୋର୍ଟ କରାଯାଇଥିଲା। ଏବେ, ଖବର ଆସିଛି ଯେ ସେ ଅଗଷ୍ଟ ୧୪ ତାରିଖରେ ବାହାୱାଲନଗରରେ ଲସ୍କର-ଇ-ତୋଏବାର ଏକ କାର୍ଯ୍ୟକ୍ରମରେ ମଞ୍ଚ ଉପରେ ଦେଖା ଦେଇଥିଲେ।

# ମୃତ୍ୟୁଦଣ୍ଡ କ୍ଷେତ୍ରରେ ଫାଶୀ ବଦଳରେ ଘାତକ ଇଞ୍ଜେକ୍ସନ ବ୍ୟବହାର କରାଯାଇପାରିବ କି?: ମନା କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ: ଭାରତରେ ଫାଶୀ ଦଣ୍ଡ ଦ୍ୱାରା ମୃତ୍ୟୁଦଣ୍ଡର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟ ବଜାୟ ରଖିଛନ୍ତି। ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ମୃତ୍ୟୁଦଣ୍ଡର ଏକ କମ୍ ଯନ୍ତ୍ରଣାଦାୟକ ବିକଳ୍ପ ପଦ୍ଧତି ପାଇଁ ଏକ ଆବେଦନକୁ ଖାରଜ କରି ଫାଶୀ ଦ୍ୱାରା ମୃତ୍ୟୁଦଣ୍ଡର ବିଦ୍ୟମାନ ଆଇନଗତ ବ୍ୟବସ୍ଥାକୁ ବଜାୟ ରଖିଛନ୍ତି। ଆବେଦନକୁ ଖାରଜ କରିବା ସମୟରେ, ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ସମ୍ଭାବନାକୁ ଖୋଲା ରଖିଛନ୍ତି ଯେ ଯଦି ଭବିଷ୍ୟତରେ, ଠୋସ୍ ଏବଂ ପ୍ରଭାବଶାଳୀ ଚିକିତ୍ସା କିମ୍ବା ବୈଜ୍ଞାନିକ ପ୍ରମାଣ ମିଳେ ଯେ, ଫାଶୀ ଅନାବଶ୍ୟକ ଯନ୍ତ୍ରଣାର କାରଣ ହୁଏ କିମ୍ବା ମାନବ ମର୍ଯ୍ୟାଦାର ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରେ, ତେବେ ଏହି ପ୍ରସଙ୍ଗକୁ ପୁଣି ଥରେ ଏହାର ସାମ୍ବିଧାନିକ ସମୀକ୍ଷା କରାଯାଇପାରିବ। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ କେନ୍ଦ୍ର ସରକାର ଚାହିଁଲେ, ମୃତ୍ୟୁଦଣ୍ଡର ବିକଳ୍ପ ପଦ୍ଧତିଗୁଡ଼ିକର ବ୍ୟାପକ ସମୀକ୍ଷା କରିବା ପାଇଁ ବିଶେଷଜ୍ଞଙ୍କ ଏକ କମିଟି ଗଠନ କରିପାରିବେ। ସୁପ୍ରିମକୋର୍ଟଙ୍କ ଅନୁଯାୟୀ, ବିଶେଷଜ୍ଞ କମିଟି ମୂଲ୍ୟାଙ୍କନ କରିପାରିବେ ଯେ କୌଣସି ବିକଳ୍ପ ପଦ୍ଧତି ଯନ୍ତ୍ରଣାକୁ କମ୍ କରିବା ଏବଂ ବ୍ୟକ୍ତିଙ୍କ ଗରିମା ରକ୍ଷା କରିବାର ସାମ୍ବିଧାନିକ ଉଦ୍ଦେଶ୍ୟକୁ ଭଲ ଭାବରେ ପୂରଣ କରିପାରିବ କି ନାହିଁ।

ଆବେଦନକାରୀ ଏହି ପ୍ରସଙ୍ଗ ସହିତ ଜଡିତ ସୁପ୍ରିମକୋର୍ଟଙ୍କର ପୂର୍ବରୁ ତିନି ରାୟକୁ ଏକ ବୃହତ ଖଣ୍ଡପୀଠକୁ ପଠାଇବାକୁ ମଧ୍ୟ ଆବେଦନ କରିଥିଲେ। ତେବେ ଖଣ୍ଡପୀଠ କହିଥିଲେ ଯେ ଏହି ରାୟଗୁଡ଼ିକୁ ଏକ ବୃହତ ଖଣ୍ଡପୀଠକୁ ପଠାଇବା ଦ୍ୱାରା ସମାଧାନ କରିବାର କୌଣସି ପର୍ଯ୍ୟାପ୍ତ ଆଧାର ନାହିଁ। ଖଣ୍ଡପୀଠ ପୁରୁଣା ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା ୩୫୪ ଏବଂ ବର୍ତ୍ତମାନର ଭାରତୀୟ ଦଣ୍ଡ ସଂହିତାର ଧାରା ୩୯୩ ପରିପ୍ରେକ୍ଷୀରେ ମଧ୍ୟ ଆବେଦନକୁ ବିଚାର କରିଥିଲେ। ଜାନୁଆରି ୨୨ ତାରିଖରେ ସୁପ୍ରିମକୋର୍ଟ ଏହାର ଶୁଣାଣି ସମାପ୍ତ କରି ରାୟ ସଂରକ୍ଷିତ ରଖିଥିଲେ। ଆଇନଜୀବୀ ରିଷି ମାଲହୋତ୍ରାଙ୍କ ଦ୍ୱାରା ଏହି ଆବେଦନ ଦାଖଲ କରାଯାଇଥିଲା। ସେ ଫାଶୀକୁ ଏକ ନିଷ୍ଠୁର ଏବଂ ଅମାନବୀୟ ମୃତ୍ୟୁଦଣ୍ଡ ପଦ୍ଧତି ବୋଲି ବର୍ଣ୍ଣନା କରିଥିଲେ। ଆବେଦନକାରୀ ଫାଶୀ ବଦଳରେ ଘାତକ ଇଞ୍ଜେକ୍ସନ ଦେବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଆଟର୍ଣ୍ଣି ଜେନେରାଲ କୋର୍ଟଙ୍କୁ ଜଣାଇଥିଲେ ଯେ ସରକାର ଏହି ପ୍ରସଙ୍ଗ ଉପରେ ବିଚାର କରିବା ପାଇଁ ଏକ କମିଟି ଗଠନ କରିଛନ୍ତି। ସୁପ୍ରିମକୋର୍ଟ ଆବେଦନକାରୀ ଏବଂ କେନ୍ଦ୍ର ସରକାରଙ୍କୁ ତିନି ସପ୍ତାହ ମଧ୍ୟରେ ସେମାନଙ୍କର ଲିଖିତ ଯୁକ୍ତି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ସୁପ୍ରିମକୋର୍ଟରେ ଦାୟର ହୋଇଥିବା ଏହି ଆବେଦନରେ ମୃତ୍ୟୁଦଣ୍ଡ ପ୍ରକ୍ରିୟାରେ ପରିବର୍ତ୍ତନ ପାଇଁ ଦାବି କରାଯାଇଥିଲା। ୧୫ ଅକ୍ଟୋବର ୨୦୨୫ରେ, ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏହାକୁ ପରିବର୍ତ୍ତନ କରିବାକୁ ଅନିଚ୍ଛୁକ ଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଶୁଣାଣି ସମୟରେ, ଦୋଷୀମାନଙ୍କୁ ଫାଶୀ କିମ୍ବା ଘାତକ ଇଞ୍ଜେକ୍ସନର ବିକଳ୍ପ ଦିଆଯାଇପାରିବ ବୋଲି ପରାମର୍ଶ ଦିଆଯାଇଥିଲା, କିନ୍ତୁ କେନ୍ଦ୍ର ସରକାର ତାଙ୍କ ସତ୍ୟପାଠରେ କହିଥିଲେ ଯେ ଏହା ବ୍ୟବହାରିକ ଭାବରେ ଅସମ୍ଭବ। କୋର୍ଟ ଏଥିରେ ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ କହିଥିଲେ ଯେ କେନ୍ଦ୍ର ସରକାର ସମୟ ସହିତ ବିକଶିତ ହେବାକୁ ଅନିଚ୍ଛୁକ ମନେ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ସୋନିଆ ମାଥୁର ଯୁକ୍ତି ଦେଇଥିଲେ ଯେ, ଏହି ମାମଲା ଏକ ନୀତିଗତ ନିଷ୍ପତ୍ତି ସହିତ ଜଡିତ। ବୁଧବାରର ଶୁଣାଣି ସମୟରେ, ବିଚାରପତି ସନ୍ଦୀପ ମେହେଟ୍ଟା ଏବଂ ବିକ୍ରମ ନାଥଙ୍କ ଖଣ୍ଡପୀଠ ମୌଖିକ ଭାବରେ ମନ୍ତବ୍ୟ ଦେଇଥିଲେ, ସମସ୍ୟା ହେଉଛି ଯେ ସରକାର ପରିବର୍ତ୍ତନ କରିବାକୁ ଇଚ୍ଛୁକ ନୁହନ୍ତି। ସେମାନେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଏହା ଏକ ପୁରୁଣା ପ୍ରକ୍ରିୟା ଏବଂ ସମୟ ସହିତ ସମାଜରେ ବହୁ ପରିବର୍ତ୍ତନ ହୋଇଛି। ଆବେଦନରେ ଫାଶୀ ଦେବାର ବିକଳ୍ପଗୁଡ଼ିକ ପରାମର୍ଶ ଦିଆଯାଇଛି, ଯେପରିକି ଘାତକ ଇଞ୍ଜେକ୍ସନ, ଗୁଳି, ବିଦ୍ୟୁତ ଆଘାତ, କିମ୍ବା ଗ୍ୟାସ୍ ଚାମ୍ବର, ଯାହା ଫଳରେ କିଛି ମିନିଟ୍ ମଧ୍ୟରେ ଦୋଷୀଙ୍କ ମୃତ୍ୟୁ ହୋଇପାରେ। ରିଷି ମାଲହୋତ୍ରାଙ୍କ ଦ୍ୱାରା ଦାୟର ଏହି ଜନସ୍ୱାର୍ଥ ମାମଲା ଫାଶୀକୁ ଅତ୍ୟନ୍ତ ଯନ୍ତ୍ରଣାଦାୟକ, ଅମାନବୀୟ ଏବଂ ନିଷ୍ଠୁର ବୋଲି ବର୍ଣ୍ଣନା କରାଯାଇଛି। ଆବେଦନକାରୀ ସିଆରପିସିର ଧାରା ୩୫୪(୫) ଅନୁଯାୟୀ ଫାଶୀ ମୃତ୍ୟୁଦଣ୍ଡକୁ ଅସାମ୍ବିଧାନିକ ଘୋଷଣା କରିବାକୁ ଏବଂ ସମ୍ବିଧାନର ଧାରା ୨୧ ଅନୁଯାୟୀ ମର୍ଯ୍ୟାଦାଜନକ ମୃତ୍ୟୁର ଅଧିକାରକୁ ମୌଳିକ ଅଧିକାର ଭାବରେ ସ୍ୱୀକୃତି ଦେବାକୁ ଦାବି କରିଛନ୍ତି। ଆବେଦନରେ ଏହା ମଧ୍ୟ କୁହାଯାଇଛି ଯେ ଫାଶୀ ଦେବା ପାଇଁ ମୃତ୍ୟୁଦଣ୍ଡ ଘୋଷଣା କରିବାକୁ ପ୍ରାୟ ୪୦ ମିନିଟ୍ ସମୟ ଲାଗେ, ଯେତେବେଳେ ଗୁଳି କିମ୍ବା ଘାତକ ଇଞ୍ଜେକ୍ସନ ଏହି ପ୍ରକ୍ରିୟାକୁ ପ୍ରାୟ ୫ ମିନିଟ୍ ମଧ୍ୟରେ ସମାପ୍ତ କରିଥାଏ। ମାଲହୋତ୍ରା ମିଳିତ ଜାତିସଂଘର ଏକ ପ୍ରସ୍ତାବ ମଧ୍ୟ ଉଦ୍ଧୃତ କରିଥିଲେ ଯାହା ଉଲ୍ଲେଖ କରିଥିଲା ଯେ ମୃତ୍ୟୁଦଣ୍ଡ ଅତି କମ୍ ଯନ୍ତ୍ରଣାଦାୟକ ହେବା ଉଚିତ୍।

## ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ୧୬ ଭାରତୀୟ ନାବିକ ମନା କଲେ




ନୂଆଦିଲ୍ଲୀ: ଯୁଦ୍ଧ ପରିସ୍ଥିତି ମଧ୍ୟରେ ବିପଜ୍ଜନକ ହୋଇପଡ଼ିଥିବା ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଇବାକୁ ୧୬ ଜଣ ଭାରତୀୟ ନାବିକ ମନା କରିଦେଇଛନ୍ତି। କମ୍ପାନି ପକ୍ଷରୁ ସେମାନଙ୍କୁ ଅଧିକ ବିପଦପୂର୍ଣ୍ଣ ଜଳପଥ ଦେଇ ଜାହାଜ ନେବାକୁ ଚାପ ଦିଆଯାଉଥିବା ଅଭିଯୋଗ କରି ସେମାନେ ଭାରତ ସରକାରଙ୍କୁ ଏସ୍‌ଓଏସ୍ ପଠାଇଛନ୍ତି। ନିଜ ଜୀବନକୁ ବିପଦରେ ପକାଇ ଯାତ୍ରା କରିବାକୁ ସେମାନେ ଚାହୁଁନଥିବା ଜଣାଇଛନ୍ତି। ହର୍ମୁଜ୍ ପ୍ରଣାଳୀ ଏବେ ଆମେରିକା-ଇରାନ ଯୁଦ୍ଧର ପ୍ରମୁଖ ବିପଦପୂର୍ଣ୍ଣ ଅଞ୍ଚଳ ହୋଇଛି। ଏହି ଜଳପଥ ଦେଇ ବିଶ୍ୱର ବିପୁଳ ପରିମାଣର ତୈଳ ଓ ଗ୍ୟାସ୍ ପରିବହନ ହୋଇଥାଏ। ଯୁଦ୍ଧ ଆରମ୍ଭ ପରଠାରୁ ଏଠାରେ ବାଣିଜ୍ୟିକ ଜାହାଜଗୁଡ଼ିକର ଯାତାୟାତ ବାଧାପ୍ରାପ୍ତ ହେବା ସହ ନାବିକଙ୍କ ସୁରକ୍ଷା ନେଇ ଗମ୍ଭୀର ଚିନ୍ତା ସୃଷ୍ଟି ହୋଇଛି। ଆକ୍ରମଣର ଆଶଙ୍କା ସହ ଜିପିଏସ୍ ସଙ୍କେତରେ ବାଧା ଓ ଜାହାଜର ଅବସ୍ଥାନ ଚିହ୍ନଟ କରିବାରେ ସମସ୍ୟା ମଧ୍ୟ ଦେଖାଦେଉଛି। ନାବିକମାନଙ୍କ ଅଭିଯୋଗ ଅନୁସାରେ, ସୁରକ୍ଷିତ ବିକଳ୍ପ ପଥ ଅପେକ୍ଷା ଶୀଘ୍ର ଗନ୍ତବ୍ୟରେ ପହଞ୍ଚିବା ପାଇଁ କମ୍ପାନି ହର୍ମୁଜ୍ ଦେଇ ଯିବାକୁ ଚାପ ପକାଉଛି। ଏଭଳି ପରିସ୍ଥିତିରେ ଯାତ୍ରା କରିବା ନିଜ ଜୀବନକୁ ବିପଦରେ ପକାଇବା ସହ ସମାନ ବୋଲି ସେମାନେ କହିଛନ୍ତି। ନାବିକମାନେ ନିଜ ସୁରକ୍ଷା ନେଇ ଚିନ୍ତା ପ୍ରକାଶ କରି ସରକାରଙ୍କ ତୁରନ୍ତ ହସ୍ତକ୍ଷେପ ଲୋଡ଼ିଛନ୍ତି। ଆନ୍ତର୍ଜାତିକ ନିୟମ ଅନୁସାରେ ଅତ୍ୟଧିକ ବିପଦପୂର୍ଣ୍ଣ ଅଞ୍ଚଳରେ ଜାହାଜ ଚଳାଇବାକୁ ନାବିକଙ୍କୁ ବାଧ୍ୟ କରାଯାଇପାରିବ ନାହିଁ। ତେବେ ଚାକିରି ହରାଇବା କିମ୍ବା ଭବିଷ୍ୟତରେ କାମ ନ ମିଳିବାର ଭୟରେ ଅନେକ ନାବିକ ଏଭଳି ଅଧିକାର ପ୍ରୟୋଗ କରିପାରୁନାହାନ୍ତି। ବର୍ତ୍ତମାନ ୧୬ ଭାରତୀୟ ନାବିକଙ୍କ ଏହି ଏସ୍‌ଓଏସ୍ ସେମାନଙ୍କ ସୁରକ୍ଷା ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି। ସେମାନଙ୍କ ଦାବି ଉପରେ ସରକାର କି ପଦକ୍ଷେପ ନେଉଛନ୍ତି, ତାହା ଉପରେ ଏବେ ନଜର ରହିଛି।

## ଇମ୍ରାନ ଖାନଙ୍କୁ ଜେଲ୍‌ରୁ ମୁକ୍ତ କରାଯିବ: ହସ୍ପିଟାଲ ନେବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ


ଇସଲାମାବାଦ: ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ଖବର ଆସିଛି। ପାକିସ୍ତାନର ସୁପ୍ରିମକୋର୍ଟ ଜେଲ୍‌ରେ ଥିବା ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ଦଳ ପାକିସ୍ତାନ ତେହେରିକ୍-ଏ-ଇନସାଫ (ପିଟିଆଇ) ଏବଂ ତାଙ୍କ ପରିବାରର ଦୀର୍ଘ ଦିନର ଦାବିର ଜବାବରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଆଡିଆଲା ଜେଲରୁ ଇମ୍ରାନଙ୍କ ସାମ୍ପ୍ରତିକ ଡାକ୍ତରୀ ରିପୋର୍ଟକୁ ନେଇ ଦଳ ଏବଂ ପରିବାର ଚିନ୍ତା ପ୍ରକାଶ କରିଥିଲେ । ପିଟିଆଇ ମୁଖପାତ୍ର ନଇମ ହାଇଦର ପଞ୍ଜୁଥାଙ୍କ ଅନୁଯାୟୀ, ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଇମ୍ରାନ ଖାନଙ୍କୁ ୪୮ ଘଣ୍ଟା ମଧ୍ୟରେ ଶିଫା ଇଣ୍ଟରନ୍ୟାସନାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯିବ ଏବଂ ୧୬ ସେପ୍ଟେମ୍ବର ପର୍ଯ୍ୟନ୍ତ ସେ ସେଠାରେ ରହିବ। କୋର୍ଟ ଇମ୍ରାନ ଖାନ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ସାପ୍ତାହିକ ବୈଠକ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଆଦେଶରେ କୁହାଯାଇଛି ଯେ ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ମୂଲ୍ୟାଙ୍କନ ପାଇଁ ଏକ ମେଡିକାଲ ବୋର୍ଡ ଗଠନ କରାଯିବ, ଯେଉଁଥିରେ ଇମ୍ରାନଙ୍କ ବ୍ୟକ୍ତିଗତ ଡାକ୍ତର ଏବଂ ତାଙ୍କ ଭଉଣୀ ଡାକ୍ତର ଉଜମା ଖାନ ରହିବେ।କୋର୍ଟ ଇମ୍ରାନ ଖାନଙ୍କ



ଆଇନଜୀବୀ ଏବଂ ତାଙ୍କ ପରିବାରକୁ ମେଡିକାଲ ରିପୋର୍ଟ ଗଣମାଧ୍ୟମ ସହିତ ସେୟାର ନକରିବାକୁ କିମ୍ବା ଏହି ପ୍ରସଙ୍ଗକୁ ରାଜନୀତିକରଣ ନକରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। କ୍ରିକେଟରରୁ ରାଜନେତା ହୋଇଥିବା ୭୩ ବର୍ଷୀୟ ଇମ୍ରାନ ଖାନ ଅଗଷ୍ଟ ୨୦୨୩ ରୁ ଜେଲରେ ଅଛନ୍ତି। ତାଙ୍କୁ ଅନେକ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି, କିନ୍ତୁ ସେ ଦାବି କରିଛନ୍ତି ଯେ ୨୦୨୨ ରେ ତାଙ୍କୁ କ୍ଷମତାରୁ ହଟାଇବା ପରେ ରାଜନୈତିକ କାରଣରୁ ଏହି ମାମଲାଗୁଡ଼ିକ ଦାୟର କରାଯାଇଥିଲା। ଗତ ବର୍ଷଠାରୁ, ଇମ୍ରାନ ଖାନଙ୍କ ପୁଅ ତାଙ୍କ ଅବନତିଶୀଳ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବାରମ୍ବାର ଚିନ୍ତା ପ୍ରକାଶ କରିଛନ୍ତି। ତାଙ୍କ ଆଇନଜୀବୀ କହିଛନ୍ତି ଯେ, ଜେଲରେ ଥିବା ସମୟରେ ତାଙ୍କ ଡାହାଣ ଆଖି ଖରାପ ହୋଇଯାଇଥିଲା। ପୂର୍ବତନ ପାକିସ୍ତାନ ରାଷ୍ଟ୍ରପତି ଆରିଫ ଆଲଭିଙ୍କ ସମେତ ଅନ୍ୟମାନେ ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ, ଆଲଭି କହିଛନ୍ତି, ସେ ଇମ୍ରାନଙ୍କ ମେଡିକାଲ୍ ରିପୋର୍ଟ ଦେଖିଛନ୍ତି। ସେଗୁଡ଼ିକ ବେଶ୍ ଚିନ୍ତାଜନକ ରହିଛି।ସେ ଲେଖିଛନ୍ତି, ମୁଁ ଏହି ରିପୋର୍ଟଗୁଡ଼ିକୁ ଅନେକ ବିଶେଷଜ୍ଞଙ୍କ ସହିତ ସମୀକ୍ଷା କରିଛି ଏବଂ ଏହାକୁ ସରଳ ଭାଷାରେ ଲେଖୁଛି ଯାହା ଦ୍ୱାରା ପ୍ରତ୍ୟେକ ପାକିସ୍ତାନୀବୁଝିପାରିବେ ଯେ କ'ଣ ଘଟୁଛି। ସେ ଆହୁରି କହିଛନ୍ତି ଯେ ସେ ଇମ୍ରାନ ଖାନଙ୍କ ଚିନ୍ତା, ଦ୍ରୁତ ହୃଦସ୍ପନ୍ଦନ ଏବଂ ଉଚ୍ଚ ରକ୍ତଚାପ ବିଷୟରେ ସବୁଠାରୁ ଅଧିକ ଚିନ୍ତିତ। ସେ କହିଛନ୍ତି ଯେ ରିପୋର୍ଟରେ ଅନିଦ୍ରା ବିଷୟରେ ଉଲ୍ଲେଖ କରାଯାଇ ନାହିଁ, କିନ୍ତୁ ତାଙ୍କୁ ଦିଆଯାଉଥିବା ଔଷଧ ଏହା ସୂଚିତ କରୁଛି। ସେ କହିଛନ୍ତି, ମୁଁ ଇମ୍ରାନ ଖାନଙ୍କୁ ୩୫ ବର୍ଷରୁ ଅଧିକ ସମୟ ଧରି ଜାଣିଛି। ଚାପ କେବେ ତାଙ୍କର ଦୁର୍ବଳତା ହୋଇନାହିଁ। ବର୍ତ୍ତମାନ ତାଙ୍କର ଚାପ ଶୀର୍ଷରେ ପହଞ୍ଚିବାର କାରଣ ପଛରେ ତିନି ବର୍ଷର ଜେଲ୍ ଏବଂ ସମ୍ପୂର୍ଣ୍ଣ ଏକୁଟିଆ ରହିଥିବାର ପ୍ରଭାବକୁ ଦର୍ଶାଉଛି।

## ଦାନ ଚୋରି ମାମଲାରେ ରାମ ମନ୍ଦିରର ପୂର୍ବତନ ଶୀର୍ଷ ଅଧିକାରୀ ଚମ୍ପତ ରାୟ ଏବଂ ଅନିଲ ମିଶ୍ରଙ୍କୁ କ୍ଲିନ୍ ଚିଟ୍

ଲକ୍ଷ୍ନୌ:ଅଯୋଧ୍ୟାର ରାମ ମନ୍ଦିରରେ ଦାନ ଚୋରି ଅଭିଯୋଗର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତ ଦଳ(ଏସଆଇଟି) ଟ୍ରଷ୍ଟର ପୂର୍ବତନ ମହାସଚିବ ଚମ୍ପତ ରାୟଙ୍କୁ କ୍ଲିନ୍ ଚିଟ୍ ଦେଇଛି। ଏସଆଇଟି ଟ୍ରଷ୍ଟର ପୂର୍ବତନ ସଦସ୍ୟ ଅନିଲ ମିଶ୍ରଙ୍କ ନାମକୁ ରିପୋର୍ଟରେ ରଖାଯାଇ ନାହିଁ। ଦାନ ଚୋରି ଅଭିଯୋଗ ଆସିବା ପରେ ଚମ୍ପତ ଏବଂ ଅନିଲ ଉଭୟ ଅଯୋଧ୍ୟା ରାମ ମନ୍ଦିର ପରିଚାଳନା ଟ୍ରଷ୍ଟରୁ ଜୁନ୍ ୨୭ ତାରିଖରେ ଇସ୍ତଫା ଦେଇଥିଲେ। ଉତ୍ତର ପ୍ରଦେଶ ଗୃହ ବିଭାଗ ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲାରେ ସ୍ୱତନ୍ତ୍ର ତଦନ୍ତ ଦଳର ଚୂଡ଼ାନ୍ତ ରିପୋର୍ଟ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ହସ୍ତାନ୍ତର କରିଛି।ସୂତ୍ର ଅନୁଯାୟୀ, ପଚରାଉଚରା ସମୟରେ ଚମ୍ପତ ରାୟ ମନ୍ଦିରରେ ଦାନ ଚୋରିରେ କୌଣସି ଭୂମିକାକୁ ଅସ୍ୱୀକାର କରିଥିଲେ ଏବଂ କହିଥିଲେ ଯେ ତାଙ୍କ ଅଭିଯୋଗ ଆଧାରରେ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ଗିରଫ କରାଯାଇଥିଲା। ସୂତ୍ର ଅନୁଯାୟୀ, ଚମ୍ପତ ପୁଲିସକୁ ଏହା ମଧ୍ୟ କହିଥିଲେ ଯେ ଦାନ ସଂଗ୍ରହରେ କୌଣସି ଅନିୟମିତତା ନହେବା ନିଶ୍ଚିତ କରିବା ତାଙ୍କର ଦାୟିତ୍ୱ ଏବଂ ଭୁଲ୍ ବିଷୟରେ ଜାଣିବା ମାତ୍ରେ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।




ସୁପ୍ରିମକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିବା ପୂର୍ବରୁ, ଟ୍ରଷ୍ଟର ଅନୁରୋଧରେ ରାଜ୍ୟ ସରକାର ଜୁନ୍ ୧୩ ତାରିଖରେ ଲକ୍ଷ୍ନୌ ଡିଭିଜନାଲ କମିସନର ବିଜୟ ବିଶ୍ୱାସ ପନ୍ତଙ୍କ ନେତୃତ୍ୱରେ ତିନି ସଦସ୍ୟ ବିଶିଷ୍ଟ ଏସଆଇଟି ଗଠନ କରିଥିଲେ। ଏହାର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ରେଞ୍ଜ ଇନ୍ସପେକ୍ଟର ଜେନେରାଲ କିରଣ ଏସ୍ ଏବଂ ସ୍ୱତନ୍ତ୍ର ସଚିବ (ଅର୍ଥ) ନୀଳ ରତନ କୁମାର ଅଛନ୍ତି। ପ୍ୟାନେଲ ଜୁନ୍ ୨୩ ତାରିଖରେ ରାଜ୍ୟ ସରକାରଙ୍କୁ ତାଙ୍କର ପ୍ରାରମ୍ଭିକ ରିପୋର୍ଟ ପ୍ରଦାନ କରିଥିଲା, ଯେଉଁଥିରେ ଅନେକ କଠୋର ସୁପାରିଶ କରାଯାଇଥିଲା। ପ୍ରାରମ୍ଭିକ ରିପୋର୍ଟ ଆଧାରରେ, ଟ୍ରଷ୍ଟ ସଦସ୍ୟ କୃଷ୍ଣମୋହନ ଶ୍ରୀରାମ ଜନ୍ମଭୂମି ପୁଲିସ ଷ୍ଟେସନରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ, ଯାହା ପରେ ଜୁନ୍ ୨୫ ତାରିଖରେ ଏହି ମାମଲାରେ ଏକ ଏଫଆଇଆର ରୁଜୁ ହୋଇଥିଲା। ଏଫଆଇଆରରେ ଆଠ ଜଣଙ୍କ ନାମ ରହିଛି। ସେମାନେ ହେଉଛନ୍ତି ଅଭିନାଶ ଶୁକ୍ଲା, ଅନୁକଳ୍ପ ମିଶ୍ର, ଲାଭକୁଶ ମିଶ୍ର, ମନୀଷ କୁମାର ଯାଦବ, କରୁଣେଶ ପାଣ୍ଡେ, ରାମଶଙ୍କର ମିଶ୍ର, ସୁଭାଷ ଶ୍ରୀବାସ୍ତବ ଏବଂ ରାମ ଶଙ୍କର ଯାଦବ ଓରଫ ଟିନୁ ଏବଂ ଅନ୍ୟ ଅଜଣା ବ୍ୟକ୍ତିଙ୍କୁ ଅଭିଯୁକ୍ତ ଭାବରେ ଦର୍ଶାଯାଇଛି। ସମସ୍ତଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା ଏବଂ ଦୁର୍ନୀତି ନିବାରଣ ଆଇନର ଧାରା ୧୩(୧)(କ) ଅନୁଯାୟୀ ଗିରଫ କରାଯାଇ ମାମଲା ରୁଜୁ କରାଯାଇଛି। ପ୍ରାଥମିକ ରିପୋର୍ଟ ଏହି ମାମଲାରେ ପରବର୍ତ୍ତୀ ଏଫଆଇଆର ଏବଂ ଗିରଫଦାରୀ-ସମ୍ବନ୍ଧୀୟ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଆଧାର ଗଠନ କରିଥିଲା।

# ଗାଲେ ଟେଷ୍ଟରେ ବିଜୟ ବାସ୍ନା





## ଦ୍ୱିତୀୟ ଇନିଂସରେ ଭାରତ ୧୯୩ ରନ୍

## ପନ୍ତ ଓ ପଡିକଲଙ୍କୁ ଛାଡ଼ି ସମସ୍ତେ ବିଫଳ

## ଶ୍ରୀଲଙ୍କାକୁ ଟାର୍ଗେଟ ୩୭୨, ଦଳ ୮୪/୪

**ଗାଲେ,୧୮।୮(ଏଜେନ୍ସି):** ବର୍ଷା ଟେଷ୍ଟ ମ୍ୟାଚର ପ୍ରଥମ ୩ ଦିନକୁ ପ୍ରଭାବିତ କରିଥିଲା। ଖରାପ ଆଲୁଅ ଯୋଗୁ କ୍ରମାଗତ ୪ର୍ଥ ଦିନ ପାଇଁ ଧାର୍ଯ୍ୟ ସମୟ ପୂର୍ବରୁ ଖେଳ ଶେଷ ହେଲା। ତଥାପି ଏହି ପ୍ରତିକୂଳ ପରିସ୍ଥିତିରେ ମଧ ଭାରତକୁ ମିଳିଛି ବିଜୟ ବାସ୍ନା। ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ ବିଜୟ ହାସଲ କରିବା ପାଇଁ ଭାରତକୁ ଶେଷ ଦିନରେ ଦରକାର ୬ଟି ୱିକେଟ। ଶ୍ରୀଲଙ୍କା ମଧ ବିଜୟ ଠାରୁ ୨୮୮ ରନ ଦୂରରେ ରହିଛି।

ପ୍ରଥମ ଇନିଂସରେ ୧୭୮ ରନର ଲିଡ୍ ପାଇଥିବା ଭାରତ ୪ର୍ଥ ଦିନରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଋଷଭ ପନ୍ତଙ୍କ ୬୬ (୬୯ ବଲ୍, ୮ ଚୌକା, ୨ ଛକା) ଓ ଦେବଦତ୍ତ ପାଡିକ୍କଲ ୪୪ ଓ କେଏଲ୍ ରାହୁଲ ୩୫ ରନକୁ ଛାଡି ଦେଲେ ଶ୍ରୀଲଙ୍କା ବୋଲରଙ୍କ ସାମ୍ନା ଆଉ କୌଣସି ବ୍ୟାଟର କରି ପାରି ନଥିଲେ। ସେହିପରି ଯଶସ୍ୱୀ ଜୟସ୍ୱାଲ୍ ଖାତା ଖୋଲିପାରିନଥିବାବେଳେ ଶୁବମନ ଗିଲ୍ ୮ ରନ୍, ଧ୍ରୁବ ଜୁରେଲ୍ ୭ ରନ୍, ରବିନ୍ଦ୍ର ଜାଡେଜା ୯ ରନ୍, କୁଲଦୀପ ଯାଦବ ୫ ରନ୍, ମାନବ ସୁଥର ୯ ରନ୍, ପ୍ରସିଦ୍ଧ କ୍ରିଷ୍ଣା ୨ ରନ୍ କରିଥିଲେ।

ଶେଷରେ ଭାରତୀୟ ଟିମ ଦ୍ୱିତୀୟ ଇନିଂସରେ ୪୮.୫ ଓଭର ବ୍ୟାଟିଂ କରି ୧୯୩ ରନରେ ଅଲଆଉଟ ହୋଇ ଯାଇଥିଲା। ଫଳରେ ଶ୍ରୀଲଙ୍କାକୁ ମ୍ୟାଚ୍ ଜିତିବା ପାଇଁ ମିଳିଛି ୩୭୨ ରନ।

ଏହି ଟାର୍ଗେଟକୁ ପିଛା କରୁଥିବା ଶ୍ରୀଲଙ୍କା ମଧ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ନିଶାନ ମଦୁଶଙ୍କା ମାତ୍ର ୬ ରନ କରି ପୁଣି ମହମ୍ମଦ ସିରାଜଙ୍କ ବଲରେ ଆଉଟ ହୋଇଛନ୍ତି। ଲାହିରୁ ଉଦ୍ରାସ(୧୬)ଙ୍କ ଶିକାର ମାନବ ସୂତାର କରିଛନ୍ତି।ଦୀନେଶ ଚାଣ୍ଡିମାଲଙ୍କ କଙ୍କସନ ସବଷ୍ଟିଚ୍ୟୁଟରେ ଆସିଥିବା ପାସିନ୍ଦୁ ସୂର୍ଯ୍ୟବନ୍ଦାରା ସମସ୍ତଙ୍କୁ ନିରାଶ କରିଛନ୍ତି। ପାସିନ୍ଦୁ କୌଣସି ଟେଷ୍ଟ ମ୍ୟାଚ୍ର ୪ର୍ଥ ଦିନରେ ଡେବ୍ୟୁ କରିବାର ବିରଳ ରେକର୍ଡର ଅଧିକାରୀ ହୋଇଥିଲେ। ତେବେ ସେ ଖାତା ଖୋଲି ପାରିନାହାନ୍ତି। ନିଜ ଟେଷ୍ଟ କ୍ୟାରିୟରର ପ୍ରଥମ ବଲରେ ସେ ମାନବ ସୂତାରଙ୍କ ବଲରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଛନ୍ତି। ଅଭିଜ୍ଞ କାମିନ୍ଦୁ ମେଣ୍ଡିସ ମଧ୍ୟ କେବଳ ୨ ରନ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଲରେ ଆଉଟ ହୋଇଛନ୍ତି। ଶ୍ରୀଲଙ୍କା ୪୭ ରନରେ ୪ ୱିକେଟ ହରାଇ ସଂଘର୍ଷ କରୁଥିବା ବେଳେ ପୁଣିଥରେ ନିଜର ଦମ ଦେଖାଇଛନ୍ତି ସୋନାଲ ଦିନୁଶା। ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଦିନୁଶା ଦ୍ୱିତୀୟ ଇନିଂସରେ ଭାରତୀୟ ବୋଲରଙ୍କ କଡା ମୁକାବିଲା କରିଛନ୍ତି। ତାଙ୍କ ସହ କ୍ରିଜରେ ରହିଛନ୍ତି ଅଧିନାୟକ ଧନଞ୍ଜୟ ଡିସିଲଭା।ଉଭୟ ଦଳୀୟ ସ୍କରକୁ ୪୭ରୁ ନେଇ ୮୪ ରନରେ ପହଞ୍ଚାଇ ଦେଇଛନ୍ତି। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସରେ ୩୪ ଓଭର ବ୍ୟାଟିଂ କରିଥିବା ବେଳେ ଖରାପ ଆଲୁଅ ଯୋଗୁ ଦିବସର ଖେଳକୁ ଆଗୁଆ ବନ୍ଦ କରାଯାଇଛି। ଷ୍ଟମ୍ପ ଅପସାରଣ ବେଳେ ଡିସିଲଭା ୩୧ ରନ ଓ ଦିନୁଶା ୨୫ ରନ କରି ଅପରାଜିତ ରହିଛନ୍ତି। ଆସନ୍ତାକାଲି ହେଉଛି ଗଲ୍ ଟେଷ୍ଟର ଶେଷ ଦିନ। ଶେଷ ଦିନରେ ଭାରତକୁ ଦରକାର ୬ ୱିକେଟ ଦରକାର ଥିବା ବେଳେ ଶ୍ରୀଲଙ୍କା ବିଜୟ ଠାରୁ ୨୮୮ ରନ ପଛରେ ରହିଛି।ଆସନ୍ତାକାଲି ଯଦି ବର୍ଷା ନ ହେବ, ତା'ହେଲେ ମ୍ୟାଚର ରେଜଲ୍ଟ ଭାରତ ସପକ୍ଷରେ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ପିଚ୍ ଧୀରେଧୀରେ ଭାରତୀୟ ସ୍ପିନରଙ୍କୁ ସୁହାଇବା ଆରମ୍ଭ କରିଛି।

## ଅଧାରୁ ପଡିଆ ଛାଡିଲେ ଚାଣ୍ଡିମାଲ

ନୂଆଦିଲ୍ଲୀ,୧୮।୮: ଭାରତ ବିପକ୍ଷ ପ୍ରଥମ ଟେଷ୍ଟର ୪ର୍ଥ ଦିନରେ ଶ୍ରୀଲଙ୍କା ଟିମକୁ ଲାଗିଛି ବଡ ଝଟକା। ଫିଲ୍ଡିଂ କରିବା ବେଳେ ଆହତ ହୋଇ ମ୍ୟାଚ୍ ଅଧାରୁ ପଡିଆ ଛାଡିବାକୁ ବାଧ ହୋଇଛନ୍ତି ଅଭିଜ୍ଞ ଦୀନେଶ ଚାଣ୍ଡିମାଲ। ତାଙ୍କ ବେକ ଓ ଡାହାଣ ହାତରେ ଗଭୀର ଆଘାତ ଲାଗିଥିବାରୁ କଙ୍କସନ ସବଷ୍ଟିଚ୍ୟୁଟର ବିକଳ୍ପ ବ୍ୟବହାର କରିଛି ଶ୍ରୀଲଙ୍କା। ଚାଣ୍ଡିମାନ ଖେଳିବା ପାଇଁ ଅନଫିଟ ରହିଥିବାରୁ ତାଙ୍କ ସ୍ଥାନରେ ଶ୍ରୀଲଙ୍କା ପାସିନ୍ଦୁ ସୂର୍ଯ୍ୟବନ୍ଦାରାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିଛି। ପାସିନ୍ଦୁ କୌଣସି ଟେଷ୍ଟ ମ୍ୟାଚ୍ର ୪ର୍ଥ ଦିନରେ ଡେବ୍ୟୁ କରିବାର ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ତେବେ ଡେବ୍ୟୁ ମ୍ୟାଚ୍ରେ ସେ ସମସ୍ତଙ୍କୁ ନିରାଶ କରିଛନ୍ତି। ଶ୍ରୀଲଙ୍କାର ଦ୍ୱିତୀୟ ଇନିଂସରେ ତାଙ୍କୁ ବ୍ୟାଟିଂ କରିବାର ସୁଯୋଗ ମିଳିଥିଲେ ହେଁ ସେ ଖାତା ଖୋଲି ପାରିନାହାନ୍ତି। ନିଜ ଟେଷ୍ଟ କ୍ୟାରିୟରର ପ୍ରଥମ ବଲରେ ସେ ମାନବ ସୂତାରଙ୍କ ବଲରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଛନ୍ତି। ଏପଟେ ୪ର୍ଥ ଦିନରେ ଭାରତର ବ୍ୟାଟିଂ ବେଳେ ଆହତ ହୋଇଥିବା ଚାଣ୍ଡିମାଲଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଶ୍ରୀଲଙ୍କା ଟିମ ମ୍ୟାନେଜମେଣ୍ଟ ନଜର ରଖିଛି। ଆଜି ଭାରତୀୟ ଇନିଂସର ୪ର୍ଥ ଓଭରରେ ଚାଣ୍ଡିମାଲ ଫିଲ୍ଡିଂ କରୁଥିବା ବେଳେ ଆହତ ହୋଇଥିଲେ। ଗୋଟିଏ ବାଉଣ୍ଡରୀକୁ ଅଟକାଇବା ବେଳେ ତାଙ୍କ ଡାହାଣ କାନ୍ଧ ଓ ବେକରେ ଆଘାତ ଲାଗିଥିଲା।

# ଦ୍ରୁତ ୧୦୦ ଛକା ମାରିଲେ ପନ୍ତ

ନୂଆଦିଲ୍ଲୀ,୧୮।୦୮; ଇତିହାସ ରଚିଲେ ପନ୍ତ । ଦ୍ରୁତ ୧୦୦ ଟେଷ୍ଟ ଛକା ମାରି କଲେ ରେକର୍ଡ । ୮୯ ଇନିଂସରେ ୧୦୦ ଛକା ମାରି ବିଶ୍ୱ ରେକର୍ଡ କରିଛନ୍ତି ପାୱାରଫୁଲ ପନ୍ତ । ଭାରତ ବନାମ ଶ୍ରୀଲଙ୍କା ମାଧରେ ଗାଲେ ଗ୍ରାଉଣ୍ଡରେ ଖେଳାଯାଉଥିବା ଟେଷ୍ଟରେ ୨ଟି ରେକର୍ଡ କରିଛନ୍ତି ପନ୍ତ । ପ୍ରଥମତଃ ୧୦୦ ଛକା ମାରିବାରେ ପ୍ରଥମ ଭାରତୀୟ ହୋଇଛନ୍ତି ପନ୍ତ । ଦ୍ୱିତୀୟରେ, ଟେଷ୍ଟ କ୍ରିକେଟରେ ଦ୍ରୁତତମ ୧୦୦ ଛକା ମାରିବା ରେକର୍ଡ ନିଜ ନାମରେ କରିଛନ୍ତି ।



ଋଷଭ ପନ୍ତ ଟେଷ୍ଟରେ ଦ୍ରୁତତମ ୧୦୦ ଛକା ମାରିବାର ବିଶ୍ୱ ରେକର୍ଡ କରିଛନ୍ତି । ସେ ମାତ୍ର ୮୯ ଇନିଂସ ଖେଳି ୧୦୦ ଛକା ମାରିଥିଲେ ଏବଂ ୪୯୧୮ ବଲର ସାମ୍ନା କରିଛନ୍ତି । ଟେଷ୍ଟରେ ଦ୍ରୁତତମ ୧୦୦ ଛକା ମାରିବା ମାମଲାରେ ପନ୍ତ ଆଡାମ ଗିଲକ୍ରିଷ୍ଟଙ୍କ ରେକର୍ଡ ଭାଙ୍ଗିଛନ୍ତି । ଗିଲିକ୍ରିଷ୍ଟ ଟେଷ୍ଟ କ୍ରିକେଟରେ ୧୩୨ ଇନିଂସରେ ୧୦୦ ଟି ଛକା ଏବଂ ୬୫୬୮ ବଲରେ ମାରିଥିଲେ । ଟେଷ୍ଟ କ୍ରିକେଟରେ ୧୦୦ ଛକା ମାରିବାରେ ଋଷଭ ପନ୍ତ ପ୍ରଥମ ଭାରତୀୟ ହୋଇଛନ୍ତି। ବୀରେନ୍ଦ୍ର ସେହ୍ୱାଗ ପ୍ରଥମ ଭାରତୀୟ ଭାବେ ଟେଷ୍ଟରେ ୯୧ ଛକା ମାରିଥିଲେ। ଋଷଭ ପନ୍ତ ଗାଲେ ଟେଷ୍ଟର ଦ୍ୱିତୀୟ ଇନିଂସରେ ଛକା ମାରି ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ । ଯେଉଁ ଛକାରେ ସେ ଅର୍ଦ୍ଧଶତକ ହାସଲ କରିଥିଲେ, ତାହା ତାଙ୍କ ଟେଷ୍ଟ କ୍ୟାରିୟରର ୧୦୦ତମ ଛକା ଥିଲା ।

ଋଷଭ ପନ୍ତ ଟେଷ୍ଟରେ ଦ୍ରୁତତମ ୧୦୦ ଛକା ମାରିବାର ବିଶ୍ୱ ରେକର୍ଡ କରିଛନ୍ତି । ସେ ମାତ୍ର ୮୯ ଇନିଂସ ଖେଳି ୧୦୦ ଛକା ମାରିଥିଲେ ଏବଂ ୪୯୧୮ ବଲର ସାମ୍ନା କରିଛନ୍ତି । ଟେଷ୍ଟରେ ଦ୍ରୁତତମ ୧୦୦ ଛକା ମାରିବା ମାମଲାରେ ପନ୍ତ ଆଡାମ ଗିଲକ୍ରିଷ୍ଟଙ୍କ ରେକର୍ଡ ଭାଙ୍ଗିଛନ୍ତି । ଗିଲିକ୍ରିଷ୍ଟ ଟେଷ୍ଟ କ୍ରିକେଟରେ ୧୩୨ ଇନିଂସରେ ୧୦୦ ଟି ଛକା ଏବଂ ୬୫୬୮ ବଲରେ ମାରିଥିଲେ । ଟେଷ୍ଟ କ୍ରିକେଟରେ ୧୦୦ ଛକା ମାରିବାରେ ଋଷଭ ପନ୍ତ ପ୍ରଥମ ଭାରତୀୟ ହୋଇଛନ୍ତି। ବୀରେନ୍ଦ୍ର ସେହ୍ୱାଗ ପ୍ରଥମ ଭାରତୀୟ ଭାବେ ଟେଷ୍ଟରେ ୯୧ ଛକା ମାରିଥିଲେ। ଋଷଭ ପନ୍ତ ଗାଲେ ଟେଷ୍ଟର ଦ୍ୱିତୀୟ ଇନିଂସରେ ଛକା ମାରି ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ । ଯେଉଁ ଛକାରେ ସେ ଅର୍ଦ୍ଧଶତକ ହାସଲ କରିଥିଲେ, ତାହା ତାଙ୍କ ଟେଷ୍ଟ କ୍ୟାରିୟରର ୧୦୦ତମ ଛକା ଥିଲା ।ଭାରତ ବନାମ ଶ୍ରୀଲଙ୍କା ଗାଲେ ଟେଷ୍ଟ କଥା କହିବାକୁ ଗଲେ ଭାରତ ପ୍ରଥମେ ବ୍ୟାଟିଂ କରି ୪୬୨ ରନ୍ କରି ଅଲଆଉଟ୍ ହୋଇଥିଲା । ଦେବଦତ୍ତ ପାଡିକ୍କଲ ୧୬୭ ରନର ଇନିଂସ ଖେଳିଥିଲେ । ଋଷଵ ପନ୍ତ ୬୨ ବଲରେ ୩୯ ରନ୍ କରିଥିଲେ । ଯେଉଁଥିରେ ୧ ଛକା ଏବଂ ୪ଟି ଚୌକା ସାମିଲ ଥିଲା । ଭୁଲ ସଟ ଖେଳିବାକୁ ଯାଇ କେଶବ ନିୱାନ୍ଥାଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ । ଦ୍ୱିତୀୟ ଇନିଂସରେ ଭଲ ଇନିଂସ ଖେଳିଛନ୍ତି ପନ୍ତ । ୬୯ ବଲରେ ୬୪ରନ୍ ଇନିଂସ ଖେଳିଛନ୍ତି । ଯେଉଁଥିରେ ୮ଟି ଚୌକା ଏବଂ ୨ଟି ଛକା ସାମିଲ । ଏହା ସହିତ ୨୦ ତମ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଛନ୍ତି ପନ୍ତ । ଭାରତ ଦ୍ୱିତୀୟ ଇନିଂସରେ ୧୯୩ ରନରେ ଅଲଆଉଟ୍ ହୋଇଛି ।

## ମହିଳା ହକି ବିଶ୍ୱକପ୍

# ୬-୧ରେ ଭାରତର ଏକତରଫା ବିଜୟ

ନୂଆଦିଲ୍ଲୀ,୧୮।୮: ବେଲଜିୟମରେ ଚାଲିଥିବା ମହିଳା ବିଶ୍ୱକପରେ ଭାରତୀୟ ଟିମର ଏକତରଫା ବିଜୟ। ସଲିମା ଟେଟେଙ୍କ ଭାରତୀୟ ଟିମ ପାଇଁ କମାଲ କରିଛନ୍ତି ଓଡିଆ ଝିଅ ସୁନେଲିତା ଟପ୍ପୋ।

ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ରେ ସୁନେଲିତା ଆରମ୍ଭ କରିଥିଲେ ଗୋଲ। ଆଉ ଭାରତୀୟ ମହିଳା ଟିମ ଗୋଲ ବର୍ଷା କରି ଦକ୍ଷିଣ ଆଫ୍ରିକାକୁ ୬-୧ରେ ହରାଇ ଦେଇଛି। ଭାରତୀୟ ମହିଳା ଖେଳାଳିଙ୍କ ଆଗରେ ଦକ୍ଷିଣ ଆଫ୍ରିକା ଶେଷ କ୍ୱାର୍ଟରକୁ ଛାଡି ଦେଲେ ଆଉ କୌଣସି ସମୟରେ ମଧ୍ୟ ଆଦୌ ତିଷ୍ଠି ପାରି ନଥିଲା।

ବିଶ୍ୱକପର ପ୍ରଥମ ମ୍ୟାଚ୍ରେ ଶକ୍ତିଶାଳୀ ଚାଇନାକୁ ଭାରତ କଡା ଟକ୍କର ଦେଇଥିଲା। ତଥାପି ମ୍ୟାଚ୍ ୨-୨ରେ ଡ୍ର ରହିଥିଲା। ଏବେ ଭାରତ ୬-୧ରେ ଦକ୍ଷିଣ ଆଫ୍ରିକାକୁ ହରାଇଛି। ଶେଷ ମ୍ୟାଚ୍ରେ ଭାରତୀୟ ମହିଳା ଦଳ ନ୍ୟୁଜିଲ୍ୟାଣ୍ଡକୁ ଭେଟିବ।



ଆଜିର ମ୍ୟାଚ୍ ଆରମ୍ଭରୁ ଭାରତୀୟ ଟିମ ଦବଦବା ଦେଖାଇଥିଲା। ମାତ୍ର କିଛି ମିନିଟ ମଧ୍ୟରେ ସୁନେଲିତା ଟପ୍ପ ଦେଶ ପାଇଁ ଗୋଲର ଶୁଭାରମ୍ଭ କରିଥିଲେ। ଏହାପରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଅଭିଜ୍ଞ ନବନୀତ କୌର ଗୋଲରେ ପରିଣତ କରି ସ୍ଥିତିକୁ ୨-୦ କରି ଦେଇଥିଲେ। ପ୍ରଥମ କ୍ୱାର୍ଟରରେ ଦଳ ୨ଟି ଗୋଲ ଦେଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ସୁଶିଲା ଚାନୁ ଏକମାତ୍ର ଗୋଲ କରିଥିଲା। ହାଫ ଟାଇମ ସୁଦ୍ଧା ଭାରତ ୩-୦ରେ ଲିଡ୍ ନିଜ ପାଖରେ ରଖିଥିଲା। ତୃତୀୟ କ୍ୱାର୍ଟରେ ଆକ୍ରମଣକୁ ଆହୁରି ଜୋରଦାର କରିଥିଲା ଭାରତୀୟ ଟିମ। ଏହି କ୍ୱାର୍ଟରରେ ମୋଟ ୩ଟି ଗୋଲ ହୋଇଥିଲା। ଦୀପିକା, ଲାଲରେମସିଆମି ହମାରଜୋଟେ ଓ ସାକ୍ଷୀ ରାଣା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୪ର୍ଥ କ୍ୱାର୍ଟର ଆରମ୍ଭ ହେବା ବେଳକୁ ଦକ୍ଷିଣ ଆଫ୍ରିକା ୦-୬ରେ ପଛରେ ଥିଲା। ତଥାପି ଦଳ ଆକ୍ରମଣ କରିବାକୁ ପଛାଇ ନଥିଲା। ମ୍ୟାଚ୍ ଶେଷ ହେବାକୁ ମାତ୍ର ୬ ମିନିଟ ଥିବା ବେଳେ ଦକ୍ଷିଣ ଆଫ୍ରିକାକୁ ମିଳିଥିଲା ପିସି। ଏହାକୁ କାୟାଲା ଡେୱାଲ ଗୋଲରେ ପରିଣତ କରି ବିଶ୍ୱକପରେ ଦକ୍ଷିଣ ଆଫ୍ରିକା ପାଇଁ ଖାତା ଖୋଲିଥିଲେ। ଏହାପରେ ଭାରତ କାଉଣ୍ଟର ଆଟାକ କରିଥିଲା। ହେଲେ ଦକ୍ଷିଣ ଆଫ୍ରିକାର ଡିଫେନ୍ସ ଏହାକୁ ଅଟକାଇବାକୁ ସକ୍ଷମ ହୋଇଥିଲା। ଶେଷରେ ଭାରତୀୟ ଟିମ ୬-୧ରେ ମ୍ୟାଚ୍ ଜିତି ନେଇଛି।

## ଓପି ଜିନ୍ଦଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ବରଗଡ଼କୁ ହରାଇ କୁଚିଣ୍ଡା ଚାମ୍ପିୟନ୍

ଅନୁଗୋଳ,୧୮।୮(ଏଜେନ୍ସି): ସ୍ଥାନିୟ କଦମ ପଡିଆ ରେ ଗତ ୭ ତାରିଖରୁ ଚାଲିଥିବା ଓ .ପି. ଜିନ୍ଦଲ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ରେ କୁଚିଣ୍ଡା ବରଗଡ଼ କୁ ପେନାଲଟି ସୁଟ୍ ଆଉଟ୍ ୫-୪ ରେ ପରାସ୍ତ କରି ଚମ୍ପିଆନ ହୋଇଛି। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ପରସ୍ପରକୁ ଦୁଇଟି ଲେଖାଏଁ ଗୋଲ୍ ଦେଇଥିଲେ । ଆଲୋକ ଏକ୍କା ଶ୍ରେଷ୍ଠ ଗୋଲ କିପର, ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ରୂପେ ସମୀର ପ୍ରଧାନ ଏବଂ ଟୁର୍ଣ୍ଣାମେଣ୍ଟ ର ଶ୍ରେଷ୍ଠ ଖେଳାଳି ରୂପେ ଚିନି କିଷାନ୍ ପୁରସ୍କୃତ ହୋଇଥିଲେ। ଶିବ ଶଙ୍କର ପଣ୍ଡା ଖେଳ ପରିଚାଳନା କରିଥିଲେ। ଉଦଜାପନୀ ଦିବସରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ନଗରପାଳ ଅକ୍ଷୟ କୁମାର ସାମନ୍ତ,




ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସେଠ , ଜିନ୍ଦଲ ର ଭାଇସ ପ୍ରେସିଡେଣ୍ଟ ସିଏସଆର ରିଶି ପଠାନିଆ, ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର୍ ଝା, ଜେଲ ସୁପରିନଟେଣ୍ଡେଣ୍ଟ ପ୍ରଦୀପ୍ତ କୁମାର ବେହେରା, ଜିନ୍ଦଲ ଇଭିପି ପି କେ ପଣ୍ଡା ଏବଂ ଜିଏମ ସିଏସଆର ଜୟନ୍ତ ମହାନ୍ତି , ଜିଏମ ମାଇଁନସ୍ ଆଶୁତୋଷ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଚମ୍ପିଆନ କୁଚିଣ୍ଡା ଦଳକୁ ଅତିଥି ମାନେ ନଗଦ ୭୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନସଅପ ବରଗଡ଼ ଦଳକୁ ନଗଦ ୫୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## ଅଷ୍ଟ୍ରେଲିଆ ଟିମ୍କୁ ଫାଇନ୍

ନୂଆଦିଲ୍ଲୀ,୧୮।୦୮; କ୍ରିକେଟ ଇତିହାସରେ ପ୍ରଥମ ଥର ପରାଜୟ, ଫାଇନ୍ ଏବଂ ବାଦ ପଡିବ ବଡ଼ ଦଳ । ବିଶ୍ୱ ବିଜୟୀ ଅଷ୍ଟ୍ରେଲିଆର ଅବସ୍ଥା ଏବେ ଶୋଚନୀୟ । ଡାରୱିନରେ ବାଂଲାଦେଶଠାରୁ ପ୍ରଥମ ଟେଷ୍ଟ ହାରିବା ପରେ ଦଳର ପ୍ରଦର୍ଶନ ଉପରେ ପ୍ରଶ୍ନ ଉଠିଛି । ଡାରୱିନରେ ବାଂଲାଦେଶ ଅଷ୍ଟ୍ରେଲିଆକୁ ୯ ୱିକେଟରେ ମାତ୍ ଦେଇଥିଲା । ପ୍ରଥମ ଥର ପାଇଁ କଙ୍ଗାରୁ ଟିମ୍ ଘରୋଇ ମାଟିରେ ବାଂଲାଦେଶ ବିପକ୍ଷରେ ଟେଷ୍ଟ ମ୍ୟାଚ୍ ହାରିବା ପରେ ଦଳର ଖେଳାଳିଙ୍କ ଉପରେ ପ୍ରଶ୍ନ ଉଠୁଛି । ପ୍ୟାଟ୍ କମିନ୍ସଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆର ଅଡୁଆ ଏହିଠାରେ ସରିନାହିଁ । ବର୍ତ୍ତମାନ ଅନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ୍ ବା ଆଇସିସି ଦ୍ୱାରା ବିପଦରେ ପଡିଛି ।

ସ୍ଲୋ ଓଭର ବୋଲିଂ ପାଇଁ ଯଦି ଅଷ୍ଟ୍ରେଲିଆ ଟିମ୍ ଦୋଷୀ ସାବ୍ୟସ୍ତ ହୁଏ ତେବେ ଖେଳାଳିଙ୍କ ମ୍ୟାଚ୍ ଫିସ୍ କଟିବା ସହିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲୁଟିସି)ର ପଏଣ୍ଟ ବି ହରାଇପାରେ । ମାମଲା ଟେଷ୍ଟ ମ୍ୟାଚର ତୃତୀୟ ଦିନର । ଅଷ୍ଟ୍ରେଲିଆ ପୁରା ଦିନ ମାତ୍ର ୮୬ ଓଭର ବୋଲିଂ କରିଥିଲା । ସାଧାରଣତଃ ଗୋଟିଏ ଦିନ ୯୦ ଓଭର ବୋଲିଂ କରିବାକୁ ପଡିଥାଏ । ଆୟୋଜକ ଟିମ୍ ନିର୍ଦ୍ଧାରିତ ଓଭରରୁ ୪ ଓଭର କମ୍ ବୋଲିଂ କରିଥିଲା । ଚତୁର୍ଥ ଦିନ ମୁକାବିଲା ଟି-ବ୍ରେକ୍ ?ରେ ସରିଥିଲା । ତୃତୀୟ ଦିନର ସ୍ଲୋ ଓଭର ରେଟ୍ ବୋଲିଂକୁ ଅଣଦେଖା କରାଯାଇପାରିବ ନାହିଁ । ମ୍ୟାଚ୍ ରେଫରୀ ପରିସ୍ଥିତି ଏବଂ ବିଳମ୍ବକୁ ନେଇ ଅନ୍ତିମ ନିଷ୍ପତ୍ତି ନେବେ । ଯଦି ନିଷ୍ପତି ଅଷ୍ଟ୍ରେଲିଆ ବିରୋଧରେ ଯାଏ ତେବେ, ଅଷ୍ଟ୍ରେଲିଆ ପ୍ଲେୟାରଙ୍କୁ ଆର୍ଥିକ ବୋଝ ଉଠାଇବାକୁ ପଡିପାରେ । ନିୟମ ଅନୁସାରେ ମୋଟା ଜରିମାନ ଗଣିପାରନ୍ତି ଖେଳାଳି । ମ୍ୟାଚ୍ ଫିର ୨୦ ପ୍ରତିଶତ କଟିପାରେ । ପୁରା ପ୍ଲେଇଂ ଏକାଦଶକୁ ପ୍ରାୟ ୪୪ ହଜାର ଡଲାର ଜରିମାନ ଗଣିବାକୁ ପଡିପାରେ ।

# ମା'ଙ୍କ ନିଧନରେ ଭାଙ୍ଗି ପଡ଼ିଲେ ନୀତିଶ ରାଣା

## ଅର୍ଦ୍ଧଶତକ ପରେ ରୋକିପାରିଲେନି କୋହ

ମୁମ୍ବାଇ,୧୮/୮ : ମା', ଏହି ଶବ୍ଦଟି ହିଁ ଯଥେଷ୍ଟ , ହୃଦୟକୁ ଛୁଇଁଯିବା ପାଇଁ । ମା'ର ମମତାର ଗଭୀରତାକୁ ଶବ୍ଦରେ ବାନ୍ଧିବା ସମ୍ଭବ ନୁହେଁ । ନିଜେ ଦୁଃଖ ସହି ଯିଏ ଆମ ଓଠରେ ହସ ଫୁଟାଇଥାଏ, ସେ ହେଉଛି ମା'। ଯିଏ ଯେତେ ବଡ଼ ସ୍ଥାନରେ ଥାଉ ଫରକ ପଡ଼ିବନି କିଛି । ଠିକ୍ ଏଭଳି ଏକ ଦୃଶ୍ୟ ଆଜି ସମସ୍ତଙ୍କୁ ଭାବ ବିହ୍ୱଳ କରିଦେଇଛି । କ୍ରିକେଟ ପଡ଼ିଆର ଏହି ଦୃଶ୍ୟ ଆଜି ସମସ୍ତଙ୍କ ଆଖିକୁ ଛଳ ଛଳ କରିଦେଇଛି ।

ଭାରତୀୟ କ୍ରିକେଟର ନୀତିଶ ରାଣା । ସେ ତାଙ୍କ ମା'ଙ୍କୁ ମନେ ପକାଇ ମଝି ପଡ଼ିଆରେ କାନ୍ଦିବାକୁ ଲାଗିଥିଲେ । ଯାହା ଏବେ ସୋସିଆଲ ମିଡ଼ିଆରେ ଖୁବ୍ ଚର୍ଚ୍ଚା ହେଉଛି । ଦିଲ୍ଲୀ ପ୍ରିମିୟର ଲିଗର ଏହି ମ୍ୟାଚ୍ ବହୁତ ଭାବୁକ କରିଦେବା ଭଳି ରହିଛି । ମା'ଙ୍କ ନିଧନର କିଛି ଦିନ ପରେ ମେ ?ଦାନକୁ ଓହ୍ଲାଇଥିବା ରାଣା ଶାନଦାର ଅର୍ଦ୍ଧଶତକ ଲଗାଇଛନ୍ତି । କିନ୍ତୁ ୫୦ରନ୍ ପୂରା କରିବା ପରେ ସେ ତାଙ୍କ ଭାବନାକୁ କାବୁ କରିପାରନଥିଲେ । ସେ ଆକାଶ ପଟକୁ ଚାହିଁ ନିଜ ଦିବଙ୍ଗତ ମା'ଙ୍କୁ ମନେ ପକାଇଛନ୍ତି ଏବଂ ମେ ?ଦାନରେ ହିଁ କାନ୍ଦିବାକୁ ଲାଗିଛନ୍ତି।

ବେଷ୍ଟ ଦିଲ୍ଲୀ ଲାୟନ୍ସ ପକ୍ଷରୁ ଖେଳୁଥିବା ନୀତିଶ ରାଣା ଆକ୍ରମକ ଅନ୍ଦାଜରେ ବ୍ୟାଟିଂ କରିଛନ୍ତି । ସେ ୩୩ବଲରେ ୬୦ରନର ପାଳି ଖେଳିଛନ୍ତି । ଯେଉଁଥିରେ ୪ ଚେ ?କା ଏବଂ ୬ ଛକ୍କା ସାମିଲ ରହିଛି । ରାଣା କେବଳ ୨୭ବଲରେ ନିଜ ଅର୍ଦ୍ଧଶତକ ପୂରା କରିଛନ୍ତି । ଯେଭଳି ଭାବେ ସେ ଏହି ଉପଲବ୍ଧି ହାସଲ କରିଛନ୍ତି ରାଣା ବ୍ୟାଟ୍ ଧରି ଉପରକୁ ଚାହିଁଥିଲେ । ଏହାପରେ ତାଙ୍କ ଆଖିରେ ଲୁହ ବାହାରି ପଡ଼ିଥିଲା । ସେ କିଛି ସମୟ ଲାଗି ସମ୍ପୂର୍ଣ୍ଣ ଭାବେ ଭାବୁକ ହୋଇଯାଇଥିଲେ ଏବଂ ନିଜ ମା'ଙ୍କୁ ମନେ ପକାଇ ମୈଦାନରେ କାନ୍ଦିବାକୁ ଲାଗିଥିଲେ । ବିପକ୍ଷ ଟିମର ଖେଳାଳୀ ଏବଂ ଅମ୍ପାୟର ବି ତାଙ୍କ ପାଖରେ ପହଞ୍ଚି ତାଙ୍କୁ ସମ୍ଭାଳିବାକୁ ଚେଷ୍ଟା କରିଥିଲେ । ନୀତିଶ ରାଣା ଏହି ମ୍ୟାଚରେ ନିଜ ମା'ଙ୍କୁ ଖାସ୍ ଅନ୍ଦାଜରେ ମନେ ପକାଇଛନ୍ତି । ତାଙ୍କ ଜର୍ସି ପଛରେ ତାଙ୍କ ମା'ଙ୍କ ନାମ 'N.Satish' ଲେଖା ହୋଇଥିଲା । ଏଥିରୁ ସ୍ପଷ୍ଟ ଜଣାପଡ଼ିଥିଲା କି ଏହି ଅସୁବିଧା ସମୟରେ ବି ତାଙ୍କ ମା' ତାଙ୍କ ସହ ଥିଲେ । ରାଣାଙ୍କ ସ୍ତ୍ରୀ ସାଚୀ ମାରୱାହ ବି ସୋସିଆଲ ମିଡ଼ିଆରେ ତାଙ୍କ ଭାବୁକ ପାଳି ପରେ ପ୍ରତିକ୍ରିୟା ଦେଇଛନ୍ତି । ସେ ଲେଖିଛନ୍ତି, 'Mumma is here with you' । ଏହି ବାର୍ତ୍ତା ରାଣା ଲାଗି ଏହି କଷ୍ଟକର ସମୟରେ ଭାବପ୍ରବଣ ସମର୍ଥନ ଯୋଗାଇବା ଭଳି ରହିଛି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982